

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୬ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 16 DECEMBER 2020
Vol.No. 30 ■ No. 318 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଉଛି ପୂଜାସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୨ (ନି.ପ୍ର): ରାଜ୍ୟ ସରକାର ଶ୍ରୀଜଗନ୍ନାଥ ଆଇନ, ୧୯୫୫ ଅନୁଯାୟୀ ପ୍ରଭୁ ଲିଙ୍ଗରାଜ ମନ୍ଦିର ପାଇଁ ଏକ ଅଧ୍ୟାଦେଶ ଆଣିଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିର, ଯାଜପୁରର ମା' ବିରଜା ମନ୍ଦିର, ଗଞ୍ଜାମର ମା' ତାରା ତାରିଣୀ ମନ୍ଦିର ଏବଂ ନୟାଗଡ଼ର କଂଟିଲୋ ଶ୍ରୀନୀଳମାଧବ ମନ୍ଦିର ପାଇଁ ସମାନ ଅଧ୍ୟାଦେଶ ପ୍ରଣୟନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡିଶାରେ ଥିବା ମନ୍ଦିର ଗୁଡିକ ଲୋକଙ୍କ ଧାର୍ମିକ ଭାବନା ଏବଂ ଭାବାବେଗ ସହ ଜଡିତ । ଉପରୋକ୍ତ ଧାର୍ମିକ ପୀଠ ଗୁଡ଼ିକ ସହ ରାଜ୍ୟବାସୀଙ୍କ ବୃହତ ସାମାଜିକ ଓ ସାଂସ୍କୃତିକ ଭାବାବେଗ ମଧ୍ୟ ଯୋଡି ହୋଇରହିଛି । ତ୍ରୟୋଦଶ ଶତାବ୍ଦୀରେ ଶାରଦୀୟ ପୂଜା ଅବସରରେ ବିରଜା ମନ୍ଦିରର ରଥଯାତ୍ରା ପାଇଁ ଭିନ୍ନ ସ୍ୱତନ୍ତ୍ରତା ରହିଛି । ସେହିପରି ଅବିଭକ୍ତ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ମା' ସମଲେଶ୍ୱରୀ ଓ ସମଲେଇ ମା'ଙ୍କ ମନ୍ଦିରକୁ ବର୍ଷତମାମ ଲକ୍ଷାଧିକ ଶ୍ରଦ୍ଧାଳୁ ଦର୍ଶନ କରିବାକୁ ଆସିଥାନ୍ତି । ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ଏହି ମା'ଙ୍କ ପୀଠରେ ଅଧିକସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶନ କରିବାକୁ ଆସିଥାନ୍ତି । ଏହାବ୍ୟତିତ ତାରାତାରିଣୀ ମନ୍ଦିର ଦେଶର ସର୍ବପୁରାତନ ଚାରି ଶକ୍ତିପୀଠ ମଧ୍ୟରେ ଅନ୍ୟତମ । ହିନ୍ଦୁ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ଏହି ପୀଠ ସର୍ବବିଦିତ । ଏଠାରେ ଆୟୋଜିତ ହେଉଥିବା ଚୈତ୍ର ମେଳା ବେଶ୍ ପ୍ରସିଦ୍ଧ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଂଟିଲୋ ନୀଳମାଧବ ଜଗନ୍ନାଥ ଉପାସନା ଅନୁସରଣକାରୀ ଏବଂ ଓଡ଼ିଶାର ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ପାଇଁ ଶ୍ରଦ୍ଧେୟ ମନ୍ଦିର ଭାବରେ ବେଶ୍ ପରିଚିତ । ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଅବସ୍ଥିତ ଉପରୋକ୍ତ ମନ୍ଦିର ଆଧ୍ୟାତ୍ମିକ ଏବଂ ଭକ୍ତିର ଅଜ୍ଞାତ ସମ୍ପତିଭାବରେ ପରିଗଣିତ ।

▶▶ପୃଷ୍ଠା ୭

# ଏମଏସଏମଇ ପାଇଁ ୨୮୯.୪୨ କୋଟି ଟଙ୍କା ପ୍ୟାକେଜ ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫।୧୨ (ନି.ପ୍ର): ରାଜ୍ୟରେ ମହାମାରୀ ପରିସ୍ଥିତିର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏମଏସଏମଇ ଗୁଡିକର ସୁବିଧା ପାଇଁ ୨୮୯.୪୨ କୋଟି ଟଙ୍କା ପ୍ୟାକେଜ ଘୋଷଣା କରିଛନ୍ତି । ପ୍ୟାକେଜ ଭିତରେ ସୁଧ ରିହାତି, ଟପ୍ଅପ୍ ସବସିଡି ଆଦି ଅନ୍ତର୍ଭୁକ୍ତ ରହିଛି । ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ଉଦ୍ୟୋଗୀ ମୁଖ୍ୟତଃ ମହିଳା ଏବଂ ଦୁର୍ବଳ ଶ୍ରେଣୀର ଶିଳ୍ପୋଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି । ମହିଳାମାନଙ୍କ ଦ୍ୱାରା ଚାଲୁଥିବା ୪୦% ଏମଏସଏମଇ ପାଇଁ ୧୦୮ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥା ଅନୁଯାୟୀ, ଆବଦକାଳୀନ ଋଣ ପ୍ରଦାନ ନିଶ୍ଚିତ ଯୋଜନା (ଇସିଏଲ୍‌ଜିଏସ୍)ରେ ପ୍ରାୟ ଏକ ଲକ୍ଷ ୭୦ ହଜାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସୁଧଛାଡ଼ର ସୁବିଧା ପାଇପାରିବେ । ପ୍ରଧାନ ମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ୨୦୨୦-୨୧ ଆର୍ଥିକ ବର୍ଷ ନିମନ୍ତେ ନିୟମାନୁସାରେ ପ୍ରମୋଟର ଦେୟ ଭାବରେ ଦୁର୍ବଳ ଶ୍ରେଣୀଙ୍କୁ ୫ ପ୍ରତିଶତ ଟପ୍ଅପ୍ ସବ୍‌ସିଡି ଦିଆଯାଇଥାଏ । ଏହି ଅବଶ୍ୟକତା ପୂରଣ କରିବା ପାଇଁ ୨୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହା ଫଳରେ ମହାମାରୀ ସଂକଟର ସମ୍ମୁଖୀନ ହେଉଥିବା ଦୁର୍ବଳ ଶ୍ରେଣୀ (ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଓବିସି/ ସଂଖ୍ୟାଲଘୁ/ମହିଳା/ଭିନ୍ନକ୍ଷମ/ ପୂର୍ବତନ ସେନା କର୍ମଚାରୀ)ମାନେ ବହୁଭାବରେ ଉପକୃତ ହେବେ । ପିଏମ୍‌ଏଫ୍‌ଏମ୍‌ଇ କେନ୍ଦ୍ରୀୟ ଯୋଜନା ଅଧୀନରେ ଯେଉଁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକ ୬୦:୪୦ ଅନୁପାତରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଚଳିତ ଆର୍ଥିକ ବର୍ଷରେ ୧୫ ପ୍ରତିଶତ ଅତିରିକ୍ତ ଟପ୍ଅପ୍ ସବ୍ ସିଡି ଦିଆଯିବ । ଏଥିରେ ଏକ ହଜାର ଉଦ୍ୟୋଗ ଉପକୃତ ହେବେ । ଏହି ଯୋଜନାରେ ୧୦ କୋଟି ଟଙ୍କା ପ୍ରଦାନ କରାଯିବ । ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା କୋଭିଡ୍ ସହାୟତା ପ୍ୟାକେଜ୍ ? ର ମଧ୍ୟ ନାନୋ ଓ ଅଣୁ ଉଦ୍ୟୋଗଗୁଡ଼ିକୁ ସୁବିଧା ମିଳିବ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଜରିଆରେ ୧୦୦ କୋଟି ଟଙ୍କାର ସହାୟତା ଏବେ ଯୋଗାଇ ଦିଆଯିବ ।

# ଆସନ୍ତା ୨୭ରୁ ଖୋଲିବ ଲିଙ୍ଗରାଜ ମନ୍ଦିର

■ ଜାନୁଆରୀ ୩ରୁ ୫ ଯାଏଁ ରାଜଧାନୀ ବାସିନ୍ଦା, ୬ ରୁ ରାଜ୍ୟବାସୀ କରିପାରିବେ ଦର୍ଶନ
■ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇ ମନ୍ଦିରକୁ ପ୍ରବେଶ କରିବେ ଭକ୍ତ



ଭୁବନେଶ୍ୱର, ୧୫।୧୨ (ନି.ପ୍ର): ଆସନ୍ତା ଡିସେମ୍ବର୨୭ ତାରିଖରୁ ଲିଙ୍ଗରାଜ ମନ୍ଦିର ଖୋଲିବ । ୨୭ ତାରିଖରୁ ୩୧ ତାରିଖ ଯାଏଁ କେବଳ ସେବାୟତଙ୍କ ପରିବାର ଦର୍ଶନ କରିପାରିବେ । ଜାନୁଆରୀ ୧ ଓ ୨ରେ ଲିଙ୍ଗରାଜ ମନ୍ଦିର ବନ୍ଦ ରହିବ । ୩ରୁ ୫ ତାରିଖ ଯାଏଁ ରାଜଧାନୀ ବାସିନ୍ଦାଙ୍କୁ ଦର୍ଶନ ଅନୁମତି ମିଳିବ । ଜାନୁଆରୀ ୬ ତାରିଖରୁ ରାଜ୍ୟବାସୀ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିପାରିବେ ବୋଲି ବିଏମସି କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇବା ପରେ ମନ୍ଦିର ମଧ୍ୟକୁ ପ୍ରବେଶ ଅନୁମତି ମିଳିବ । ଟେଷ୍ଟ ରିପୋର୍ଟ ୪ ଦିନ ପୂର୍ବର ହୋଇଥିବ । ମନ୍ଦିର ପରିସରରେ ଏକା ସହ ୫୦୦ ଲୋକ ରହିପାରିବେ । ମନ୍ଦିର ବାହାରେ ସକାଳ ୭ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସ୍କ୍ରିନିଂ କ୍ୟାମ୍ପ୍ ଲଗାଯିବ ବୋଲି ସେ କହିଛନ୍ତି । ସାନିଟାଇଜର , ମାସ୍କ ଓ ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦିଆଯିବ । ଉଲ୍ଲେଖ୍ୟଯୋଗ୍ୟ ଯେ ମଙ୍ଗଳବାର ଅପରାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିବା ନେଇ ବିଏମସି ଅଫିସରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ତିନି ନିଯୋଗ ଅଧିକାରୀ, ପୋଲିସ ଅଧିକାରୀ, ମନ୍ଦିର କାର୍ଯ୍ୟାଳୟ ଅଧିକାରୀ, ଉପଜିଲ୍ଲାପାଳ, ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ, ଦେମୋତର ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା ।

# ମନୋଜ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପାଇଁ ପଣ୍ଡିଚେରୀ ଗଲା ଡାକ୍ତରୀ ଟିମ୍



ଭୁବନେଶ୍ୱର, ୧୫।୧୨ (ନି.ପ୍ର): ସାହିତ୍ୟିକ ପଦ୍ମଭୂଷଣ ମନୋଜ ଦାସଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଅଧିକ ଅନୁସନ୍ଧାନ କରିବା ଲାଗି ରାଜ୍ୟ ସରକାରଙ୍କ ଏକ ଟିମ୍ ପଣ୍ଡିଚେରୀ ଗସ୍ତରେ ଯାଇଛି । ଡ. ବିରଂଚି ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ମନୋଜ ଦାସ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିବା ସହ ସେଠାକାର ଡାକ୍ତରୀ ଟିମ୍ ସହ ଆଲୋଚନା କରିଛନ୍ତି । ଅପରାହ୍ନରେ ରାଜ୍ୟ ସରକାରଙ୍କୁ ବିସ୍ତୃତ ରିପୋର୍ଟ ଦେବେ ବୋଲି ଡିଏମଇଟି ସିବିକେ ମହାନ୍ତି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ମନୋଜ ଦାସଙ୍କୁ ପଣ୍ଡିଚେରୀ ସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମର ନର୍ସିଂହୋମ୍ ରେ ଚିକିତ୍ସା କରାଯାଉଛି । ତାଙ୍କ ସ୍ୱାସ୍ଥ୍ୟ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ର ସରକାର ଜବାହରଲାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚର ୪ ଜଣିଆ ଡାକ୍ତରୀ ଟିମ୍ ପୁଡୁଚେରୀ ପଠାଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

ଭୁବନେଶ୍ୱର, ୧୫।୧୨ (ନି.ପ୍ର): ରାଜ୍ୟରେ ଖାଲି ପଡିଥିବା ନର୍ସିଂ ପଦବୀକୁ ପୂରଣ କରିବାକୁ ପଦକ୍ଷେପ ନେଇ ସେଥିରେ କରୋନା ମହାମାରୀ ସମୟରେ ସେବା ପ୍ରଦାନ କରିଥିବା ନର୍ସିଂଗ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବାକୁ ଦାବି କରିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଏ ସମ୍ପର୍କିତ ପତ୍ର ଲେଖି ସେ ଉପରୋକ୍ତ ଦାବି କରିଛନ୍ତି ।

▶▶ପୃଷ୍ଠା ୭

# ଜାନୁଆରୀ ୩ରୁ ଖୋଲିପାରେ ଧାର୍ମିକ ଅନୁଷ୍ଠାନ

## ହେବନି ଜିରୋ ନାଇଟ୍ ସେଲିବ୍ରେସନ୍



ଭୁବନେଶ୍ୱର, ୧୫।୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୩ ତାରିଖରୁ ରାଜଧାନୀ ଭୁବନେଶ୍ୱରରେ ଥିବା ଧାର୍ମିକ ଅନୁଷ୍ଠାନ ଗୁଡିକ ଖୋଲିପାରିବ । ତେବେ ଏଥିପାଇଁ ସମ୍ପୃକ୍ତ ଅନୁଷ୍ଠାନର ପରିଚାଳନା କମିଟି ପୂର୍ବରୁ ଅଣ୍ଡରଟେକିଂ ଲେଖିକରି ଦେବେ । ସେହିପରି ଆସନ୍ତା ୨୫ ତାରିଖରେ ବଡ଼ଦିନ ଅବସରରେ ଚର୍ଚ୍ଚ ଖୋଲିବା ପାଇଁ ସ୍ୱତନ୍ତ୍ର ଅନୁମତି ମିଳିବ ବୋଲି କହିଛନ୍ତି ଭୁବନେଶ୍ୱର ମହାନଗର ନିଗମ କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ । ମଙ୍ଗଳବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଧର୍ମ ଅନୁଷ୍ଠାନ ଗୁଡିକର ପରିଚାଳନା କମିଟି କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରିବା ସମ୍ପର୍କରେ ଅଣ୍ଡଟେକିଂ ଦେବା ପରେ ସେମାନଙ୍କୁ ଅନୁମତି ମିଳିପାରିବ । ଅନୁଷ୍ଠାନର ପିରସରକୁ ଦେଖି କେତେ ଲୋକ ଉପସ୍ଥିତ ରହିପାରିବେ ସେ ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି । ସେହିପରି ଏବର୍ଷ ଜିରୋ ନାଇଟ ସେଲିବ୍ରେସନ ହେବନି କମିଶନର କହିଛନ୍ତି । ବର୍ତମାନର ଗାଇଡଲାଇନ ଅନୁସାରେ ୩୧ ରାତି ଉତ୍ସବ ମନା କରାଯାଇଛି ।

# ୧ମ ପର୍ଯ୍ୟାୟରେ ୩ ଲକ୍ଷ ୨୦ ହଜାର ଲୋକଙ୍କୁ ଦିଆଯିବ କରୋନା ଟୀକା




ଭୁବନେଶ୍ୱର, ୧୫।୧୨ (ନି.ପ୍ର): କରୋନା ଟିକାକରଣ ପାଇଁ ରାଜ୍ୟ ସରକାର ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ନିର୍ବାଚନ ମଡେଲ ଭଳି ରାଜ୍ୟରେ ହେବ ଟିକାକରଣ । ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୨୦ ହଜାର ଲୋକଙ୍କୁ ଦିଆଯିବ ଟିକା । ଏଥିଲାଗି ୨ ଲକ୍ଷ ୯ ହଜାର ୨୭୬ ଟିକାକରଣ ସ୍ଥାନ ଚିହ୍ନଟ ହୋଇଛି । ଟିକାକରଣରେ ୮, ୨୭୬ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହେବେ । ଏହି ପ୍ରକ୍ରିୟାରେ ସାମିଲ୍ ହେବାକୁ ଯାଉଥିବା ସମସ୍ତଙ୍କର ଡାଟା ଅପଲୋଡ଼ ସରିଛି । ଟିକାକରଣ ପାଇଁ ୧ ହଜାର ୨୨୨ କୋଲଡ୍ ଚେନର ବ୍ୟବସ୍ଥା କରାଯାଇଛି । ଟିକା ନେବା ଆଣିବା ପାଇଁ ୧୭୯୬ ଆଇଏଲଆର ଓ ୧୭୭୧ ଡିପଫ୍ରିଜରର ବ୍ୟବସ୍ଥା ରହିଛି । ତେବେ ପ୍ରଥମେ ସ୍ୱାସ୍ଥ୍ୟକର୍ମୀ ଓ ବରିଷ୍ଠ ନାଗରିକଙ୍କୁ ଟିକା ପ୍ରଦାନ କରାଯିବାକୁ ନିଷ୍ପତି ହୋଇଥିବା ଡିଏମଇଟି ସିବିକେ ମହାନ୍ତି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଥିଲାଗି ଗୋଟିଏ ରାଜ୍ୟସ୍ତରୀୟ ଟିକାକରଣ ଷ୍ଟୋର ନିର୍ମାଣ କରାଯାଇଥିବା ବେଳେ ୯ଟି ଆଂଚଳିକ ଓ ୩୨ଟି ଜିଲ୍ଲାସ୍ତରୀୟ ଟିକାକରଣ ଷ୍ଟୋର ପ୍ରସ୍ତୁତ କରାଯାଇଛି ।

▶▶ପୃଷ୍ଠା ୭

# ଏସ୍ ମୂରଲୀଧର ହେବେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି !



ନୂଆଦିଲ୍ଲୀ /ଭୁବନେଶ୍ୱର, ୧୫।୧୨ (ନି.ପ୍ର): ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାରପତି ହେବେ ଜଷ୍ଟିସ୍ ଏସ୍ .ମୂରଲୀଧର । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ଜଷ୍ଟିସ୍ ମୂରଲୀଧରଙ୍କ ନାମ ସୁପାରିଶ କରାଯାଇଛି । ସେ ଏବେ ପଞ୍ଜାବ ଓ ହରିୟାନା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି । ସେହିପରି ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ହିମା କୋହଲିଙ୍କ ନାମ ସୁପାରିଶ କରିଛି ସୁପ୍ରିମକୋର୍ଟ କଲେଜିୟମ୍ । ସୂଚନାଯୋଗ୍ୟ ଯେ ୧୯୮୪ରେ ଚେନ୍ନାଇରେ ଓକିଲାତି ଆରମ୍ଭ କରିଥିଲେ ଜଷ୍ଟିସ ମୂରଲୀଧର ।

▶▶ପୃଷ୍ଠା ୭

## ବିଭିନ୍ନ ଜୀବିକା ଯୋଜନାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସବୁ ଜିଲ୍ଲାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଯୋଜନା ଏବଂ ସହରାଂଚଳ ରୋଜଗାର ଯୋଜନା ଆଦିର କାର୍ଯ୍ୟକାରୀତା ସଂପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡ ମହାମାରୀ ଭଳି ଦୁଃସମୟରେ ଗରିବ ଲୋକଙ୍କ ପାଇଁ ରୋଜଗାର ସୁନିଶ୍ଚିତ କରିବା ସରକାରଙ୍କର ପ୍ରାଥମିକତା । ରୋଜଗାର ଅଭାବରୁ ଯେପରି ଗୋଟିଏ ବି ପରିବାର କଷ୍ଟ ନ ପାଏ, ସେଥିପ୍ରତି ଧ୍ୟାନ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି । ଏମଜିନରେଗା ସହିତ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା ସହରାଂଚଳ ରୋଜଗାର ଯୋଜନା ଜରିଆରେ ଗରିବ ଲୋକଙ୍କୁ ବ୍ୟାପକ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଏହି ଦୁଇ କାର୍ଯ୍ୟକ୍ରମ ଜରିଆରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦ କୋଟି ମାନବ ଦିବସ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଜରିଆରେ ଜୀବିକା ଅର୍ଜନ କରୁଥିବା ଗରିବ ଲୋକମାନଙ୍କ ମଜୁରୀ ପାଇବାରେ ବିଳମ୍ବ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ସତର୍କ କରାଇ ଦେଇଛନ୍ତି ।

▶▶ପୃଷ୍ଠା ୭

# ୨ ଦିନିଆ ରିମାଣ୍ଡରେ ଗଲେ ପ୍ରଦୀପ ପାଣିଗ୍ରାହୀ



ଭୁବନେଶ୍ୱର, ୧୫।୧୨ (ନି.ପ୍ର): ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ୨ ଦିନିଆ ରିମାଣ୍ଡରେ ନେଇଛି କ୍ରାଇମବ୍ରାଂଚ ଏସ୍‌ଆଇଟି । ପ୍ରଦୀପଙ୍କୁ ରିମାଣ୍ଡରେ ନେବା ପାଇଁ ଗତକାଲି କ୍ରାଇମବ୍ରାଂଚ ଆବେଦନ କରିଥିଲା । ଆଜି ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି । ମଙ୍ଗଳବାର ଦିନ ତାଙ୍କୁ ଝାରପଡ଼ା ଜେଲରୁ କଟକ କ୍ରାଇମବ୍ରାଂଚ ମୁଖ୍ୟାଳୟକୁ ନିଆଯାଇ ଆକାଶ ପାଠକଙ୍କ ସହ ମୁହାଁମୁହିଁ ଜେରା କରାଯାଇଥିବା ଜଣାପଡିଛି । ଟାଟା କମ୍ପାନୀରେ ଚାକିରି କରାଇଦେବାକୁ କହି ପ୍ରଦୀପ ଭାବୀ ଜ୍ୱାଇଁ ଆକାଶ ପାଠକଙ୍କ ସହ ମିଶି ଠକେଇ କରିଥିବା ଅଭିଯୋଗ ରହିଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ୪ ତାରିଖ ସନ୍ଧ୍ୟା ବେଳେ ପ୍ରଦୀପଙ୍କୁ କ୍ରାଇମବ୍ରାଂଚ ତାଙ୍କ ବାସଭବନରୁ ଗିରଫ କରିଥିଲା । ତାଙ୍କ ବିରୋଧରେ ଦଫା ୪୧୯, ୪୨୦, ୪୬୭, ୪୬୮, ୪୬୯, ୪୭୧, ୧୨୦ ବି, ଆଇଟି ଆକ୍ଟ ୨୦୦୦ର ଦଫା ୬୬ ସି ଓ ଡିରେ ମାମଲା ରୁଜୁ ହୋଇଥିଲା । ଟାଟା କମ୍ପାନୀରେ ଚାକିରି ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ନିଲମ୍ବିତ ଆଇଏଫଏସ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକଙ୍କ ନାମରେ ପାଣିଗ୍ରାହୀ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲେ ।

# ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ



ବାଲେଶ୍ୱର, ୧୫।୧୨ (ନି.ପ୍ର): ବାଲେଶ୍ୱର ସହରର ଅଙ୍ଗାରଗଡିଆ ରେଳ ଫାଟକ ଏଲ.ସି.-୮୦ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା । ରେଳ ଫାଟକଠାରୁ ଉଭୟ ପାର୍ଶ୍ୱରେ ଦୋକାନୀଙ୍କ ସମେତ ଅନ୍ୟାନ୍ୟ ବର୍ଗର ଲୋକେ ଜବର ଦଖଲରେ ରଖିଥିବା ସରକାରୀ ଜମିକୁ ପୂର୍ବରୁ ଚିହ୍ନଟ କରାଯାଇଥିଲା । ପୂର୍ବରୁ ହୋଇଥିବା ଘୋଷଣା ଅନୁସାରେ ପୂର୍ତ୍ତ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ଉଚ୍ଛେଦ କରାଯାଇଛି । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସଦର ତହସିଲଦାର ଅନ୍ୟା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଥିଲା । ଉଚ୍ଛେଦ ବେଳେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ, ଯନ୍ତ୍ରୀ ନଟବର ପ୍ରଧାନ, ଶିକ୍ଷାଞ୍ଚଳ ଆଇଆଇସି ମିନତି ବିଶ୍ୱାଳଙ୍କ ସମେତ ତହସିଲ ଅଫିସର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ରେଳ ଓଭରବ୍ରିଜ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ଶେଷ ହେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।

# ଶୋଭନୀୟ ବିଶ୍ୱ ୱେବ୍ ମହିଳା ସମ୍ମିଳନୀ ଉଦ୍‌ଘାଟିତ

## ମାତୃ ଜାତିର ଉତ୍‌ଥାନ ଦ୍ୱାରା ସମାଜ ଓ ଦେଶର ବିକାଶ ସମ୍ଭବପର : ବିଶ୍ୱଭୂଷଣ ହରିଚନ୍ଦନ

କଟକ/ଭୁବନେଶ୍ୱର/ବିଜୟୱାଡ଼ା/କାଲିଫର୍ଣ୍ଣିଆ/ଲଣ୍ଡନ,୧୫।୧୨ (ନି.ପ୍ର): ସମାଜ ଓ ସଭ୍ୟତାର ସୃଷ୍ଟି କର୍ତ୍ତା ମାତୃ ଜାତିର ଉତ୍‌ଥାନ ଦ୍ୱାରା ଦେଶର ବିକାଶ ସମ୍ଭବପର ହେବ ବୋଲି ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦ ମତ ପ୍ରକାଶ କରିଛନ୍ତି। ରବିବାର ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ତରଫରୁ ଆୟୋଜିତ ଶୋଭନୀୟ ବିଶ୍ୱ ୱେବ୍ ମହିଳା ସମ୍ମିଳନୀ-୨୦୨୦କୁ ଭିଡିଓ କନ୍‌ଫରେନ୍ସି ଜରିଆରେ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରି ଶ୍ରୀ ହରିଚନ୍ଦନ ନାରି ଜାତିକୁ ଅବହେଳା ଓ ଅବମାନନା କଲେ ସମାଜର ବିନାଶ ସୁନିଶ୍ଚିତ ବୋଲି ଚେତାବନୀ ଦେଇଥିଲେ। ବିଶେଷ କରି କ୍ଷମତାରେ ମଦମସ୍ତ ବକ୍ତିମାନେ ଶାଳୀନତାର ସୀମା ସରହଦ ନ ମାନି ସମାଜରେ ଅଶୋଭନୀୟତା ପ୍ରସାରଣ କରୁଥିବା ନେଇ ରାଜ୍ୟପାଳ କ୍ଷୋଭ ପ୍ରକାଶ କରିଥିଲେ। କୁମାର ଭାଇଙ୍କର ଆଦର୍ଶ ଓ ଦିଗ୍‌ଦର୍ଶନ ତଥା ଡଃ.ଅରୁନ୍ଧତି ଦେବୀଙ୍କର ପ୍ରେରଣାରେ ଶୋଭନୀୟ ଆନ୍ଦୋଳନ ନିଶା ନିବାରଣ, ସ୍ୱଚ୍ଛତା ଓ ପରିମଳର ରକ୍ଷଣାବେକ୍ଷଣ, ବାତାବରଣର ପ୍ରଦୂଷଣକୁ ରୋକିବା, ବ୍ୟାପକଭାବେ ଚାରାରୋପଣ କରାଯିବା ଏବଂ ନିସ୍ୱ, ଅସହାୟ ଜନସାଧାରଣଙ୍କୁ ସାହାଯ୍ୟ, ସମର୍ଥନ ଓ ଅନାଥ ଶିଶୁଙ୍କର ଲାଳନ, ପାଳନ ନେଇ କରୁଥିବା ସେବା କାଯ୍ୟଗୁଡ଼ିକର ରାଜ୍ୟପାଳ ଭୂୟସୀ ପ୍ରଶଂସା କରିଥିଲେ। ଆଜିର ଯୁବପୀଢ଼ି ମଧ୍ୟରେ ମା’, ମାଟି ଓ ମାତୃଭାଷା ପ୍ରତି ମମତା ଓ ସମ୍ମାନ ଜାଗ୍ରତ କରିବା ପାଇଁ ଶ୍ରୀ ହରଚନ୍ଦନ ଆହ୍ୱାନ ଜଣାଇଥିଲେ। ଅନ୍‌ଲାଇନ୍ ସମ୍ମିଳନୀରେ ସ୍ୱାଗତ ଭାଷଣ ପ୍ରଦାନ କରି ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶକ ତଥା ସମ୍ମିଳନୀର ଅଧକ୍ଷ ଡଃ. ଅରୁନ୍ଧତୀ ଦେବୀ ସାମ୍ପ୍ରତିକ ସମାଜରେ ମହିଳାମାନଙ୍କ ପ୍ରତି ରୁଗ୍‌ଣ ମାନସିକତାର ପରିବର୍ତ୍ତନର ନିତ୍ୟାନ୍ତ ଆବଶ୍ୟକତା ରହିଥିବା ସୂଚାଇଥିଲେ। ନାରୀ ଜାତିକୁ ସଠିକ୍ ନ୍ୟାୟ, ସମ୍ମାନ ଓ ସୁଯୋଗ ଦିଆଯିବାକୁ ସେ ନିବେଦନ କରିଥିଲେ। ଅଧୁନା କୋଭିଡ୍ ମହାମାରୀ କାଳରେ ମହିଳାମାନେ ଯେଭଳି ଅଗ୍ରଣୀ ଭୂମିକା ନିଭାଇଛନ୍ତି ତାହା ଅଭୂତପୂର୍ବ ବୋଲି ଡ. ଦେବୀ ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଆର୍ଯ୍ୟ ମହିଳା ସମାଜର ସଭାପତି ଶନ୍ନୋ ଦେବୀ ସମାଜରେ ବର୍ତମାନ ନାରୀ ଜାତି ପ୍ରତି ହେଉଥିବା ଭେଦଭାବ, ଅସମ୍ମାନ, ଅସଦାଚାରକୁ ଘୋର ନାପସନ୍ଦ କରିଥିଲେ। ବେଦର ଉଦାହରଣ ଦେଇ ମହିଳା ବର୍ଗର ମହିମା, ମହନୀୟତା ଓ ମହାନତା ଅନନ୍ୟ ଓ ଅସାମାନ୍ୟ ବୋଲି ସେ ଦର୍ଶାଇଥଲେ। ଡିଜିଟାଲ ମଂଚରେ ସମ୍ମାନନୀୟ ବକ୍ତା ଭାବରେ ସାମିଲ ହୋଇ ଓଡ଼ିଶା ସୋସାଇଟି ଅଫ୍ ଆମେରିକାର ସଭାପତି କୁକୁ ଦାସ କନ୍ୟା ସନ୍ତାନର ନିରାପତା, ସୁରକ୍ଷା ଏବଂ ପ୍ରୋତ୍ସାହନ ପ୍ରତି ଅଗ୍ରାଧିକାର ଦିଆଯିବା ସହିତ ସେମାନଙ୍କର ବୌଦ୍ଧିକ ଓ ଶାରୀରିକ ବିକାଶ ତଥା ସେମାନଙ୍କୁ ଆତ୍ମନୀର୍ଭରଶୀଳ କରାଯିବା ଦିଗରେ ଜୋର୍ ଦେଇଥିଲେ। ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଅତିଥି, ଆୟୋଜକ, ଉପସ୍ଥାପକ ଓ ସଂଯୋଜକମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶୋଭନୀୟ ଆନ୍ଦୋଳନର ସଦସ୍ୟ ମୀନତି ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଲଣ୍ଡନରୁ ୟୁ.କେ. ଓଡ଼ିଶା ସମାଜର ସାଂସ୍କୃତିକ ସମ୍ପାଦକ ଡଃ. ଭାଗ୍ୟଶ୍ରୀ ସିଂହ ଉଦ୍‌ଘାଟନୀ ଅଧୀବେଶନକୁ ସୁସଂଯୋଜନା କରିଥିଲେ। ଇଂଟରନେଟ୍ ସମାବେଶରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଅଲମ୍ପିକ୍ ତାରକା ଦୂତି ଚାନ୍ଦ, ଆମ୍ବେଦକର ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ଡ. ଦେବେନ୍ଦ୍ର ମାଝୀ, ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ସଭାପତି ମିନକେତନ ସାମଲ, ସାଧାରଣ ସମ୍ପାଦକ ମିନକେତନ ମିଶ୍ର, ଯୁଗ୍ମ ସମ୍ପାଦକ ଶରିତା ମହାପାତ୍ର ଓ ସନ୍ତୋଷ ରାଉତ, ଜାପାନ୍‌ରୁ କୁନ୍ନା ଦାଶ, ବାହାରିନ୍‌ରୁ ଅରୁଣ କୁମାର ପ୍ରହରାଜ, ଦୁବାଇରୁ ପ୍ରିତିଶ୍‌ରନ ଦାଶ, ବେଙ୍ଗାଲୁରୁରୁ ମନୋଜ ପାତ୍ର, ଯୁବ ବିଜେଡିର ସମ୍ପାଦିକା ଲଗ୍ନଦୀପା ମିଶ୍ର, ମୁମ୍ବାଇରୁ ଆଶିଷ୍ ମିଶ୍ର, ଆମେରିକାରୁ ଧୀରେନ୍ଦ୍ର କର, ସମାଜସେବୀ ବିଜୟ ଦାଶ, ଶୁଭ୍ରୋ ରାୟ, ଅଫିସର ରାଉତ, ବିଶିଷ୍ଟ ପ୍ରଶାସକ ଜୟଦେବ ଷଡ଼ଙ୍ଗୀ, ପ୍ରଖ୍ୟାତ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ, ସାହିତ୍ୟିକା ଡଃ.ସରୋଜିନୀ ପାଣି, ୱାର୍ଲଡ ଫୋକସ୍‌ର ସମ୍ପାଦକ ଭବାନୀ ଦୀକ୍ଷିତ ଓ ରାୟଗଡ଼ରୁ ପ୍ରତୀଶ ଗୋଏଲ୍ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।



# ଭଂଜସେନାର ବାରିପଦା ଉପଖଣ୍ଡର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ବାରିପଦା,୧୫।୧୨ (ନି.ପ୍ର): ମୟୂରଭଂଜ ଜିଲାର ଅଗ୍ରଣୀ ତଥା ଅଣରାଜନୈତିକ ଯୁବଛାତ୍ର ସଙ୍ଗଠନ ଭସେନାର ବାରିପଦା ଉପଖଣ୍ଡର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସଙ୍ଗଠନ ନେତୃତ୍ୱ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ ନୂତନ କମିଟିର କର୍ମକର୍ତ୍ତାଙ୍କ ପଦବୀ ଘୋଷଣା କରାଯାଇଛି। ଏନେଇ ଭସେନାର ଜିଲ୍ଲା ଛାତ୍ର ସଭାପତି ସୌମ୍ୟ ରନ ମିଶ୍ର ଓ ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ ସୂଚନା ଦେଇଛନ୍ତି। ନୂତନ କର୍ମକର୍ତ୍ତାଙ୍କ ଅନୁଯାୟୀ ବାରିପଦା ଉପଖଣ୍ଡର ଉପ ସଭାପତି ଭାବେ ଶିବ ଶଙ୍କର ବେହେରା ଓ ବିରେନ୍ଦ୍ର ନାଥ, ସାଧାରଣ ସମ୍ପାଦକ ଭାବେ ସତ୍ୟବ୍ରତ ଧଳ, ଆଲୋକ ବେହେରା, ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥି ସହିତ ଭଂଜସେନାର ମୟୁରଭ ଜିଲ୍ଲା ଛାତ୍ର କମିଟିର ଉପସଭାପତି ଭାବେ ନବୀନ ଅଗ୍ରୱାଲ, ରତିକାନ୍ତ ଦାସ, ସୌମ୍ୟକାନ୍ତ ଦାସ, ଇସ୍ରାଇଲ ଖାଁ, ରୁଦ୍ର ପଟ୍ଟନାୟକ, ସୌଭାଗ୍ୟ କୁମାର ଦେଓବାବୁ, ଅନ ଦାସ। ସାଧାରଣ ସମ୍ପାଦକ ଭାବେ ମନୋଜ ସାହୁ, ସୌମ୍ୟ ରନ ସାହୁ, ଶିବ ଶଙ୍କର ବେହେରା, ଅଭିନାଶ ରଥ, ବିଶ୍ୱଜିତ ବାରିକ। ଛାତ୍ର ସଂଯୋଜକ ଭାବେ ଅଭିଷେକ କବାଟ। ସମ୍ପାଦକ ଭାବେ ସୟ ମାହାର୍ଣ୍ଣ, ମିର୍ଣ୍ଣାଲ ଘୋଷ, ବାପୁନ ବେହେରା, ଆଶିଷ ମଙ୍ଗରାଜ, ସୌମ୍ୟ ରନ ଦାସବାବୁ, ଏମ ଡି ରାଜା, ଗୌରାଙ୍ଗ ଚକ୍ରବର୍ତ୍ତୀ। ସାଙ୍ଗଠନିକ ସମ୍ପାଦକ ସଜନ କୁମାର ଗିରି, ଉମେଶ କୁମାର ପ୍ରଧାନ, ବାପୁନ ପ୍ରଧାନ, ଦୀପକ ସିଂ, ଶୁଭମ ଦେ, ଏମ ଡି ଇସଲାମ। ମୁଖପାତ୍ର ସ୍ୱପ୍ନଜିତ ସାହୁ। ବାରିପଦା ସହର ସଭାପତି ସୟ ମହାନ୍ତ ଏବଂ ସହର ଉପସଭାପତି ଭାବେ ମନୋଜ ମହାପାତ୍ର, ଦେବବ୍ରତ ସେଠି, ପ୍ରତ୍ୟୁଷ ସାହୁ, ଆଦର୍ଶ ଦିବେଦୀ, ଶୁଭମ ଦାସବାବୁଙ୍କୁ ପଦବୀ ପ୍ରଦାନ କରାଯାଇଛି।

# କୃଷକ ବିରୋଧୀ ଆଇନକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ମାଲକାନଗିରି,୧୫।୧୨ (ନି.ପ୍ର): ସର୍ବଭାରତୀୟ କୃଷକ ସଂଗଠନର ଦିଲ୍ଲୀରେ ଘେରାଉ ଓ ଆନ୍ଦୋଳନକୁ ସମର୍ଥନ କରି ଆଜି ଜିଲା କୃଷକ ସମନ୍ୱୟ ସମିତି ପକ୍ଷରୁ ଗଣଧାରଣା ଦିଆ ଯାଇଛି। ତିନୋଟି କଳା ଆଇନକୁ ବିରୋଧ କରି ଏହି ଧାରଣା ଦିଆ ଯାଇଥିବା ବେଳେ ମୁଖ୍ୟତଃ କୃଷି ଓ କୃଷକ ବିଲକୁ ବିରୋଧ କରା ଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷକ ଓ କୃଷି ଉପରେ ଆକ୍ରମଣ କରି ଏହି ବିଲ୍ କୃଷକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛନ୍ତି ଏବଂ କୃଷକଙ୍କ ଅର୍ଜିତ ଅଧିକାରକୁ ଛଡାଇ ନିଆଯାଇଥିବା ଅଭିଯୋଗ କରିଥିବାବେଳେ ମହାମାରି କରୋନା ସମୟରେ କୃଷକଙ୍କ ଅବସ୍ଥାକୁ ଉପଲବ୍ଧ ନ କରି ଏଭଳି ବିବାଦୀୟ ବିଲ୍ ଆଣିବା ନେଇ ବିରୋଧ କରା ଯାଇଥିଲ। ବିଲ ପ୍ରତ୍ୟାହୃତ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହା ଯାଇଥିଲା। ଏହି ଧାରଣାରେ ମାଲକାନଗିରି ଜିଲା ଆଦିବାସୀ ସଂଘ, ରାଷ୍ଟ୍ରୀୟ କିଶାନ ମଜୁଦୁର ମହାସଂଘ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ, ବହୁଜନ କ୍ରାନ୍ତୀ ମୋର୍ଚ୍ଚା, ବହୁଜନ କୃଷକ ସଂଘ, ଅଖି ଳ ଭାରତ କୃଷକ ସଭା, ଆଦିବାସୀ ମହାସଂଘ, ଜିଲା ଆଦିବାସୀ ମହାସଂଘ ପ୍ରମୁଖ ସାମିଲ ଥିବା ବେଳେ କଂଗ୍ରେସ ଜିଲା ସଭା ପତି ଗୋବିନ୍ଦ ପାତ୍ର, ବ୍ରଜ ମାଝି, ଘେନୁ ମୁଦୁଲି, ସନୁ ଅନୁଗୁ, ପ୍ରାଣକୃଷ୍ଣ ମଣ୍ଡଳ, ଲଛମନ ଘରାମୀ ପ୍ରମୁଖ ନେତୃତ୍ୱ ନେଇଥିଲ।

## ଗଞ୍ଜେଇ ଚୋରାଚାଲାଣରେ ୩ ଗିରଫ

ଜୟପୁର,୧୫।୧୨ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଚଢାଉ କରିଛି। ଏହି ମାମଲାରେ ୩ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ହରିୟାଣାାର ପ୍ରଦିପ (୩୨) ଉ ର ପ୍ରଦେଶର ମନୁ କୁମାର (୩୨) ମହମ୍ମଦ ଆବିଦ (୨୪)। ପୋଲିସ ସୁତ୍ର ରୁ ପ୍ରକାଶ ଯେ ବୈପାରିଗୁଡା ପଟୁ ଜୟପୁର ଦେଇ ଏକ ଗଞ୍ଜେଇ ବୋଝେଇ ଟ୍ରକ ଚାଲାଣ ହେଉଥିବା ସଦର ପୋଲିସ ଖବର ପାଇଁ ଚଢାଉ କରିଥିଲା। ପାତ୍ରପୁଟ ନିକଟରେ ଟ୍ରକ ୟୁପି-୧୨-ଟି-୪୮୧୨ ଚଢାଉ କରି ଯା କରିବାରୁ ପୋଲିସ ଟ୍ରକ ମଶାରି ୫୩୫ ପ୍ୟାକେଟ ଆଗର ରେ ରଖିଥିବା ବେଳେ ୨୦୮ କେଜି ୩ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଉ ର ପ୍ରଦେଶ ଚାଲାଣ ହେଉଥିବା ବେଳେ ପୋଲିସ ଚଢାଉ କରିଥିଲା। ଜବତ ଗଞ୍ଜେଇ ର ଆନୁମାନିକ ମୁଲ୍ୟ ୨୦ ଲକ୍ଷ ହେବ। ଟ୍ରକ ,ଗଞ୍ଜେଇ , ୫୩୫ ମଶାରି ପ୍ୟାକେଟ ସହ ୩ ହଜାର ୨ ଶହ ଟଙ୍କା, ୩ଟି ମୋବାଇଲ ଜବତ କରି ୨୪୩/୨୦ ମାମଲା ରୁଜୁ କରି ୩ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ପ୍ରକାଶ କରିଛନ୍ତି।

## ମହାପ୍ରସାଦ ସେବନକୁ ନେଇ ଥାନାରେ ଅଭିଯୋଗ

ପୁରୀ,୧୫।୧୨ (ନି.ପ୍ର): ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଆଜି ସିଂହଦ୍ୱାର ଥାନାରେ ମହାପ୍ରସାଦ ସେବନକୁ ନେଇ ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଇଛନ୍ତି, ଗତ ଦୁଇ ଦିନ ତଳେ ଦୁଇଜଣ ପୋଲିସ କର୍ମଚାରୀ ବୁଟ ପିନ୍ଧି ଚପଲ ଷ୍ଟାଣ୍ଡରେ ଥିବା ବେଞ୍ଚ ଉପରେ ବସି ମହାପ୍ରସାଦ ସେବନ କରୁଥିବା ଦୃଶ୍ୟ କେତେକ ସୋସିଆଲ ମିଡ଼ିଆରେ ପ୍ରଚାର ହୋଇଥିଲା। ଯେଉଁ ଘଟଣା ଶ୍ରୀଜଗନ୍ନାଥ ଭକ୍ତ ମହଲରେ ଆଲୋଚନାର ବିଷୟବସ୍ତୁ ହୋଇଥିଲା। ପବିତ୍ର ପୁରୀ ଗର୍ବ ଆମରି ସହରରେ ପ୍ରଚାର ହେଉଥିବା ବେଳେ ପୋଲିସ ଗର୍ବ କରି ବୁଟ ପିନ୍ଧି ମହାପ୍ରସାଦ ସେବନ କରିବା ବିଧିକୁ ଉଲ୍ଲଙ୍ଘନ କରିଛି। ଏହି ଘଟଣା, ଦକ୍ଷିଣ ଦ୍ୱାର ପାଖ ଜୋତା ଷ୍ଟାଣ୍ଡରେ ଘଟିଥିବାବେଳେ କାର୍ତ୍ତିକ ମାସରେ ଉତ୍ତର ଦ୍ୱାର ଅସ୍ଥାୟୀ ସେଡ଼ରେ ଟେବୁଲ ଉପରେ ମହାପ୍ରସାଦ ସେବନ କରିଥିବା ଅଭିଯୁକ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟନୁଷ୍ଠାନ ନେଇନାହିଁ। ଗତ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ମଧ ଏଭଳି ମହାପ୍ରସାଦ ସେବନ କରାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ମହାପ୍ରଭୁ ମହାବାହୁଙ୍କ ମହାପ୍ରସାଦ ସେବନ କରିବା ପାଇଁ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ରହିଛି।

# ସାଳନ୍ଦୀ ବିକାଶ ମଂଚର ବୁଦ୍ଧିଜୀବୀ ସମ୍ମିଳନୀ

## ୩ଟି ଜିଲ୍ଲାର ଜୀବନରେଖା ସାଳନ୍ଦୀ ନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ବଜ୍ର ଶପଥ



ଭଦ୍ରକ,୧୫।୧୨ (ନି.ପ୍ର): ପ୍ରଦୂଷଣପୂର୍ଣ୍ଣ ସାଳନ୍ଦୀ ନଦୀପାର୍ଶ୍ୱ ଏବେ ଅବରୋଧ, ମୃତ୍ତିକା ଖନନ ଫଳରେ ବିଲୁପ୍ତ ହେବାକୁ ଯାଉଛି। ଫଳରେ ଏହି ନଦୀ ଉପରେ ଜୀବିକା ନିର୍ବାହ କରୁଥିବା ବହୁ ଚାଷୀ ଓ ଜନସାଧାରଣ ଏବେ ‘ହା ଅନ୍ନ ହା ଅନ୍ନ’ ଚିତ୍କାର କରିବାରେ ଲାଗିଛନ୍ତି। କିନ୍ତୁ ଏକଦା ଚିରସ୍ରୋତା ଥିବା ଏହି ନଦୀର ପୂର୍ବାବସ୍ଥା ଫେରାଇ ଆଣିବା ନେଇ ନା କୌଣସି ଜନନେତା ନା ଜିଲା ପ୍ରଶାସନ କାହାରି ନିଦ ଭାଙ୍ଗୁନାହିଁ। କେବଳ ଯାହା ସାଳନ୍ଦୀ ସଂସ୍କାର ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ହେବା ପରେ ଏବେ ଏହାର ପୁନରୁଦ୍ଧାର ଦିଗରେ କୁମ୍ଭକର୍ଣ୍ଣ ଭଳି ଶୋଇ ରହିଛନ୍ତି। ଏଣୁ ଏକଦା କେବଳ ଭଦ୍ରକ ଜିଲା ନୁହେଁ ପଡୋଶୀ କେନ୍ଦୁଝର, ବାଲେଶ୍ୱର ଜିଲାର ଜୀବନରେଖା କୁହାଯାଉଥିବା ଏହି ନଦୀକୁ ‘ନର୍ମଦା’ ଭଳି ଏକ ବିକଶିତ ନଦୀଶଯ୍ୟାରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡା ବୋଲି ‘ଭଦ୍ରକ ବିକାଶ ମଂଚ’ ପକ୍ଷରୁ ଆହୂତ ଜିଲାସ୍ତରୀୟ ସମ୍ମିଳନୀରେ ମତପ୍ରକାଶ ପାଇଛି। ସ୍ଥାନୀୟ ଜଳସେଚନ ବିଭାଗ ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଫେସର ଡ. ବଳରାମ ମିଶ୍ର ଅଧକ୍ଷତା କରିଥିବାବେଳେ ପ୍ରାରମ୍ଭରେ ପଣ୍ଡିତ ନବକିଶୋର ପଣ୍ଡା ମନ୍ତ୍ର ଉଚ୍ଚାରଣ ଦ୍ୱାରା ସମ୍ମିଳନୀର ଶୁଭାରମ୍ଭ କରିଥିଲେ। ମଂଚର ଆବାହକ ପ୍ରତାପ ପାଢୀ ନିଜର ସ୍ୱାଗତ ସମ୍ଭାଷଣରେ ଏକ ପ୍ରଦୂଷଣମୁକ୍ତ ନଦୀଭାବେ ସାଳନ୍ଦୀର ବିକାଶ ସହ ଏ ଦିଗରେ କାର୍ଯ୍ୟ କରିବା ପାଇଁ ଏକ ୫୧ ଜଣିଆ କମିଟି ଗଠନ ସଂପର୍କରେ ସୂଚନା ଦେଇଥିଲେ। ଅମ୍ବିକା ଦାସ ସାଳନ୍ଦୀ ବିକାଶ ମଂଚର ଗଠନର ଉଦ୍ଦେଶ୍ୟ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିବାବେଳେ ବାଲେଶ୍ୱରରୁ ଆସିଥିବା ଭଦ୍ରକ ଜନ୍ମିତ ‘ରୂପାୟନ’ ସଂଗଠନର ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ରାୟ ଯୋଗଦେଇ ମିଳିମିଶି କାମକଲେ ସଫଳତା ଆପେ ଆପେ ପାଦ ଚୁମ୍ବିବ ବୋଲି କହିବା ସହ ବାଲେଶ୍ୱର ମେଡିକାଲ କଲେଜର ପ୍ରତିଷ୍ଠା ତାହାର ଏକ ଉଦାହରଣ ବୋଲି କହିଥିଲେ। ତିହିଡି ବ୍ଲକ୍‌ରୁ ଆସିଥିବା ଉଦ୍ଧବ ଚରଣ ନାୟକ ସାଳନ୍ଦୀ ସଂସ୍କାର ଦ୍ୱାରା ତାଙ୍କ ବ୍ଲକ୍‌ର ତଳିଆ ଅଂଚଳ ଚାଷୀମାନେ କିଭଳି କ୍ଷତିଗ୍ରସ୍ତ ହୋଇ ବିବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେ ସଂପର୍କରେ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ଅବଗତ କରାଇବା ପରେ ଚାନ୍ଦବାଲିରୁ ଆସିଥିବା ବିଶ୍ୱରଂଜନ ମହାନ୍ତି ସାଳନ୍ଦୀର ତଳ ଅଂଚଳର ଲୁଣିପାଣି ଓ କୁମ୍ଭୀର ସମସ୍ୟା ସଂପର୍କରେ ସୂଚନା ଦେଇଥିଲେ। ଆଗରପଡାରୁ ଆସିଥିବା ମଂଚର ଅନ୍ୟତମ ସଦସ୍ୟ ହେମନ୍ତ ସିଂ ତାଙ୍କ ଅଂଚଳର ବେଆଇନ୍ ଇଟାଭାଟି ନିର୍ମାଣ ଜନିତ ମୃତ୍ତିକା କ୍ଷୟ କିଭଳି ଗୁରୁତର ସମସ୍ୟା ସୃଷ୍ଟି କରିଛି, ତାହା ନିଜ ବକ୍ତବ୍ୟ ମାଧ୍ୟମରେ କହିଥିବାବେଳେ ବରିଷ୍ଠ ନାଗରିକ ଗୋବର୍ଦ୍ଧନ ସାମଲ ସାଳନ୍ଦୀର ପୂର୍ବାବସ୍ଥା ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମଂଚର ଅନ୍ୟତମ ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ସାଳନ୍ଦୀର ସମସ୍ୟାକୁ ଗଣମାଧ୍ୟମ ଜରିଆରେ ଲୋକଙ୍କ ମଧ୍ୟରେ ଏକ ଆନ୍ଦୋଳନର ରୂପରେଖ ଦେବା ଦିଗରେ ସମସ୍ତ ମିଡିଆ ଭାଇମାନେ ଆଗେଇ ଆସିବା ପାଇଁ ଅନୁରୋଧ କରିଥିଲେ। ଅବସରପ୍ରାପ୍ତ ବରିଷ୍ଠ ଇଂ ବସନ୍ତ ପାଣିଗ୍ରାହୀ ସାଳନ୍ଦୀ ତଟକୁ ସାବରମତୀ ନଦୀପରି ଗଢି ତୋଳିବାକୁ ସମସ୍ତଙ୍କର ତ୍ୟାଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସୂଚନା ଓ ଲୋକ ସଂପର୍କ ଅଧିକାରୀ, ହରମୋହନ ଜେନା, ପୂର୍ବତନ କାଉନ୍‌ସିଲର ଦୁର୍ଗା ଦାସ, ସ୍ୱଦେଶ ପଣ୍ଡା, ବରିଷ୍ଠ ଅଧିବକ୍ତା ତୁଷାରକାନ୍ତି ମହାନ୍ତି ଓ ପବନ ଶର୍ମା, ଡାକ୍ତର ପ୍ରଭାସ ମହାନ୍ତି, ସମାଜସେବୀ ସୁଧାକର ରାଉତ, ଅଶୋକ ମହାନ୍ତି ଓ ସୁବାଷ ବୈରୀଗଂଜନ, ରଘୁନାଥ ସାହୁ, ବୈଲୋଚନ ବେହୁରିଆ, ସଂଜୀବ ମହାନ୍ତି, ନିରୁପମା ମହାନ୍ତି, ନରହରି ଦାସ ପ୍ରମୁଖ ଯୋଗଦେଇ ୩ଟି ଜିଲାର ଜୀବନରେଖା ସାଳନ୍ଦୀକୁ ପ୍ରଦୂଷଣ ମୁକ୍ତ କରିବା ଦିଗରେ ସମସ୍ତଙ୍କ ସହଯୋଗ ଲୋଡି ଏକ କମିଟି ଗଠନ କରାଯାଇ ଏହାର ସଫଳତା ପାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ପ୍ରଫେସର ଡ. ବଳରାମ ମିଶ୍ର ଏହି ସମସ୍ତ କାର୍ଯ୍ୟକୁ ଆଗେଇନେବା ପାଇଁ ଏକତା ହିଁ ବଳ ବୋଲି ସୂଚାଇ ଆସନ୍ତା ୧୫ ଦିନ ମଧ୍ୟରେ ଆଉ ଏକ ବୈଠକ ଡକାଇ କମିଟିର ରୂପରେଖ ଓ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଅଧାପକ ସଂଗ୍ରାମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କୋର୍ଡ଼ ୱାଡ଼ରେ ମିଳୁଛି କୋରେକ୍ସ

ପୁରୀ,୧୫।୧୨ (ନି.ପ୍ର): ପୁରୀ ସହରର ବିଭିନ୍ନ ସାହି ଗଳିକନ୍ଦିରେ କୋର୍ଡ଼ ୱାର୍ଡ଼ରେ କୋରେକ୍ସ ମିଳୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ପାନ ଦୋକାନ, ଜଳଖିଆ ଦୋକାନ, ଷ୍ଟେସନାରୀ ଦୋକାନରେ ଗ୍ରାହକ ରତ୍ୱ ମାଗିଲେ କୋରେକ୍ସ ମିଳୁଥିବା ଆଲୋଚନା ହେଉଛି। ଥଣ୍ଡାକାଶ ପାଇଁ ଔଷଧ ଦୋକାନରେ ଏହି ସିରପ ମିଳିବା ପାଇଁ ନିୟମ ରହିଥିବା ବେଳେ ଏହାକୁ ନିଶାଭାବେ ଯୁବକମାନେ ବ୍ୟବହାର କରୁଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ଥାନା ଅଞ୍ଚଳରେ ବିପୁଳ ପରିମାଣର କୋରେକ୍ସ ଜବତ ହେବା ଘଟଣା ଦେଖିବାକୁ ମିଳୁଛି। ଏଥିପ୍ରତି ଡ୍ରଗ୍ସ ଇନିସପେକ୍ଟର ଜିଲ୍ଲା ଅବକାରୀ ବିଭାଗ ଥାନା ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସନ୍ଥ ସିରୋମଣି ଗୁରୁ ଘାସିଦାସ ମନ୍ଦିର କୁମ୍ଭଭରଣ ଉତ୍ସବ

ନୂଆପଡା,୧୫।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ସତନାମୀପଡା ସ୍ଥିତ ସନ୍ଥ ସିରୋମଣି ଗୁରୁ ଘାସିଦାସ ମନ୍ଦିରରେ ସୋମବାର କୁମ୍ଭଭରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ସତନାମୀପଡା ପରିକ୍ରମା କରିଥିଲା। ସତନାମୀ ସାମାଜର ଯୁବକ ଯୁବତୀ ତାଙ୍କର ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ନାଚ କରିଥିଲେ। ପରେ ମନ୍ଦିରରେ କୁମ୍ଭଭରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କୁମ୍ଭଭରଣ ଉତ୍ସବରେ ଖଡିଆଳ ସତନାମୀ ସମାଜ ସଭାପତି ଓମପ୍ରକାଶ ମନହରେ, ଜ୍ୟୋତିଲାଲ ବଞ୍ଜାରେ, କାଳକା ପ୍ରସାଦ, ଧରମ ସିଂ ସୋନବାନୀ, ହେମନ୍ତ ମନହରେ, ମୋହନ ଲାଲ ନାରନ, ମୋହନଲାଲ ମାର୍କଣ୍ଡେ, ପୁସଲାଲ ବଞ୍ଜାରେ, ଦେଓରାମ ବଞ୍ଜାରେ, ପିଲାଦାଉ ବଞ୍ଜାରେ, ରଞ୍ଜନଦାସ ବଞ୍ଜାରେଙ୍କ ସମେତ ସମାଜର ଶତାଧିକ ପୁରୁଷ, ମହିଳା ସାମିଲ ଥିଲେ।

# ପୋଷ୍ୟ କଳାଗ୍ରାମରେ କଳାଘୋଡ଼ା ଟେରାକୋଟା କର୍ମଶାଳା ଉଦ୍‌ଯାପିତ

ରେମୁଣା ,୧୫।୧୨ (ନି.ପ୍ର): ବାଲେଶ୍ୱରୀ କଳା କେନ୍ଦ୍ର ସହଯୋଗରେ ଗୁଡୁଦା ପଞ୍ଚାୟତ ଦ୍ୱାରା ଆୟୋଜିତ ବାଲେଶ୍ୱର ଜିଲ୍ଲାର ପୋଷ୍ୟ କଳାଗ୍ରାମ ଗୁଡୁଦା କୁମ୍ଭାର ସାହିରେ ତିନି ଦିନିଆ କଳାଘୋଡ଼ା ଟେରାକୋଟା କର୍ମଶାଳା ଉଦଯାପିତ ହୋଇଯାଇଛି। କଳାଘୋଡା ପାଇଁ ପ୍ରସିଦ୍ଧ ଲାଭ କରିଥିବା ଗୁଡୁଦା କୁମ୍ଭାରକୁ ଅଧିକ ଆକର୍ଷଣୀୟ , ନୂତନ ଓ ମୂଲ୍ୟବାନ କଳାଘୋଡା ତିଆରିର ପ୍ରଶିକ୍ଷଣ ଦେବା ସହ ସଚେତନ ଓ ସହଯୋଗ କରିବା ପାଇଁ ବାଲେଶ୍ୱର, ମୟୁରଭଂଜ ଓ ଭଦ୍ରକର ୧୦ ଜଣ ଚିତ୍ରଶିଳ୍ପୀଚେଯୋଗ ଦେଇଥିଲେ। କଳାଘୋଡ଼ା ଟେରାକୋଟା କର୍ମଶାଳାର ଉଦଯାପନ ସନ୍ଧ୍ୟାରେ ସ୍ଥାନୀୟ ସରପଂଚ ବସନ୍ତ କୁମାର ପ୍ରଧାନ ପୌରହିତ୍ୱ କରିଥିବା ବେଳେ ଶିଳ୍ପୀ କେଶୁଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅବିଭକ୍ତ ବାଲେଶ୍ୱର ଜିଲ୍ଲାରୁ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ପ୍ରତିଭା ବିଶିଷ୍ଟ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତି ଓ ବିଖ୍ୟାତ ପଥରଶିଳ୍ପୀ ବ୍ରଜ କିଶୋର ଜେନାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଜାତୀୟ ପୁରସ୍କାର ପ୍ରାପ୍ତ ପଥରଶିଳ୍ପୀ ଗୋଲକ ପାତ୍ର ଓ ରେମୁଣା ବ୍ଲକ କଳା ସଂସ୍କୃତି ସଂଘର ସଭାପତି ଦୀନବନ୍ଧୁ ଦାସ ଯୋଗ ଦେଇଥିଲେ। ଗୁଡୁଦାର ମାଆ ଭଗବତୀ ଚଢେଇୟା ନାଟ ଦଳ ଦ୍ୱାରା ସୁନ୍ଦର ଚଢେଇୟା ନାଟ ଓ ସିଦ୍ଧେଶ୍ୱର ସଂକୀର୍ତନ ଦଳ ଦ୍ୱାରା ସଂକୀର୍ତନ ପରିବେଷଣ କରାଯାଇଥିଲା। ଯୋଗଦେଇଥିବା ଅତିଥି ଶିଳ୍ପୀ ରାଜବଲ୍ଲଭ ସାହୁ ( ସୋର) ସୁଶାନ୍ତ ନାୟକ ( ଭଦ୍ରକ) ଶ୍ରୀକୃଷ୍ଣ ଖଣ୍ଡା (ମୟୁରଭଂଜ) ମୁକ୍ତିପଦ ନନ୍ଦୀ ( ଜଳେଶ୍ୱର) ବ୍ରଜ ଷଡଙ୍ଗୀ ( ରେମୁଣା) ଅରୁଣ ବାରିକ, ଦେବାଶିଷ ପତି, ପ୍ରିତମ ନାୟକ, ଉତମ ମହାଳିକ, ରୂପକ ଦାସ, ଦୀନକୃଷ୍ଣ ଧଳ ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ ରୋଯାଇଥିଲା। ତିନି ଦିନ ଧରି ଏହି କର୍ମଶାଳାରେ ୬୦ରୁ ଉର୍ଦ୍ଧ ସ୍ଥାନୀୟ ପୁରୁଷ ମହିଳା କଳାକାର ଯୋଗ ଦେଇ ଛୋଟବଡ଼ ସୁନ୍ଦର ସୁନ୍ଦର ୨୦୦ରୁ ଅଧିକ ଅନନ୍ୟ ଓ ନୂତନ ଡିଆଁ ଘୋଡ଼ା ମାଟିରେ ଗଢିଛନ୍ତି। ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଗୁଡୁଦା ପଂଚାୟତର ସମସ୍ତ କର୍ମକର୍ତା ସହ ପୁରୁଷୋତମ ବେହେରା, ରଶ୍ମିତା ବେହେରା, ଶଶିକାନ୍ତ ଦିନ୍ଦା, ବାବୁରାମ ମୁଦୁଲି, ଦୀନବନ୍ଧୁ ମୁଦୁଲି, ଶ୍ରୀଧର ମୁଦୁଲି, ମୁକ୍ତିକାନ୍ତ ମୁଦୁଲି, କାର୍ତିକ ବେହେରା, ଅନ୍ତର୍ଯାମୀ ମୁଦୁଲି, ରବି ମୁଦୁଲି, କମଳାକାନ୍ତ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।

# ଚାଷୀଙ୍କ ଅଭିଯୋଗ ୨୦୧୭ ବୀମା ରାଶି ତୁରନ୍ତ ପ୍ରଦାନ କରାଯାଉ

ନୂଆପଡା,୧୫।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତର ଚାଷୀ ଗତ ୨୦୧୭ ବର୍ଷର ଫସଲ ବୀମା ରାଶି ପାଇନଥିବା ଅଭିଯୋଗ କରିଛନ୍ତି । ପଂଚାୟତର ହଜାର ସଂଖ୍ୟକ ଚାଷୀ ଗତ ୨୦୧୭ ଆର୍ଥୀକ ବର୍ଷରେ ବୀମା କରିଥିଲେ । କେତେକ ଚାଷୀ ବ୍ୟାଙ୍କ, ବିଭିନ୍ନ ସିଏଚସି ସେ ରରେ ବୀମା କରିଥିବା ବେଳେ ପୁଣି କେତେକ ଚାଷୀ କମ୍ପ୍ୟୁଟର ଦୋକାନରେ ଅନଲାଇନରେ ବୀମା କରିଥିଲେ । ହେଲେ ମରୁଡି ଘୋଷଣା ସତ୍ୱେ ବୀମା କମ୍ପାନୀ ଆଜି ପର୍ଯ୍ୟନ୍ତ ଅନେକ ଚାଷୀଙ୍କୁ ସେମାନଙ୍କ ବୀମା ରାଶି ପ୍ରଦାନ କରୁନାହିଁ । କମ୍ପାନୀ ଆବଶ୍ୟକ କାଗଜାତ ଜିଲ୍ଲା କୃଷୀ ଅଧିକାରୀଙ୍କ ଜରିଆରେ ବାରମ୍ବାର ମାଗି ମଧ୍ୟ ସେମାନଙ୍କୁ ବୀମା ରାଶି ପ୍ରଦାନ କରାଯାଉନାହିଁ । ଏନେଇ ଚାଷୀ ମାନେ ନୂଆପଡା ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଯାହାଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏନେଇ ବଙ୍କାପୁର ଗ୍ରାମର ଚାଷୀ କୁନୁ ଚରଣ ବେହେରା, ଉଦ୍ଧବ ବେହେରା, କୁଞ୍ଜ ବେହେରା, ସୁରେଶ ବେହେରା, ଟଙ୍କଧର ବେହେରା, ଅଶୋକ ବେହେରାଙ୍କ ସମେତ ପ ।ୟତର ଚାଷୀ ଅତିଶିଘ୍ର ବୀମା ରାଶି ପ୍ରଦାନ କରିବାକୁ ଦାବୀ କରିଛନ୍ତି । ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ହୃଦ୍‌ଘାତ ଓ ପେଟରେ ଗ୍ୟାସ୍

ହୃଦଘାତ ବା ହାର୍ଟଆଟାକକୁ ଡାକ୍ତରୀ ଭାଷାରେ କରୋନାରୀ ହାର୍ଟ ଡିଜିଜନିତ ଆକ୍ୟୁଟ କରୋନାରୀ ସିଣ୍ଡ୍ରୋମ କୁହାଯାଏ । ଏହି ମାରାତ୍ମକ ରୋଗର ପ୍ରମୁଖ କାରଣଗୁଡ଼ିକ ହେଲା ମଧୁମେହ, ଉଚ୍ଚ ରକ୍ତଚାପ, ରକ୍ତରେ କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡର ଅଧିକ ମାତ୍ରାରେ ଧୂମପାନ ଅତ୍ୟଧିକ ମଦପାନ ଏବଂ ଓଜନ ବୃଦ୍ଧି । ୫୦ ବର୍ଷ ପରେ ପରିବାରରେ କାହାରି ହୃଦଘାତରେ ମୃତ୍ୟୁ ହୋଇଥିଲେ ଅନ୍ୟ ସଦସ୍ୟମାନଙ୍କଠାରେ ଏହାର ଆଶଙ୍କା ବଢ଼ିଯାଏ । ହୃଦଘାତରେ ମୁଖ୍ୟତଃ ଛାତି ମଝିରେ ଯନ୍ତ୍ରଣା କ୍ରମେ ବେକ, ବାମହାତ, ଡାହାଣ ହାତ ପିଠି, ଉପର ପେଟରେ ଅଧଘଣ୍ଟାରୁ ଅଧିକ ସମୟ ତୀବ୍ର ଯନ୍ତ୍ରଣା ଲାଗିରହେ । କେତେକ ଲୋକଙ୍କ ମୁଣ୍ଡ ହାଲକା ହୋଇଯିବା ସହ ଦେହରୁ ପ୍ରବଳ ଝାଳ ବାହାରେ । ନାଡ଼ିର ଗତି ଓ ରକ୍ତଚାପ ଅସ୍ୱାଭାବିକ ହୋଇଯାଏ । କେତେକଙ୍କର ଛାତିପୋଡ଼ି ବାନ୍ତି ହୁଏ, ପେଟରେ ଏସିଡିଟି ତଥା ଗ୍ୟାସ ହେବା ପରି ଲାଗେ । ଦୀର୍ଘଦିନ ଧରି ମଧୁମେହ ଭୋଗଥିବା ଲୋକଙ୍କର କୌଣସି ଯନ୍ତ୍ରଣା ନହୋଇ ଦନୁର୍ବଳ ଲାଗେ ପେଟରେ ବାୟୁ ଫୁଲାଏ ବାନ୍ତି ଲାଗେ ଏବଂ ଭୋକ ହୁଏ ନାହିଁ । ଆଉ କେତେକ କ୍ଷେତ୍ରରେ ଲୋକେ ଘନ ଘନ ନିଃଶ୍ୱାସ ଛାଡ଼ନ୍ତି, ମୃତ୍ୟୁବତ ଯନ୍ତ୍ରଣା ହୁଏ ସନ୍ନିପାତ ହେବା ଭଳି ଗୋଡହାତ ଥଣ୍ଡା ହୋଇଯାଏ । ଏସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତର ଦେଖାଇବା ଉଚିତ । ହୃତପିଣ୍ଡ ପାକସ୍ଥଳୀ ଓ ଅନ୍ତନଳୀ ଭେଗସ ନାମକ ସ୍ନାୟୁଦ୍ୱାରା





ସଂଯୁକ୍ତ ହୋଇଥିବାବେଳେ ହୃଦଘାତ ସମୟରେ ଏହି ସ୍ନାୟୁ ଆନ୍ଦୋଳିତ ହୋଇ ପେଟରୋଗର ଭ୍ରମ ସୃଷ୍ଟି କରେ । କେତେକ କ୍ଷେତ୍ରରେ ଡାକ୍ତରମାନେ ବି ରୋଗୀର ମୃତ୍ୟୁ କାରଣ ହୋଇପାରେ । ଯେଉଁମାନଙ୍କର ହୃଦସରୋଗ ପାଇଁ ରିସ୍କ ଫ୍ୟାକ୍ଟର ଅଛି, ସେମାନେ ଏପରି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଇଦସିଜି ପରୀ। କରାଇବା ଉଚିତ । ଲକ୍ଷଣ ବାରିଲେ ଯେଉଁ ଡାକ୍ତରଖାନାରେ ରକ୍ତ ପତଳା କରିବା ତଥା ଜମାଟ ବାନ୍ଧିଥିଲେ ଦ୍ରବୀଭୂତ କରିବା ପାଇଁ ଆଣ୍ଟି ଥ୍ରମ୍ବୋଟିକ୍ ଚିକିତ୍ସାର ସୁବିଧା ଅଛି, ସେଠାକୁ ତୁରନ୍ତ ଯାଆନ୍ତୁ । ଅଧଘଣ୍ଟାରୁ ୧ଘଣ୍ଟା ମଧ୍ୟରେ ଏହି ଇଞ୍ଜେକସନ ନେବା ଜରୁରୀ । ଏପରି କରିଥିଲେ ପରେ ହୃଦଘାତ ହେଲେ ସି ଏବିଜି ଅପରେସନ ଆବଶ୍ୟକ ହୁଏନାହିଁ । ପ୍ରଥମ ହୃଦଘାତ ସମୟରେ ଦ୍ରବୀଭୂତ ହେଉଥିବା ଆସ୍ପରିନ ୩୨୦ ମିଲିଗ୍ରାମ ୧ଟି ବଟିକା କ୍ଲୋପିଡୋଗ୍ରେଲ ୭୫ ମିଲଇଗ୍ରାମ ବଟିକା ୪ଟି ରୋଜୁଭାଷ୍ଟାଟିନ ୧୦ମିଲିଗ୍ରାମ ବଟିକା ୪ଟି ଖାଇଲେ ରକ୍ତ ପତଳା ହୋଇ କ୍ଲଟ୍ ମିଳାଇଯାଏ । ପୂର୍ବରୁ ହୃଦରୋଗ ଭୋଗୁଥିବା ମଧୁମେହରେ ଆକ୍ରାନ୍ତ ବୟସ୍କ ବ୍ୟକ୍ତି ଋତୁସ୍ରାବ ବନ୍ଦ ହୋଇଥିବା ମହିଳା, ପୃଥୁଳକାୟ ଏବଂ କାଲେଷ୍ଟେରଲ ଅଧିକ ଦୁର୍ବଳ ଲାଗିଲେ ତୁରନ୍ତ ଇସିଜି କରାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ହୀରା ସହରରୁ ଭୂତ ସହର




ଏକ ସମୟରେ ଜନବହୁଳ ଥିଲା ଆଫ୍ରିକୀୟ ଦେଶ ନାମିବିୟାର ଏହିମରୁ ସହର । କିନ୍ତୁ ଆଜି ମଣିଷ ପରିବର୍ତ୍ତେ 'ଭୁତ' ବିରାଜମାନ କରୁଛନ୍ତି ଏହି ସହରରେ ଯାହାର ନାଁ କୋଲମ୍ୟାନ୍ସକପ୍ । ୧୯୦୮ ମସିହାରେ ଜାଚେରିୟାସ ଲେଓ୍ୱାଲା ନାମକ ଜଣେ ଜର୍ମାନ ବ୍ୟକ୍ତି ରେଲଓ୍ୱେ ଟ୍ରାକ୍ ପରିଷ୍କାର କରୁଥିଲେ । ଏହି ସମରେ ତାଙ୍କ ଆଖିରେ ପଡ଼ିଥିଲା ପଥରର ଭଳି ଚକମକିଆ ଏକ ବସ୍ତୁ ଯାହା ଥିଲା ଏକ ହୀରା ଖଣ୍ଡ । ସେଇ ସମୟରେ ସେତେଟା ପରିଚିତ ନଥିଲା କୋଲମ୍ୟାସସ୍କପ୍ । କିନ୍ତୁ ସେହି ଅଞ୍ଚଳରେ ହୀରାର ସନ୍ଧାନ ରାତାରାତି ବିଖ୍ୟାତ କରିଦେଲା ଏହି ସହରକୁ । ଏହାର ୩-୪ ବର୍ଷ ପରେ ଜର୍ମାନମାନେ ସାଧାରୀଣ ଲୋକଙ୍କ ପାଇଁ ସହରଟିକୁ ନିଷିଦ୍ଧ ଘୋଷଣା କରିଦେଲେ । ନିଜ ଅଞ୍ଚଳ ଛାଡ଼ି ସ୍ଥାନୀୟ ବାସିନ୍ଦାମାନେ ଦୂର ସ୍ଥାନକୁ ଚାଲିଗଲେ । ଲୋକଙ୍କ ଆଖି ଆଢୁଆଳରେ ଥିବା କୋଲମ୍ୟାନସ୍କୋପ କ୍ରମଶଃ ଲୋକପ୍ରିୟ ମରୁ ସହରରେ ପରିଣତ ହେବାକୁ ଲାଗିଲା । ମାତ୍ର କୋଲମ୍ୟାନସ୍କୋପର ଏହି ସୁଦିନ ଦୀର୍ଘସ୍ଥାୟୀ ହେଲା ନାହିଁ । ଧୀରେଧୀରେ ସେଠାରୁ ଗଚ୍ଛିତ ହୀରା ପରିମାଣ କମିବାକୁ ଲାଗିଲା । ୧୯୨୮ ମସିହା ବେଳକୁ ଲୋକମାନେ କୋଲମ୍ୟାନସ୍କୋପ ଛାଡ଼ିବାକୁ ଲାଗିଲେ । ଇତିହାସବିଦଙ୍କ ଅନୁସାରେ ୧୯୫୬ ମସିହା ବେଳକୁଚ କୋଲମ୍ୟାନସ୍କୋପ୍ ସମ୍ପୂର୍ଣ୍ଣ ଏକ ପରିତ୍ୟକ୍ତ ସହରରେ ପରିଣତ ହୋଇଗଲା । କ୍ୟାସିନୋ, ସ୍କୁଲ, କାରଖାନା ସବୁ କିଛି ନିଷ୍ପ୍ରଭ ହେବାକୁ ଲାଗିଲା । କ୍ରମେ ସେଠାରେ ଅନ୍ଧାର ଘନେଇ ଆସିଲା । ନିଃସଙ୍ଗ ସହରଟିକୁ ଗ୍ରାସ କରିନେଲା ବାଲି ଝଡ଼ । ଏବେ ଏହି ସହର ପର୍ଯ୍ୟଟକମାନଙ୍କ ପାଇଁ ଉନ୍ମୁକ୍ତ ।

# ଚିନ୍ତାର୍ କାରଣ ସ୍ମାର୍ଟଫୋନ !

ଦୈନନ୍ଦିନ ଜୀବନରେ ସ୍ମାର୍ଟ ଫୋନର ବହୁଳ ବ୍ୟବହାର ଦ୍ୱାରା ଏହା ଆମ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି । ଅଧିକାଂଶ ସମୟରେ ଦେଖା ଯାଇଛି ଯେଉଁମାନେ ସବୁବେଳେ ଏକୁଟିଆ ରହିଥାନ୍ତି ସେମାନେ ସାଧାରଣତଃ ଚିନ୍ତାଗ୍ରସ୍ତ ଥାନ୍ତି । କିନ୍ତୁ ଚିନ୍ତାଗ୍ରସ୍ତ ହେବାର ଏହା ଏକମାତ୍ର କାରଣ ହୋଇନଥାଏ । ମୋବାଇଲର ବହୁଳ ବ୍ୟବହାର ଦ୍ୱାରା ମଧ ଲୋକ ଚିନ୍ତାଗ୍ରସ୍ତ ହୋଇଥାନ୍ତି ଯାହା ଏକ ଗବେଷଣାରୁ ଜଣା ଯାଇଛି । ଯେଉଁମାନେ ନିଜର ମାନସିକ ଅବସ୍ଥା ସହ ସଂଘର୍ଷ କରିଥାନ୍ତି ସେମାନେ ହିଁ ସ୍ମାର୍ଟଫୋନର ବହୁଳ ବ୍ୟବହାର କରୁଥିବାର ଅନୁମାନ କରାଯାଉଛି । ଉଦାସଗ୍ରସ୍ତ ଲୋକମାନେ ସାଧାରରତଃ ଉଦାସରୁ ମୁକ୍ତି ପାଇବା ପାଇଁ ଫୋନରେ ଚାଟିଂ, ଭିଡିଓ ଦେଖନ୍ତି ଓ ଗେମ ଖେଳିଥାନ୍ତି, ଫଳରେ ସେମାନେ ସ୍ମାର୍ଟ ଫୋନର ଅଧିକ ନିକଟତର ହୋଇପଡ଼ନ୍ତି । ଏଭଳି କରୁଥିବା ବ୍ୟକ୍ତିମାନଙ୍କୁ ରାତିରେ ନିଦ ନହେବା ସହ ବିଭିନ୍ନ ହୃଦ ଜନିତ ରୋଗର ସମ୍ଭାବନା ଉପୁଜିଥାଏ ।



# ଶାଢ଼ି ପିନ୍ଧିବା ସମୟରେ କରନ୍ତୁ ନାହିଁ ଏହି ଭୁଲ

ଏପରି କେହି ନାରୀ ନାହାଁନ୍ତି ଯାହାଙ୍କୁ ଶାଢ଼ି ପିନ୍ଧିବାକୁ ଭଲ ନ ଲାଗେ । ଶାଢ଼ୀ ଏପରି ଏକ ପରିଧାନ ଯାହା ଆଜି ଷ୍ଟାଇଲ ଷ୍ଟେମେଣ୍ଟ ହୋଇ ସାରିଲାଣି । ବଲିଉଡ୍ ହେଉ ବା ଟଲିଉଡ ହେଉ ନାମୀ ଦାମୀ ଅଭିନେତ୍ରୀମାନେ ପ୍ରାୟ ବହୁ ସମୟରେ ଶାଢ଼ି ପିନ୍ଧିଥାନ୍ତି । ଯଦି ଆପଣ ବି ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି ତେବେ ନିର୍ଶ୍ଚିତଭାବେ ଏହା ଉପରେ ଧ୍ୟାନ ଦିଅନ୍ତୁ ।

**ଶାଢ଼ି ପିନ୍ଧିବାର ଉପାୟ:-** ଅନେକ ମହିଳା ଅଧିକ ଉଚ୍ଚାକିମ୍ବା ଅଧିକ ତଳକୁ ଶାଢ଼ି ପିନ୍ଧିଥାନ୍ତି । ଏପରି କରିବା ଦ୍ୱାରା ଆପଣଙ୍କ ଲେଗ ଲେନ୍ଥ ଉପରେ ପ୍ରଭାବ ପଡ଼ିଥାଏ । ଶାଢ଼ି ସହିତ ସଠିକ୍ ବ୍ଲାଉଜ ଓ ସାୟା ମଧ ଚୟନ କରିବା ନି ନିହାତି ଆବଶ୍ୟକ । ସାୟା ଅଧିକ ଲମ୍ବା କିମ୍ବା ଅଧିକ ଛୋଟ ହୋଇ ନଥିବା ଦରକାର । ଏହା ଅଧିକ ଲମ୍ବା ହୋଇଥିଲେ ଶାଢ଼ିର ବାହାରକୁ ଦେଖାଯିବ । ଯଦି ଏହା ଛୋଟ ହୋଇଥାଏ ତେବେ ଶାଢ଼ିର କୁଞ୍ଚ ଠିକରେ ରହିବ ନାହିଁ । ଯଦି ଶାଢ଼ି ନେଟ କିମ୍ବା ଟ୍ରାନ୍ସପେରଣ୍ଟର ହୋଇଥାଏ ତେବେ ସାୟା ପିନ୍ଧିବା ଉପରେ ଠିକରେ ଧ୍ୟାନ ଦେବା ଦରକାର । ଶାଢ଼ି ସହିତ ମ୍ୟାଚିଂ କଲର ସାୟା ପିନ୍ଧିବା ଦରକାର ।

**ଶାଢ଼ିରେ ସଠିକ୍ କୁଞ୍ଚ କରିବା :-**
ଶାଢ଼ିରେ ସଠିକ ପ୍ଲିଟ୍ ଖୁବ୍ ସୁନ୍ଦର ଲାଗିଥାଏ । କିନ୍ତୁ ଅଧିକ ପ୍ଲିଟ ଶାଢ଼ି ପିନ୍ଧାକୁ ଖରାପ ମଧ କରିପାରେ । ଅନେକ ମହିଳା ଶାଢ଼ିରେ ଅଧିକ ପ୍ଲିଟ କରିଥାନ୍ତି । ଏହା ଠିକ୍ ନୁହେଁ । ଗୋଟିଏ ଶାଢ଼ିରେ ୬ ରୁ ୭ ଟି ପ୍ଲିଟ ରହିବା ଦରକାର ।




# କଞ୍ଚା ଆମ୍ବର ଉପକାରିତା



ଆମ୍ବ ଖାଇଲେ ରକ୍ଷା ମିଳିଥାଏ । ଏଥିରେ ପ୍ରଚୁର ପରିମାଣରେ ପୋଟାସିୟମ ପୋଷକତତ୍ତ୍ୱ ଥିବାବେଳେ ତାହା ଶରୀରରେ ଜଳ ସ୍ତରକୁ ନିୟନ୍ତ୍ରଣ କରେ । ଅମ୍ଳ, ପେଟ ସମସ୍ୟା ଆଦି ଉପୁଜୁଥିଲେ କଞ୍ଚା ଆମ୍ବର ଚଟଣି କିମ୍ବା ଆଚାର ଖାଇପାରିବେ । ଫାଇବର ଭରପୁର ଏଇ ଫଳ ପେଟ ସମସ୍ୟାରୁ ରକ୍ଷା କରେ । ପାଚିଲା ଆମ୍ବର ମିଠା ସୁଆଦ ହିଁ ଲୋକଙ୍କୁ ଆକର୍ଷିତ କରିଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ କଞ୍ଚା ଆମ୍ବ ଖାଇଲେ ମଧ ତାହାର ଉତ୍ତମ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । କଞ୍ଚା ଆମ୍ବ ଚଟଣି, ଖଟା କିମ୍ବା ଆଚାର ଖାଇବା ଶରୀର ପାଇଁ ହିତକାରୀ । ଗ୍ରୀଷ୍ମରେ ହେଉଥିବା ଅଂଶୁଘାତ ପ୍ରଭାବରୁ କଞ୍ଚା ଆମ୍ବ ଖାଇଲେ ଆମ ଯକୃତ ଭଲଭାବେ କାମ କରିବା ସହ ଯକୃତରେ ଉତ୍ପନ୍ନ ହେଉଥିବା ବାଇଲଜୁସ୍ ମଧ ଉତ୍ତମ ଭାବେ କାମ କରୁଥିବାର ପରୀକ୍ଷାରୁ ଜଣାପଡ଼ିଛି । ଓଜନ ନିୟନ୍ତ୍ରଣରେ ରଖିବା ସହ କୋଲେଷ୍ଟରଲ ସ୍ତରକୁ ମଧ କଞ୍ଚା ଆମ୍ବ କରିଥାଏ ।

# ଐତିହାସିକ ଅଙ୍ଗାର ପ୍ରସ୍ତୁତି ଭାଟି



ଯୁକ୍ତରାଷ୍ଟ ଆମେରିକା ଅନ୍ତର୍ଗତ ନେଭାଡାର ଇଗାନ ପବତ ଅଞ୍ଚଳରେ ରହିଛି ଗୁଡ଼ିଏ ପ୍ରାଚୀନ ଅଙ୍ଗାର ପ୍ରସ୍ତୁତି ଭାଟି । ଯଦିଓ ସେଠାରେ ଆଉ ଅଙ୍ଗାର ପ୍ରସ୍ତୁତ କରାଯାଉନାହିଁ, ତେବେ ଅତ୍ୟନ୍ତ ମଜଭୁତ ଥିବାରୁ ସେଗୁଡ଼ିକ ତିଷ୍ଠିରହିଛି । କେହି ଇଚ୍ଛା କଲେ ସେଠାରେ ଏବେ ବି କାଠ ପୋଡ଼ି ଅଙ୍ଗାର ପ୍ରସ୍ତୁତ କରାଯାଇପାରିବେ । ୧୮୭୬ରୁ ୧୮୭୯ ମଧ୍ୟରେ ଟମାସୱାଡ ନାମକ ସ୍ଥାନୀୟ ଉଦଯୋଗୀ ବ୍ୟବସାୟୀ ସେଗୁଡ଼ିକ ତିଆରି କରାଇଥିଲେ । ସେହି ଅଞ୍ଚଳରେ ପ୍ରଚୁର ଦେଖାଯାଉଥିବା ଜୁନିପର ଏବଂ ପାଇନ ଗଛର ଡାଳ, ଗଣ୍ଡି ସ୍ୱଳ୍ପ ଅମ୍ଳଜାନରେ ପୋଡ଼ାଯାଇ, ଅଙ୍ଗାର ପ୍ରସ୍ତୁତ କରାଯାଉଥିଲା । ୱାଡଙ୍କ ନାମାନୁଯାୟୀ ଭାଟି 'ୱାଡ ଚାରକୋଲ ଓଭେନ' ଭାବେ ନାମିତ ହୋଇଥିଲା । ବିଂଶ ଶତାବ୍ଦୀର ପ୍ରଥମ ଭାଗ ପରେ ଭାଟି ଜଳିବା ବନ୍ଦ ହୋଇଥିଲା କ୍ରମେ ସେଗୁଡ଼ିକ ଆଶ୍ରୟ ସ୍ଥଳୀ ପାଲଟିଥିଲା ରାଜପଥରେ ରାହାଜାନି କରୁଥିବା ଚୋର-ଖଣ୍ଟ ବି ସେଠାରେ ଆଡା ଜମାଉଥିଲେ । ୧୯୫୭ରେ ଜାତୀୟ ଐତିହ୍ୟ ମାନ୍ୟତା ପାଇବା ପରଠାରୁ 'ୱାଡ ଚାରକୋଲ ଓଭେନ' ଗୁଡ଼ିକ ପର୍ଯ୍ୟଟକ ଆକର୍ଷଣ ସ୍ଥଳୀ ପାଲଟିଛି । ଏବେ ସେଠାରେ ଅକ୍ଷତ ଅବସ୍ଥାରେ ଅଛି ମୋଟ ଛଅଟି ଭାଟି । ପ୍ରତ୍ୟେକଟିର ଉଚ୍ଚତା ତିରିଶ ଫୁଟ୍ । ଭିତ୍ତିର ବ୍ୟାସ ସତେଇଶ ଫୁଟ୍ । ପଥର କାନ୍ଥର ମୋଟେଇ କୋଡ଼ିଏ ଇଞ୍ଚ । ଭାଟିଗୁଡ଼ିକ ଚାଲୁଥିବାବେଳେ ଛଅଫୁଟ୍ ଲମ୍ବର ଗଦେ କାଠ, ଥାକରେ ସଜାଯାଇ, ପୋଡ଼ାଯାଉଥିଲା ସେଗୁଡ଼ିକ ତେର ଦିନରେ ଅଙ୍ଗାରରେ ପରିଣତ ହେଉଥିଲା ।

# ଅସୁସ୍ଥ ଥିବା ସମୟରେ ସଚେତନତା



ଜ୍ୱର, ମୁଣ୍ଡବିନ୍ଧା, କାଶ ଥଣ୍ଡା କିମ୍ବା ପେଟ ସମସ୍ୟା ଯେ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ ବିଶେଷଜ୍ଞଦଳଙ୍କ ଅନୁସନ୍ଧାନରୁ କେତେକ ତଥ୍ୟ ସୁସ୍ପଷ୍ଟ ହୋଇଛି ।

ଶରୀର ଅସୁସ୍ଥ ଥିଲେ କେଉଁ ଖାଦ୍ୟ ନ ଖାଇବେ, ଏନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ମିଠା ଖାଦ୍ୟଠାରୁ ଯଥାସମ୍ଭବ ଦୂରେଇ ରହିବା ଉଚିତ । ଶରୀର ଅସୁସ୍ଥ ଥିବାବେଳେ ଅଧିକ ମିଠା ଖାଇଲେ ତାହା ବିଷ କ୍ରିୟା ସୃଷ୍ଟି କରେ । ଏହା ସହ ମିଠା ଖାଇଲେ ଅଧିକ କ୍ଲାନ୍ତ ଲାଗୁଥିବାର ପରୀକ୍ଷାରୁ ପ୍ରକାଶ । ମୃଦୁପାନୀୟଠାରୁ ମଧ ଦୂରେଇ ରୁହନ୍ତୁ । ଏଥିରେ ବିଭିନ୍ନ ପ୍ରକାର ରାସାୟନିକ ତତ୍ତ୍ୱ ମିଶିଥାଏ । ଏହି କାରଣରୁ ଶରୀର ଅଧିକ ଅସୁସ୍ଥ ହୋଇଥାଏ । ବିଶେଷଜ୍ଞଙ୍କ ମତରେ ଶୀର ଅସୁସ୍ଥ ଥିବା ସମୟରେ ଅମ୍ଳ ଥିବା ଖାଦ୍ୟ ଓ ପାନୀୟଠାରୁ ମଧ ଦୂରେଇ ରହନ୍ତୁ । ଏହା କାରଣରୁ ମଧ ସ୍ୱାସ୍ଥ୍ୟ ହାନି ହେଉଥିବାର ପ୍ରକାଶ ।

# ଠିଆହୋଇ ଖାଇଲେ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଯାଏ



ଏକ ଅଧ୍ୟୟନରୁ ଜଣାପଡ଼ିଛି, ଠିଆ ହୋଇ ଖାଇବା ଦ୍ୱାରା ଶାରୀରିକ ଚାପ ବୃଦ୍ଧିପାଏ ଓ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଥାଏ । 'କଂଜୁମର ରିସର୍ଚ୍ଚ' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନାନୁସାରେ, ବ୍ୟକ୍ତି ଶରୀରର ମୁଦ୍ରା ସ୍ୱାଦ ଧାରଣା ଉପରେ ପ୍ରଭାବ ପକାଏ ଏବଂ ଚଟାଣରେ ବସି ଖାଇବା ସମୟରେ ଖାଦ୍ୟର ସ୍ୱାଦ ଅପେକ୍ଷାକୃତ ଭଲଭାବେ ଅନୁଭବ ହୋଇଥାଏ । ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ଭେଷ୍ଟିବୁଲାର ସେନ୍ସ ଉପରେ ଫୋକସ କରିଥିଲେ, ଯାହା ଶରୀରର ଭାରସାମ୍ୟ, ମୁଦ୍ରା ଉପରେ ଆଧାରିତ । ଏହା ସ୍ୱାଦକୁ ପ୍ରଭାବିତ କରୁଥିବା ସ୍ୱାଦ ସମ୍ବେଦନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ବେଳେବେଳେ ମା ବାପା ପିଲାକୁ ବିଭିନ୍ନ ମୁଦ୍ରାରେ ତିକ୍ତ ଖାଦ୍ୟ ବା ଔଷଧ ଖୁଆଇଥାନ୍ତି । ଅଧ୍ୟୟନ ଅନୁସାରେ, ଏହା ଦ୍ୱାରା ମାଧ୍ୟାକର୍ଷଣ ଶକ୍ତି ଯୋଗୁ ଶରୀରର ନିମ୍ନ ଭାଗକୁ ରକ୍ତ ଠେଲି ହୋଇଯାଏ । ଫଳରେ ହୃତସ୍ପନ୍ଦନ ମାତ୍ରା ବଢ଼ିଯାଏ ଏବଂ ଶରୀରର ଶୀର୍ଷକୁ ରକ୍ତ ଫେରିଆସେ । ଏହି କାର୍ଯ୍ୟକଳାପ ଦ୍ୱାରା ଚାପ ହର୍ମୋନ କୋର୍ଟସୋଲ ସ୍ତର ବୃଦ୍ଧିପାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କୃଷକ ଅଶାନ୍ତି...

ବିଭିନ୍ନ ଦିଗରୁ ବିଚାର କରି କେନ୍ଦ୍ର ତିନୋଟି କୃଷି ବିଲ୍ ଆଣିଥିବା ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପରିଲକ୍ଷିତ ହେଉଛି। ଯେତେ ଯାହା ବୁଝାଯାଉଥିଲେ ସୁଦ୍ଧା ତାହାକୁ କୃଷକ ସଂଗଠନଗୁଡ଼ିକ ଗ୍ରହଣ କରିବାକୁ ନାରାଜ। ପାଖାପାଖି କୋଡ଼ିଏ ଦିନ ଧରି କୃଷକ ନେତା ଓ ସେମାନଙ୍କ ସମର୍ଥକମାନେ ରାଜଧାନୀ ଦିଲ୍ଲୀକୁ ଚାରିଆଡୁ ରୁନ୍ଧିଦେଇ ସରକାରଙ୍କ ଉପରେ ବିଲ୍ ପ୍ରତ୍ୟାହାର କରିବା ସକାଶେ ଚାପ ପକାଇ ଚାଲିଛନ୍ତି। ସାତ-ଆଠ ଥର କୃଷକ ସଂଗଠନ ପ୍ରତିନିଧିମାନଙ୍କ ସହ କେନ୍ଦ୍ର ମନ୍ତ୍ରୀମାନଙ୍କର ଆଲୋଚନା ବୈଠକ ବସିସାରିଛି। ହେଲେ ବୈଠକରୁ କିଛି ଠୋସ୍ ପରିଣାମ ବାହାରିପାରୁନାହିଁ। ପଂଜାବ ହରିଆଣାଠାରୁ ଆରମ୍ଭ କରି ଦେଶର ଅଧିକାଂଶ ରାଜ୍ୟର କୃଷକ ପ୍ରତିନିଧିମାନେ କେନ୍ଦ୍ରର କଥିତ ବିଲ୍ ସଂଶୋଧନ ପ୍ରସ୍ତାବକୁ ଆଗ୍ରାହ୍ୟ କରିଦେଇଛନ୍ତି। ସେମାନଙ୍କର ଏକମାତ୍ର ଦାବି-କୃଷି ଆଇନକୁ ପୁରା ଫେରାଇ ନିଆଯାଉ। ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, କୃଷି ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ବାରମ୍ବାର କୃଷି ସଂଗଠନର ନେତାମାନଙ୍କୁ ଆନ୍ଦୋଳନ ରାସ୍ତାରୁ ନିବୃତ୍ତ ହେବା ସକାଶେ ବାରମ୍ବାର ପ୍ରବର୍ତ୍ତାଇବା ଉଦ୍ୟମ କିଛି ଫଳ ଦେଉନାହିଁ। ବିପରୀତ ପକ୍ଷେ ଚାଷୀ ସଂଗଠନଗୁଡ଼ିକ ରୋକଠୋକ୍ କରିଦେଲେଣି କି, କାହା ସହିତ ପରାମର୍ଶ ବିଚାରବିମର୍ଶ କରାନଯାଇ ଯେଉଁ ବିଲ ଅଣାଯାଇଛି; ତାହା କର୍ପୋରେଟ ସଂସ୍ଥା ସହ ସଲାସୁତୁରାରେ ହୋଇଛି। ବଡ଼ ଶିଳ୍ପପତି ଅମ୍ବାନୀ ଓ ଅଦାନିଙ୍କୁ ଖୁସ୍ କରାଇବା ଚକ୍କରରେ କୁଆଡ଼େ ମୋଦି ସରକାର ଏଭଳି କରି ଚାଲିଛନ୍ତି। କୃଷକମାନଙ୍କର ଦାବି ଆଧାରରେ ଯେଉଁ ଆନ୍ଦୋଳନ ବ୍ୟାପକ ହେବାରେ ଲାଗିଛି, ତାହାକୁ କଟାକ୍ଷ କରି କ୍ଷମତାସୀନ ଦଳ ତଥା ସରକାରଙ୍କ ବକ୍ତବ୍ୟ ମଧ୍ୟ ଦେଖିବାର କଥା। ଏମିତିରେ ଅନେକ ଥର କୁହାଗଲାଣି କି, ବିରୋଧୀ ଦଳମାନେ କୃଷି ବିଲ୍ ସମ୍ପର୍କରେ ଜନମତକୁ ଭ୍ରମିତ କରିଚାଲିଛନ୍ତି। ତାହା ବାଦ୍ କେହି କେହି ମନ୍ତ୍ରୀ ଓ ନେତା କହୁଛନ୍ତି, କୃଷକ ଆନ୍ଦୋଳନ ପଛରେ ଚୀନ୍ ଓ ପାକିସ୍ତାନର ହାତ ରହିଛି। ଏମିତିକି ଉଗ୍ରବାମପନ୍ଥୀମାନେ ମୋଦି ସରକାରକୁ ବଦନାମ୍ କରିବା ସକାଶେ ଏମିତି ଅପଚେଷ୍ଟା ଚଳାଇଛନ୍ତି। ଯାହାହେଉ, ଦେଶବାସୀ ଆଶା କରୁଥିଲେ ଯେ, ଯେଉଁ ଜଟିଳ ମୋଡ଼ରେ ଚାଷୀ ଆନ୍ଦୋଳନ ପହଂଚି ସାରିଛି, ତାହାର ଇତିବାଚକ ସମାଧାନ ଦିଗରେ ଉଭୟ ପକ୍ଷଙ୍କ ପ୍ରୟାସରୁ ସୁଫଳ ମିଳିବ। ମାତ୍ର ତାହା ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। କୌଣସି ନା' କୌଣସି କାରଣରୁ ଆନ୍ଦୋଳନରତ ଚାଷୀମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି। ଆନ୍ଦୋଳନ ଜଙ୍ଗଲୀ ନିଆଁ ଭଳି ଚାରିଆଡ଼େ ମାଡ଼ିଚାଲିଛି। ପ୍ରଥମେ ସରକାର କଥାବାର୍ତ୍ତା ପାଇଁ ରାଜି ହେଉନଥିଲେ, ଏବେ ବାରମ୍ବାର ବୈଠକ ବସି ସୁଦ୍ଧା ସମାଧାନ ରାସ୍ତା ବାହାରିପାରୁନାହିଁ। ଯେଉଁ ସଂଶୋଧନ ପ୍ରସ୍ତାବ ସରକାର ଦେଇଛନ୍ତି, ତାହାକୁ ଚାଷୀ ସଂଗଠନଗୁଡ଼ିକ ସମୂଳେ ପ୍ରତ୍ୟାଖ୍ୟାନ କରିଦେଇ ସାରିଲେଣି। ଦିଲ୍ଲୀ ବର୍ତ୍ତମାନ କୋଭିଡ ସଂକ୍ରମଣ ଭିତରେ ଚାଷୀ ଆନ୍ଦୋଳନ ପାଇଁ ତାତି ଉଠିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ସହ ଅନ୍ୟ ମନ୍ତ୍ରୀମାନେ ଦିନସାରା ଉପବାସରେ ବସିବା ସହିତ ବିଭିନ୍ନ ପ୍ରାନ୍ତରେ ବିଲର ବିରୋଧ ପ୍ରକଟ କରାଯାଇଛି। ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସରୁ ଶିରୋମଣି ଅକାଳୀ ଦଳ ଓହରି ସାରିଛି। କେନ୍ଦ୍ରରେ ମନ୍ତ୍ରୀ ଥିବା ଜଣେ ଅକାଳୀ ନେତ୍ରୀ ସିମରନ୍‌ଜିତ୍ କୌର ଇସ୍ତଫା ଦେଇଛନ୍ତି। କେବଳ ସେତିକି ନୁହେଁ, ଅକାଳୀ ଦଳର ବର୍ଷୀୟାନ ନେତା ପ୍ରକାଶ ସିଂହ ବାଦଲ ପାଇଥିବା ପଦ୍ମବିଭୂଷଣ ଉପାଧି ଫେରାଇ ଦେଇସାରିଲେଣି। ପଂଜାବର ବହୁ ସାହିତ୍ୟକାର ବିଭିନ୍ନ ପଦବି ତ୍ୟାଗ କରି କୃଷକ ଆନ୍ଦୋଳନର ଯଥାର୍ଥତା ସପକ୍ଷରେ ଯୁକ୍ତି ବାଢୁଥିବାର ଦେଖାଯାଉଛି। କଥା ହେଉଛି, ରାଜନୀତିର ଘନଘଟା ଭିତରେ ଆମେମାନେ କୃଷକ ଶ୍ରେଣୀର ବୃହତ୍ତର ସ୍ୱାର୍ଥକୁ ଆଖି ବୁଜିଦେଇ ପାରିବାନାହିଁ। ଭାରତ କୃଷିପ୍ରଧାନ ରାଷ୍ଟ୍ର ଏବଂ କୃଷକ ଆମ ରାଷ୍ଟ୍ରୀୟ ଅର୍ଥନୀତିର ଅସଲ ମେରୁଦଣ୍ଡ। ଗଣତନ୍ତ୍ରର ଆପତ୍ତି ଓ ପ୍ରତିବାଦର ସ୍ଥାନ ଅନସ୍ୱୀକାର୍ଯ୍ୟ। ତାହାର ସ୍ପଷ୍ଟ ପ୍ରତିଧ୍ୱନି ହେବା ସ୍ୱାଭାବିକ। ତାହାହେଲେ ହିଁ ବାସ୍ତବ ସ୍ଥିତି ନେଇ ଆକଳନରେ ସ୍ୱଚ୍ଛତାକୁ ପରଖିବାର ସୁଯୋଗ ରହିବ। ବିରୋଧୀମାନେ ଜନମତକୁ ଭ୍ରମିତ କରିଚାଲିଛନ୍ତି ବୋଲି ଅଭିଯୋଗ ଭିତରେ ତାହାର ପ୍ରତିଜବାବ ପାଇଁ ସରକାର କୃଷକମାନଙ୍କର ସ୍ୱାର୍ଥ କଥା ଭୁଲିଯିବା କେତେଦୂର ଠିକ୍ ହେବ, ତାହା ମଧ୍ୟ ବିଚାରର ଅପେକ୍ଷା ରଖେ ବୋଲି ଜାଣିବା ଶୁଣିବା ମହଲ ବିଚାର କରନ୍ତି।

# ଭାରତ ପାକିସ୍ତାନ ଯୁଦ୍ଧ ୧୯୭୧

**ବିପିନ ବିହାରୀ ମହାନ୍ତି**

ଦେଶ ସ୍ୱାଧୀନ ହେଲା ବେଳେ ସମଗ୍ର ଭାରତକୁ ଦୁଇ ଭାଗ କରିଦିଆଗଲା। ଏମିତି ଧର୍ମ ବା ସଂପ୍ରଦାୟକୁ ଭିତ୍ତିକରି ହେଲା ହିନ୍ଦୁସ୍ଥାନ ବା ଭାରତ ଏବଂ ଅନ୍ୟଟି ମୁସଲମାନଙ୍କ ପାଇଁ ପାକିସ୍ଥାନ। ଏହା ପୁଣି ହେଲା ପଶ୍ଚିମ ପାକିସ୍ଥାନ ଓ ପୂର୍ବ ପାକିସ୍ଥାନ। ପୂର୍ବ ପାକିସ୍ଥାନରେ ପ୍ରାୟ ସମସ୍ତ ଅଧିବାସୀ ବଙ୍ଗଳା ଭାଷୀ ବା ବେଙ୍ଗଲୀ। ପାକିସ୍ଥାନର ମୁଖ୍ୟ କାର୍ଯ୍ୟାଳୟ, ସଂସଦ ଠାରୁ ଆରମ୍ଭ କରି ସବୁକିଛି, ପଶ୍ଚିମ ପାକିସ୍ଥାନରେ। ସେଇଠୁ ନିୟନ୍ତ୍ରଣ କରାଯାଏ ପୂର୍ବ ପାକିସ୍ଥାନକୁ। ତେବେ ପଶ୍ଚିମ ପାକିସ୍ଥାନୀଙ୍କର ପୂର୍ବ ପାକିସ୍ଥାନୀ ବଙ୍ଗାଳୀଙ୍କ ପ୍ରତି ଏକ ନ୍ୟୁନ ଭାବ ଥାଏ। ସେମାନେ ତାଙ୍କୁ ଦମିତ କରି ରଖିଥାନ୍ତି।

୧୯୭୦ ପାକିସ୍ଥାନୀ ନିର୍ବାଚନରେ ମୁଜିବୁର ରହମାନଙ୍କ ନେତୃତ୍ୱରେ ଆଓ୍ୟାମୀ ଲିଗ୍ ପୂର୍ବ ପାକିସ୍ଥାନରେ ୧୬୯ଟି ଆସନରୁ ୧୬୭ଟି ଦଖଲ କଲେ। ଏବେ ପାକିସ୍ଥାନୀ ସଂସଦର ୩୧୩ ଆସନରୁ ଅର୍ଦ୍ଧାଧିକ ଆସନ ପାଇଲେ ଆଓ୍ୟାମୀଲିଗ୍। ଏଣୁ ମୁଜିବୁର ରହମନ ପାକିସ୍ଥାନର ରାଷ୍ଟ୍ରପତିଙ୍କ ପାଖରେ ସରକାର ଗଠନ ପାଇଁ ଦାବୀ ଉପସ୍ଥାପନ କଲେ। ଏଥିକୁ ପାକସ୍ଥାନ ପିଉପ୍ଲିସ୍ ପାର୍ଟିର ଯୁଲିଫ୍‌କର ଅଲିଭୁଟୋ ନାପସନ୍ଦ କଲେ ଏବଂ ରାଷ୍ଟ୍ରପତି ୟାହିୟା ଖାଁଙ୍କୁ ପ୍ରବର୍ତ୍ତାଇ ପୂର୍ବ ପାକିସ୍ଥାନକୁ ଦବାଇବା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନମାନ ଆରମ୍ଭ କରିଦେଲେ। ପୂର୍ବ ପାକିସ୍ଥାନର ସୈନ୍ୟ ଓ ପୋଲିସମାନଙ୍କୁ ନିରସ୍ତ୍ର କରାଇ ଦେଲେ। ଭିନ୍ନ ମତବାଦୀଙ୍କୁ ବନ୍ଦୀ କଲେ। ଏଣୁ ଚାଲିଲା ହରତାଳ ଏବଂ ଅସହଯୋଗ ଆନ୍ଦୋଳନ।

ପାକିସ୍ଥାନୀ ସାମରିକ ବାହିନୀ ୨୫/୨୬ ମାର୍ଚ୍ଚ ୧୯୭୧ର ରାତିରେ ପୂର୍ବ ପାକିସ୍ଥାନରେ ପହଞ୍ଚିଗଲେ। ଆଓ୍ୱାମୀ ଲିଗକୁ ନିଷେଧ କରାଗଲା। ସେହି ରାତି ୧.୩୦କୁ ମୁଜିବୁର ରହମନକୁ ବନ୍ଦୀ କରାଗଲା ଏବଂ ତାଙ୍କୁ ନେଇ ପଶ୍ଚିମ ପାକିସ୍ଥାନରେ ରଖାଗଲା। ତାପରେ ଚାଲିଲା ଅପରେସନ ସର୍ଚ୍ଚ ଲାଇଟ୍ ଅର୍ଥାତ୍ ପୂର୍ବ ପାକିସ୍ଥାନର ବୃଦ୍ଧୀଜୀବୀଙ୍କୁ ହତ୍ୟା।

୨୬ମାର୍ଚ୍ଚ ୧୯୭୧ ଦିନ, ଜିଆଉର ରହମାନ, ପାକିସ୍ଥାନୀ ସୈନ୍ୟର ଜଣେ ମେଜର ବଙ୍ଗଳା ଦେଶର ସ୍ୱାଧୀନତା ଘୋଷଣା କଲେ। ସେହିବର୍ଷ ଏପ୍ରିଲରେ ନିର୍ବାସିତ ଆଓ୍ୟାମୀ ଲିଗ୍ ନେତାମାନେ ନିର୍ବାସିତଙ୍କ ସରକାର ମେହେରପୁରର ବୈଦ୍ୟନାଥ ତାଲାଠାରେ ଗଠନ କଲେ। ପୂର୍ବ ପାକିସ୍ଥାନ ରାଇଫଲସ୍ ଏବଂ ସଂଗଠିତ ବେସାମରିକ ସୈନ୍ୟମାନେ ମିଶି ଗଠନ କଲେ ବଙ୍ଗଳାଦେଶ ଫୋର୍ସ ଯାହାର ନାମ ସେମାନେ ରଖିଲେ 'ବଙ୍ଗଳାଦେଶ ମୁକ୍ତିବାହିନୀ' ଯେଉଁଥିରେ 'ନିୟମିତ ବାହିନୀ ଓ ଗରିଲା ବାହିନୀ' ନାମରେ ଦୁଇ ସୈନ୍ୟବାହିନୀ ବିଭାଗ ଥିଲା। ଏହା କମାଣ୍ଡର -ଇନଚିଫ୍ (ସି.ଇନ୍.ସି.) ଜେନେରାଲ୍ ମହମ୍ମଦ ଘାନୀ ଓସମାନୀ ନେତୃତ୍ୱରେ ପରିଚାଳିତ ହେଲା।

ପାକିସ୍ଥାନୀ ସୈନ୍ୟମାନେ ପୂର୍ବ ପାକିସ୍ଥାନରେ ବଙ୍ଗଳୀଙ୍କ ଉପରେ ଉପଯୁକ୍ତ ଗଣହତ୍ୟା ଆରମ୍ଭ କରିଦେଲେ, ବିଶେଷକରି ସଂଖ୍ୟା ଲଘୁ ହିନ୍ଦୁମାନଙ୍କ ଉପରେ । ଏମାନଙ୍କ ମଧରେ ପାଖାପାଖି ୧୦ ନିୟୁତ ହେବ ପ୍ରାଣ ଭୟରେ ଭାରତ ସୀମାନ୍ତରାଜ୍ୟ ପଶ୍ଚିମ ବଙ୍ଗ, ବିହାର, ଆସାମ, ମେଘାଳୟ ଏବଂ ତ୍ରିପୁରାରେ ଶରଣାର୍ଥୀଭାବେ ପ୍ରବେଶ କଲେ। ଏପ୍ରକାର ଶରଣାର୍ଥୀ ସମସ୍ୟା ଭାରତର ଅର୍ଥନୀତି ଉପରେ ଭୟଙ୍କର ଚାପ ପକାଇଲା।

'ନରସଂହାର ନୀତି' କାରଣକୁ ଜେନେରାଲ ଟିକ୍କା ଖାଁଙ୍କୁ "ବଙ୍ଗାଳୀଙ୍କ କଂସାଇ' ବେ ।ଲି ଲୋକେ କହିଲେ। ସେ ମଧ ତାଙ୍କର ଏନୀତି ପାଇଁ ତାଙ୍କୁ ଆଗରୁ 'ବେଲୁଚିସ୍ଥାନ କଂସେଇ' ବୋଲି ନାମିତ କରାଯାଇଥିଲା। ପାକିସ୍ଥାନର ସର୍ବୋଚ୍ଚ ଜେନେରାଲ୍ ନିଆଜୀ ତାଙ୍କୁ ଏପରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିକୁ ସେ ଟୀକ୍କା ଦିଅନ୍ତି ଯେ ସେଦିନର ଶାନ୍ତି ପୂର୍ଣ୍ଣରାତିଟି ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲା ଯନ୍ତ୍ରଣା ଓ କାନ୍ଦଣା ଜନିତ ଚିତ୍‌କାର ଓ ପୋଡ଼ାଜଳାରେ। ଜେନେରାଲ୍ ଟିକ୍କା ଏମିତି ନିଷ୍ଠୁର ଏବଂ ହୃଦ୍ ବିଦାରକ ନର ସଂହାର ଲୀଳା ଚଳାଇଥିଲେ ଯେ ଯାହାକି ଚେଙ୍ଗିଜ୍‌ଖାଁଙ୍କ ବୁଖାରା ଓ ବାଗଦାଦ୍ ଗଣ ସଂହାର ଠାରୁ ବଳାଇଗଲା ବାହାଲକୁ ଖାଁଙ୍କ ଠାରୁ ମଧ ଅଧିକଥିଲା। ସେ ତାଙ୍କ ଗଣସଂହାରରେ ବେସାମରିକ ଲୋକଙ୍କୁ ବି ବାଦ୍ ଦେଇନାହାଁନ୍ତି। ସେ ତାଙ୍କ ସୈନ୍ୟବାହିନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ, 'ମୋର ଏଠି ମଣିଷ ଦରକାର ନାହିଁ, ଏ ପୂର୍ବ ପାକିସ୍ଥାନର ଜମି ଦରକାର। ପୂର୍ବ ପାକିସ୍ଥାନରେ ସବୁଜ ଜମିକୁ ରକ୍ତରଂଜିତ କରିଦିଅ।' ସତରେ ଏହା ବଙ୍ଗାଳୀଙ୍କ ରକ୍ତରେ ରଂଜିତ ହୋଇଗଲା। ଆଉ ଅନ୍ୟାନ୍ୟ ଅମାନୁଷିକ ଅତ୍ୟାଚାର ଏବଂ ଅଭାବନୀୟ ଘଟଣା ନେଇ କ'ଣ ବା କହିବା!

ଭାରତ ସରକାର ଏ ନେଇ ଆନ୍ତର୍ଜାତିକ ସ୍ତରରେ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କର ଦୃଷ୍ଟି ଆକର୍ଷଣ କଲେ। ମାତ୍ର ଫଳ କିଛି ହେଲାନାହିଁ। ଏଣୁ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ, ଲୌହମାନବୀ ଇନ୍ଦିର ଗାନ୍ଧୀ ୨୭ମାର୍ଚ୍ଚ ୧୯୭୧ରେ ତାଙ୍କର ପୁରା ସମର୍ଥନ ଏବଂ ସାହାଯ୍ୟ ବଙ୍ଗଳାଦେଶର ସ୍ୱାଧୀନତା ପାଇଁ ଘୋଷଣା କରିଦେଲେ। ସେ ନିଷ୍ପତ୍ତି ନେଲେ ଯେ ଶରଣାର୍ଥୀଙ୍କ ଭାର ବୋହିବା ଅପେକ୍ଷା ସାମରିକ ହସ୍ତକ୍ଷେପ ମାଧମରେ ପଶ୍ଚିମ ପାକିସ୍ଥାନ ଗଣହତ୍ୟାକୁ ରୋକିବାକୁ ହେବ। ଏଥିପାଇଁ ଭାରତ ତରଫରୁ ମୁକ୍ତିବାହନୀ ସୈନ୍ୟମାନଙ୍କୁ ତାଲିମ ଦିଆଗଲା ଏବଂ ନିଜେ ଭାରତ ତାଙ୍କ ସହିତ ତାଙ୍କ ନିର୍ଦ୍ଦେଶରେ ନିର୍ବାସିତ ପୂର୍ବ ପାକସ୍ଥାନୀ ସୈନ୍ୟ ଓ ସଂଗଠିତ ସୈନ୍ୟକୁ ଏକାଠି କରି ମୁକ୍ତିବାହିନୀ ସୈନ୍ୟ ଗଠନ ହେଲା ଏବଂ ଯୁଦ୍ଧ ସେମାନଙ୍କୁ ଗରିଲା ଯୁଦ୍ଧ ତାଲିମ ଦିଆଗଲା। ଏହାପରେ ମୁକ୍ତି ବାହିନୀ ଓ ଭାରତୀୟ ସୈନ୍ୟବାହିନୀ ମିଶି ପ୍ରସ୍ତୁତ ରହିଲେ।

ଏସବୁ ଦେଖି ପଶ୍ଚିମ ପାକିସ୍ଥାନ ପୂର୍ବ ପାକିସ୍ଥାନ ଓ ଭାରତ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବାହାରିପଡ଼ିଲା। ପଶ୍ଚିମ ପାକିସ୍ଥାନର ପ୍ରାଚୀର ପତ୍ରମାନଙ୍କରେ ଲେଖାଥିଲା, 'ଭାରତକୁ ଧ୍ୱଂସ କର' ଏବଂ ଶେଖ୍ ମୁଜବୁରଙ୍କ ପାଇଁ ଶ୍ଳୋଗାନ ଥିଲା, 'ପ୍ରତାରକକୁ ଫାଶୀ ଦିଅ'।

ନଭେମ୍ବର ଶେଷଭାଗକୁ ଏହା ସୁସ୍ପଷ୍ଟ ହୋଇ ଯାଇଥିଲା ଯେ ଯୁଦ୍ଧ ଅନିର୍ବାଯ୍ୟ। ଭାରତୀୟ ସୈନ୍ୟମାନେ ଡ଼ିସେମ୍ବରକୁ ଯୁଦ୍ଧପାଇଁ ଅପେକ୍ଷା କରିଥାନ୍ତି କାରଣ ସେତେବେଳେ ଭୂମି ଶୁଖିଲାଥିବ ଏବଂ ହିମାଳୟର ଗିରିପଥଗୁଡ଼ିକ ବରଫଦ୍ୱାରା ଆଚ୍ଛାଦନ ଥିବା ହେତୁ କିଛି ପ୍ରତିବନ୍ଧକ ଚୀନ ପଟୁ ସୃଷ୍ଟିର କାରଣ ନଥିବ।

୩ ଡ଼ିସେମ୍ବର ଅପରାହ୍ନ ୫.୪୦ରେ ପାକିସ୍ଥାନର ବାୟୁସେନା (ପି.ଏ.ଏଫ୍) ଆଗତୁରା ଭାରତ ଆକ୍ରମଣକୁ ଅକ୍ଷମ ଓ ଦୁର୍ବଳ କରିଦେବା ନିମନ୍ତେ ତା' ସୀମାରେଖା ପାଖରେ ଥିବା ୧୧ଟି ବିମାନ ଘାଟି ଅଞ୍ଚଳରେ ପ୍ରିଏମ୍‌ପିଟ୍‌ଭି ଷ୍ଟ୍ରାଇକ୍ ଆରମ୍ଭ କରିଦେଲା। ଏହାକୁ କୁହନ୍ତି ଅପରେସନ ଚେଙ୍ଗିଜ୍ ଖାଁ ଯାହାକି ୧୯୬୭ରେ ଆରବ - ଇସ୍ରାଏଲ୍ ଯୁଦ୍ଧକୁ ମାତ୍ର ୬ଦିନରେ ସମାପ୍ତ କରିଦେଇଥିଲା ଅଥଚ ଏଠି ପାକିସ୍ଥାନର ମାତ୍ର ଆକାଶଯୁଦ୍ଧ ଜାହାଜ ସଂଖ୍ୟା ୫୦ଟିଥିଲା। ଏଥିରୁ ଭାରତ ନିଶ୍ଚିତ କଲା ଯେ ଏ 'ପ୍ରିଏମ୍‌ପିଟ୍‌ଭି ଷ୍ଟ୍ରାଇକ୍' ଭାରତ ପାଇଁ ଏକ ଯୁଦ୍ଧ ଆହ୍ୱାନ। ସେହିଦିନ ସଂଧ୍ୟାରେ ଏକ ରେଡ଼ିଓ ବାର୍ତ୍ତା ଯୋଗେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକଥା ଘୋଷଣା କଲେ। ଫଳରେ ସେହିଦିନ ରାତିରେ ଭାରତୀୟ ଆକାଶବାହିନୀ ଏହାର ପ୍ରାଥମିକ ଜବାବ୍ ଦେଲେ। ତା'ପରେ ସେହିଁଦିନ ରାତିରେ ଭାରତୀୟ ଆକାଶବାହିନୀର ଏହାର ପ୍ରାଥମିକ ଜବାବ୍ ଦେଲେ। ସେହିଦିନ ମଧ ରାତ୍ରୀର ଘମାଘୋଟ ଲଢ଼େଇ ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ହେଲା। ପୂର୍ବ ପାକିସ୍ଥାନ ପଟୁ ଯୁଦ୍ଧରେ ଯଦିଓ ବଙ୍ଗଳାଦେଶକୁ ପଶ୍ଚିମ ପାକିସ୍ଥାନଠୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଥିଲା, ପଶ୍ଚିମପଟେ ପାକିସ୍ଥାନୀକୁ ଭାରତ ପ୍ରବେଶ କରାଇ ନଦେବା ଥିଲା ଉଦ୍ଦେଶ୍ୟ। ଏହା ବ୍ୟତୀତ ଅନ୍ୟ କାରଣ ନଥିଲା।

ଏ ଯୁଦ୍ଧରେ ଭାରତ ବ୍ଲିଜକ୍ରାଏଜ ଯୁଦ୍ଧ କୌଶଳ ପ୍ରୟୋଗ କରି ମାତ୍ର ୧୩ଦିନରେ (୩ ଡ଼ିସେମ୍ବରରୁ ୧୬ ଡ଼ିସେମ୍ବର) ବିଜୟ ଲାଭ କରିଥିଲା।

ସେଦିନ ଏହା ଡ଼ିସେମ୍ବର ୧୬ତାରିଖରେ ଏକ ତରଫା ଭାବେ ଏବଂ ବିନା ସର୍ତ୍ତରେ ପାକିସ୍ଥାନ ଆତ୍ମ ସମର୍ପଣ କଲା ଏବଂ ପୂର୍ବ ପାକିସ୍ଥାନ ସ୍ୱାଧୀନ ବଙ୍ଗଳା ଦେଶରେ ପରିଣତ ହେଲା। ପାକିସ୍ଥାନ ସେନାବାହିନୀର ସର୍ବୋଚ୍ଚମୁଖ୍ୟ ଜେନେରାଲ ଅମିର ଅବଦୁଲ୍ଲାହ ଖାନ୍ ନିଆଜୀ ୯୩,୦୦୦ ସୈନ୍ୟବାହିନୀବଳ ସହ ଭାରତ ଓ ମୁକ୍ତିବାହିନୀ ମିଳିତ ସୈନ୍ୟର ମୁଖ୍ୟ ଜେନେରାଲ ଜଗତ ସିଂହ ଆରୋରା, ଭାରତଙ୍କ ନିକଟରେ ରାମନାରେସ ରେସ୍‌କୋର୍ସ ଠାରେ ଏକ ତରଫା ନିସର୍ତ୍ତ ଆତ୍ମସମର୍ପଣ କଲେ। ଏହ ଯୁଦ୍ଧରେ ପାକିସ୍ଥାନ ପକ୍ଷର ୯୭,୩୬୮ ଯୁଦ୍ଧବନ୍ଦୀ ଥିଲେ ଯେଉଁଥିରେ ପଦାତିକ ୫୪,୧୫୪, ନୈସେନା - ୧୩୮୧, ଆକାଶବଳ - ୮୩୩, ସଂଗଠିତ ବଳ - ୨୨,୦୦୦ ଓ ବେସାମରିକ ବ୍ୟକ୍ତିଥିଲେ ୧୨,୦୦୦। ଭାରତ ଓ ମୁକ୍ତି ବାହିନୀ ତରଫରୁ ଲଢ଼ିଥିବା ସୈନ୍ୟବଳ ଯଥାକ୍ରମେ ୫୦୦,୦୦୦ ଏବଂ ୧୭୫,୦୦୦। ପାକିସ୍ଥାନ ପକ୍ଷରୁ ଥିଲେ ୩୬୫,୦୦୦। ଭାରତ ମୁକ୍ତିବାହିନୀ ମୃତ ଓ ଆହତ ସଂଖ୍ୟା ଯଥାକ୍ରମେ ୩,୮୪୩ ଏବଂ ୯,୮୫୧ ଥିବା ବେଳେ ପାକିସ୍ଥାନ ପକ୍ଷରୁ ଥିଲା ଯଥାକ୍ରମେ ୯,୦୦୦ ଏବଂ ୪,୩୫୦।

ଭାରତ ପ୍ରଚେଷ୍ଟାର ପୂର୍ବପାକିସ୍ଥାନ ପଶ୍ଚିମ ପାକିସ୍ଥାନ କବଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ର 'ବଙ୍ଗଳଦେଶ'ରେ ନାମିତ ହେଲା। ଏହାଥିଲା ଉଭୟ ଦେଶପାଇଁ ବିଜୟର ଟୀକା। ଏହାକୁ ସ୍ମରଣକରି ଦେଶପାଇଁ ପ୍ରାଣବଳୀ ଦେଇଥିବା ଅମର ଯବାନଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ୧୬ଡ଼ିସମ୍ବେରକୁ ଆମେ ବିଜୟ ଦିବସ ରୂପେ ପାଳନ କରୁଛୁ। ଏହି ଦିବସରେ ଆମ ଭାରତର ରକ୍ଷାମନ୍ତ୍ରୀ ଏବଂ ତିନି ସେନାବିଭାଗର ମୁଖ୍ୟମାନେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ଓ ଜାତୀୟ ସାମରିକ ମେମୋରିଆଲ୍, ବାଙ୍ଗାଲୋର ଠାରେ ସେମାନଙ୍କ ପାଇଁ ସ୍ମୃତି ଅର୍ଘ୍ୟ ଅର୍ପଣ କରିଥା'ନ୍ତି। ଦେଶ ସାରା ନାଗରିକ, ବରିଷ୍ଠ ପଦାଧିକାରୀ, ଛାତ୍ର ସମାଜ ଏବଂ ପୁରୁଖା ସୈନ୍ୟବାହିନୀର ବ୍ୟକ୍ତିମାନଙ୍କ ଦ୍ୱାରା ଅମର ସହୀଦମାନଙ୍କୁ ଗୋଲାକାର ଫୁଲତୋଡ଼ା ପ୍ରଦାନ ପୂର୍ବକ ସେମାନଙ୍କ ଶହୀଦ ସ୍ତମ୍ଭଠାରେ ସ୍ମୃତି ଅଞ୍ଜଳି ପ୍ରଦାନ କରିଥାନ୍ତି। ସେମାନଙ୍କ ପାଇଁ ଡ଼ିସେମ୍ବର ୧୬ହିଁ ଏକ ଉତ୍ସର୍ଗୀକୃତି ଦିବସ। ଆମେ କେବେ ବି ସେମାନଙ୍କୁ ନୈରାଶ୍ୟ କରିବୁ ନାହିଁ। ଏମିତି କାଳ କାଳକୁ ତାଙ୍କ ସ୍ମୃତି ଚାରଣ କରୁଥିବୁ। ମାନ୍ୟବର ରାଜୀବ ଚନ୍ଦ୍ର ଶେଖରଙ୍କ ଭାଷାରେ ଏହାହିଁ ଆମ କର୍ତ୍ତବ୍ୟ : .

ଏହିପରି ୨୮ଜୁନ୍ ୧୯୯୯ରେ କାର୍ଗିଲ ଯୁଦ୍ଧରେ ପାକିସ୍ଥାନ ବିରୁଦ୍ଧରେ ଆମେ ବିଜୟ ହାସଲ କରିଥିଲୁ। ଏଣୁ ପ୍ରତିବର୍ଷ ୨୮ଜୁନ୍‌କୁ କାରଗିଲ ଦିବସ ରୂପେ ଆମେ ପାଳନ କରୁଛୁ। ଏହା ବି ଆମର ଭିନ୍ନ ଏକ ବିଜୟ ଦିବସ।

ଜବାନ୍‌ମାନଙ୍କ ଜୟ ହେଉ।

ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ମୋ : ୯୯୩୮୩୪୧୩୮

# ଚାଷୀ ଆନ୍ଦୋଳନର ଦିଗ : ଏକ ଅନୁଶୀଳନ



**ଡ. ସମନ୍ୱୟ ନନ୍ଦ**

ବର୍ତ୍ତମାନ ଦିଲ୍ଲୀର ସୀମାରେ ଚାଷୀ ମାନଙ୍କର ଆନ୍ଦୋଳନ ଚାଲିଛି । ପଂଜାବ, ହରିଆଣା ତଥା ପଶ୍ଚିମ ଉତର ପ୍ରଦେଶର ଚାଷୀ ମାନେ ବିଶେଷ ଭାବରେ ଏହି ଆନ୍ଦୋଳନ ଚଳାଇଛନ୍ତି । ଏହି ଆନ୍ଦୋଳନରତ ଚାଷୀ ମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ କରା ଯାଇଥିବା ତିନୋଟି କୃଷି ବିଲକୁ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି ।

ଦେଶରେ ବର୍ତ୍ତମାନ ସୁଦ୍ଧା ଚାଷୀ ମାନଙ୍କୁ ସେମାନଙ୍କର ଉତ୍ପାଦ ବିକ୍ରୀ କରିବାକୁ ନେଇ କୌଣସି ବିକଳ୍ପ ନ ଥିଲା। ସେମାନେ ମଣ୍ଡିରେ ନିଜର କୃଷିଜାତ ଉତ୍ପାଦ ବିକ୍ରୀ କରିବା ପାଇଁ ବାଧ୍ୟ ଥିଲେ । ତେଣୁ ଚାଷୀ ମାନଙ୍କୁ ବିକଳ୍ପ ପ୍ରଦାନ କରିବାକୁ ଦାବି ବହୁ ପୂର୍ବରୁ ହେଉଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଡ, ମନମୋହନ ସିଂହଙ୍କ ଠାରୁ ଆରମ୍ଭ କରି ଏନସିପି ମୁଖ୍ୟ ଶରଦ ପାବାର ଓ ଅନ୍ୟ ନେତା ମାନେ ଚାଷୀ ମାନଙ୍କର ଉତ୍ପାଦକୁ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ଅଧିକ ବିକଳ୍ପ ପ୍ରଦାନ କରିବା କଥା ଦୀର୍ଘ ଦିନରୁ କହି ଆସୁଥିଲେ । ହେଲେ ଏ ଦିଗରେ କେହି ଠୋସ ପଦକ୍ଷେପ ନେଇ ନ ଥିଲେ । ତେବେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀ ମାନଙ୍କ ପାଇଁ ବିକଳ୍ପ ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ଆଇନ ପ୍ରଣୟନ କରିଛନ୍ତି । କହିବାକୁ ଗଲେ ବର୍ତ୍ତମାନ ସରକାର ଚାଷୀ ମାନଙ୍କୁ ବିକଳ୍ପ ପ୍ରଦାନ କରିବା ସହ ମଣ୍ଡିର ମଧ୍ୟସ୍ଥ ମାନଙ୍କ କବଜାରୁ ବର୍ତିବାର ଏକ ରାସ୍ତା ଦେଇଛନ୍ତି । ଏହା ସହିତ ସରକାର ସ୍ପଷ୍ଟ କରିଛନ୍ତି ଯେ ମଣ୍ଡି ବ୍ୟବସ୍ଥା ପୂର୍ବ ଭଳି ଜାରୀ ରହିବ ଓ ଏମଏସପି ବ୍ୟବସ୍ଥା ଉଚ୍ଛେଦ ହେବ ନାହିଁ । ଏହା ମଧ୍ୟ ଜାରୀ ରହିବ । ତେଣୁ ଦେଖିବାକୁ ଗଲେ ବର୍ତ୍ତମାନର ମୋଦି ସରକାର ପୂର୍ବରୁ ହୋଇ ଆସୁଥିବା ଦାବିକୁ କେବଳ ପୂରଣ କରିଛନ୍ତି ଓ ଏହା ସହିତ ପୂର୍ବର ବ୍ୟବସ୍ଥାକୁ ମଧ୍ୟ ଜାରୀ ରଖିଛନ୍ତି ।

ତେବେ ଏହାକୁ ନେଇ କିଛି କୃଷକ ସଂଗଠନ ଖାସ କରି ପଂଜାବର କିଛି ବାମପନ୍ଥୀ କୃଷକ ସଂଗଠନ ଗୁଡିକ ଆନ୍ଦୋଳନ କରିବାରେ ଲାଗିଛନ୍ତି । ପଂଜାବରେ କିଛି ଦିନ ଆନ୍ଦୋଳନ କରିବା ପରେ ଏବେ ସେମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ କରୁଛନ୍ତି । ସରକାର ମଧ୍ୟ ତାଙ୍କ ସହ ଆଲୋଚନା କରୁଛନ୍ତି । ସରକାର ଯେତେବେଳେ କୌଣସି ଆଇନ ପ୍ରଣୟନ କରନ୍ତି ଯଦି ତାହା ଜନ ବିରୋଧୀ ତେବେ ଏହାର ବିରୋଧ ହେବା ଜରୁରୀ । ଗଣତନ୍ତ୍ରରେ ଯଦି ଜନ ବିରୋଧୀ ନିଷ୍ପତି ଗ୍ରହଣ କରା ଯାଏ ତେବେ ଏହାର ରାଜରାସ୍ତାରେ ବିରୋଧ ହେବା ସ୍ୱାଭବିକ ଓ ଏହାକୁ ସ୍ୱାଗତ କରା ଯିବା ଉଚିତ । ଚାଷୀ ମାନଙ୍କ ମନରେ ଯଦି କିଛି ଆଶଙ୍କା ରହିଛି ତେବେ ତାଙ୍କ ଠାରୁ ତାଙ୍କର ଉଦବେଗକୁ ଶୁଣିବା ଓ ତା ଅନୁସାରେ ସମସ୍ୟାର ସମାଧାନର ରାସ୍ତା ବାହାର କରିବା ସରକାରଙ୍କର ଦାୟିତ୍ୱ । ଚାଷୀ ମାନଙ୍କର ଚିନ୍ତା ଓ ଆଶଙ୍କା ଦୂର ହେବା ଅତ୍ୟନ୍ତ ଜରୁରୀ । ଏପରି ଲାଗୁଛି କେନ୍ଦ୍ର ସରକାର ତାର ଦାୟିତ୍ୱକୁ ଭଲ ଭାବେ ବୁଝିଛନ୍ତି ଓ ଚାଷୀ ମାନଙ୍କ ସହ ନିରନ୍ତର ଆଲୋଚନା କରୁଛନ୍ତି ଓ ସ୍ପଷ୍ଟ କରିଛନ୍ତି ଯେ ଚାଷୀ ମାନଙ୍କର ଆଶଙ୍କାକୁ ଦୂର କରିବାକୁ ସମସ୍ତ ପ୍ରକାର କଥା ସେମାନେ ଲିଖିତ ଭାବେ ଦେବାକୁ ପ୍ରସ୍ତୁତ ଅଛନ୍ତି । ତେବେ ଏହି ଚାଷୀ ଆନ୍ଦୋଳନ ଧୀରେ ଧୀରେ ଅନ୍ୟ ମୋଡ ନେଉଥିବା ଦେଖା ଯାଉଛି । ଆନ୍ଦୋଳନ ଆରମ୍ଭ ହେବା ଦିନ ଠାରୁ ବର୍ତ୍ତମାନ ଯାଏ ଏପରି କିଛି ଘଟଣା ଦେଖିବାକୁ ମିଳିଲାଣି ଯାହା ଦ୍ୱାରା ଏ ପ୍ରକାର ସନ୍ଦେହ ଉତ୍ପନ୍ନ ହେଉଛି ଯେ ବାସ୍ତବରେ ଚାଷୀ ମାନଙ୍କର ଏହି ଆନ୍ଦୋଳନ କିଛି ଭାରତ ବିରୋଧୀ, ଭାରତକୁ ଭାଗ ଭାଗ କରିବାକୁ ଚେଷ୍ଟା କରୁଥିବା ଶକ୍ତି ମାନଙ୍କ ହାତକୁ ଚାଲି ଯାଇଛି । ତାର ଗୋଟିଏ ପରେ ଗୋଟିଏ ଉଦାହରଣ ଦେଖିବାକୁ ମିଳିଲାଣି । ଏହା ବାସ୍ତବରେ ଚିନ୍ତାଜନକ ବିଷୟ ।

(କ୍ରମଶଃ)

## କବିତା କୋଣାର୍କ

### ବେଦନାର ଶେଷ ଶିକ୍ଷା...

**ସୁଧାକର ରାଉତ**

ଅଗ୍ନି ସାକ୍ଷୀ ରଖି କହିଥିଲ ପରା
ସାଥିରେ ଚାଲିବ ବୋଲି
କାହିଁ ଏତେ ଶୀଘ୍ର ଶପଥ ଭାଙ୍ଗିଣ
ମୋ ପାଶରୁ ଗଲ ଚାଲି।
ମଥାର ସିନ୍ଦୁର ଚାଞ୍ଚଲ୍ୟ କରୁଛି
ତଳେ ଲୋଟେ ଶଂଖାମୁଠା
ବାହୁନି କାନ୍ଦୁଛି ପୂର୍ବ ବେଶ ଭୁଷା
ଲାଗିଛି ଦୁର୍ଭାଗ୍ୟ ଅଠା।
ବିଧବା ବେଶରେ ସଜାଇବ ବୋଲି
କରିଥିଲ ଅବା ପଣ
ସଂସାର ସାଗରେ ଏକା କରି ମୋତେ
ଦିଅ ଅସହ୍ୟ କଷଣ।
ଅନ୍ଧାର ହୋଇଛି ମୋ ଜୀବନାକାଶ
ସୂରୁଯ ଯାଇଛି ବୁଡ଼ି
ଅନାଗତ ଭବିଷ୍ୟତ କଥା ଭାଳି
ମନ ଯାଉଛି ନିରବି।
ଆଖିରୁ ଲୁହକୁ ପିଇଯାଏ ଓଠ
ଆସି ସଦଦା ତୁମ ସ୍ମୃତି
ଦୁଃଖର ସାଗର ଦିଗବଳୟ ଛୁଏଁ
ସତେ ନାହିଁ ତାର ଭତି।
ତୁମ ସନ୍ତକକୁ ସଯତ୍ନେ ରଖିଛି
ଦେଇ କେତେ ପ୍ରବୋଧନା
ତା ମୁହଁ ଦର୍ପଣେ ପାଏ ମୁଁ ତୁମକୁ
ହୁଏ ନିତି ଆଗମନା।
ତା' ପ୍ରଶ୍ନବାଣରେ ହୁଏ ଜର୍ଜରିତ
ଖୋଜେ ତୁମକୁ ଆକୁଳେ
ମୋ କଥାକୁ ଭୁଲି ତା ଜୀବନ ତରୀ
ଲଗାଇ ଦିଅହେ କୂଳେ।
ନିର୍ବୋଧ ଚାହାଣୀ ଅବୁଝା ମନତା
ବୁଝେ ନାହିଁ ମୃତ୍ୟୁ ଦାଉ
କୋମଳ ମନତା କିପରି ବୁଝିବ
ଜୀବନ ଯନ୍ତ୍ରଣା ଆଉ।
ପାପ ପୁଣ୍ୟର ଗୋଲକ ଧନ୍ଦାରେ
ମତେ କଲ ଛଟପଟ
ନିଷ୍ପାପ ଶିଶୁ ସେ କିସ ଅବା କଲା
ତାସଙ୍ଗେ କଲ କପଟ।
ଜୀବନ ଜୀବିକା ସଂଘର୍ଷ ମଧ୍ୟରେ
ଜୀବନଟା ମୃତ୍ୟୁ ପାଶେ
ହାରିକରି ନିଃସହାୟ କରି ଗଲ
ଛାଡ଼ି ନିଃସଙ୍ଗତା ପାଶେ।
ଜାଣେନା ମୁଁ ତୁମେ ରହିଲ କେଉଁଠି
ଯେଉଁଠି ଯେମିତି ଥାଅ
ବେଦନାସିକ୍ତ ଅଲୋଡ଼ା ପ୍ରାଣକୁ
ତୁମ ପାଶେ ନେଇଯାଅ।

+ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

## କବିତା କୋଣାର୍କ

### କରୋନାକୁ ଡରିବାନି...

**ପ୍ରଶାନ୍ତ କୁମାର ପାଢ଼ୀ**



କରୋନା ନାମକ ଭୂତାଣୁ କବଳେ
କବଳିତ ବିଶ୍ୱ ଆଜି
ସେଥିରୁ ଆମକୁ ମୁକୁଳିବା ପାଇଁ
ବୁଦ୍ଧି ଜ୍ଞାନ ଯାଏ ହଜି।

ବସ୍ ରେଳ ଆଉ ବିମାନ ସେବାକୁ
ସରକାର ବନ୍ଦ କଲେ
ଲକ୍ ଡାଉନ୍ ଓ ସଟ୍ ଡାଉନ୍ ଆଦି
ସବୁ ପଦକ୍ଷେପ ନେଲେ।

ତଥାପି କାହିଁକି ଆମରି ଦେଶରୁ
କରୋନା ହୋଇନି ଦୂର
କିଛି ରାଜ୍ୟ ଏବେ ଆସୁଅଛି ମାଡ଼ି
ପୁଣି ଦ୍ୱିତୀୟ ଲହର।

ବିଦ୍ୟାଳୟଠାରୁ ବିଶ୍ୱ ବିଦ୍ୟାଳୟ
ସବୁଠି ଲାଗିଛି ତାଲା
ଛାତ୍ରଛାତ୍ରୀମାନେ ପ୍ରତ୍ୟକ୍ଷ ଶିକ୍ଷାରୁ
ବଂଚିତ ହୋଇଲେ ଭଲା।

ସମୟ ଆସିଛି ଅନ୍‌ଲାଇନ୍‌ରେ
ଏବେ ଶିକ୍ଷା ଦାନ ପାଇଁ
ପରିସ୍ଥିତି ବୁଝି ସହଯୋଗ କଲେ
ଅସୁବିଧା ହେବନାହିଁ।

ଡାକ୍ତର ସେବିକା ପୋଲିସ ଆଉ ଯେ
ସଫେଇ କର୍ମଚାରୀ
କରୋନା ଯୋଦ୍ଧାର ନାମ ବହି ସର୍ବେ
କର୍ତ୍ତବ୍ୟ ଯାଆନ୍ତି କରି।

ମାସ୍କ ଲଗାଇ ଦୂରତା ରଖିଲେ
କରୋନା ହୋଇବ କାବୁ
ସଚେତନ ହୋଇ ନିୟମ ପାଳିଲେ
ହଟିବ ସମସ୍ୟା ସବୁ।

ବୈଜ୍ଞାନିକମାନେ ଟୀକା ପାଇଁ ଆଜି
କରୁଛନ୍ତି ଗବେଷଣା
ଟୀକା ବାହାରିଛି କରୋନାର ଏବେ
ବୁଦ୍ଧି ହୋଇଯିବ ବଣା।

କରୋନାକୁ ଆମେ ଡରିବାନି କେବେ
ତା ସହିତ ଲଢୁଥିବା
ତାକୁ ହରାଇବା ବିଜୟୀ ହୋଇବା
ଆନନ୍ଦରେ ହସୁଥିବା।

+ଅଧ୍ୟାପକ,ଜବାହର ନବୋଦୟ ବିଦ୍ୟାଳୟ, ଚମ୍ପଉିମୁଣ୍ଡା
ଅନୁଗୋଳ-୭୫୯୧୩୨
ମୋ: ୯୪୩୭୦୦୩୧୧୩

### ଆତ୍ମା ଓ ଅନ୍ତର ଆତ୍ମା ...

**କୁନା ସେଠୀ**

ଶରୀର ମଧ୍ୟରେ ସୂକ୍ଷ୍ମ ଶରୀରରେ
ବିଦ୍ୟମାନ ପରା ଦୁହେଁ
ଦୁହିଁଙ୍କ ପାଇଁ ତ ଚାଲେ ଜୀବ ରଥ
ଯେଉଁ ଆଡ଼େ ଚାହିଁଥାଏ।

ସର୍ବ ଲୋଭଠାରୁ ଥାଏ ସେ ଦୂରେଇ
ଗର୍ବଠାରୁ ଥାଏ ଦୂରେ
ଅହଙ୍କାର ଠାରୁ ଦୂରେ ରହି ପୁଣି
ଚାଲଇ ଜୀବନ ଧାରେ।

ଶରୀର କରଇ ଯେଉଁ କର୍ମ ମାନ
ନିରୀକ୍ଷଣ କରିଥାଏ
ଅକର୍ମମାନଙ୍କୁ ନ କରିବାପାଇଁ
ବାଧା ସିଏ ଦେଇଥାଏ।

ସତ୍ ପଥ ମାନ ଦେଖାଇ ଥାଏ ସେ
ଆମରି ଜୀବନ ପାଇଁ
ସେହି ବାଟେ ଗଲେ ମୁକତି ପାଇବା
ଏ କଥା କୁହଇ ସେହି।

ଦୁହେଁ ଦୁହିଁଙ୍କର ଅନ୍ତରଙ୍ଗ ସାଥୀ
ଏଇ ଶରୀରର ପାଇଁ
ମନ ଅମାନିଆ ଶୁଣେ ନାହିଁ ଜମା
କଣ କହୁଛନ୍ତି ସେହି।

ଜୀବନ ପଥରେ ଶରୀରକୁ ରଥ
ଆତ୍ମାକୁ ସାରଥୀ କଲେ
ଅନ୍ତର ଆତ୍ମା ଯେ ହସି ଉଠୁଥିବ
ଯେତେ ଦୁଃଖ କଷ୍ଟ ଥିଲେ।

ଆତ୍ମା ଅନ୍ତର ଆତ୍ମା ସେ ଗୂଢ଼ ତତ୍ତ୍ୱ
ବୁଝିବା ତା ବଡ଼ କଷ୍ଟ
ବୁଝିଲା ବାଲା ତ ଅମୃତ ଲଭଇ
ନ ବୁଝିଲା ବାଲା ଦୁଷ୍ଟ।

କେତେ ତି ଗଣ ସାଧନା କରିଣ
ବୁଝିଛନ୍ତି ସେ ଦୁହିଁଙ୍କୁ
ସେଥିପାଇଁ ପରା ସର୍ବହରା ସାଜି
ଚାଲିଛନ୍ତି ଜଙ୍ଗଲକୁ।

ମନକୁ ନିଜର କାବୁ କରି ପୁଣି
ଲୋଭ, ମୋହ, ମାୟା, ଛାଡ଼ି
ନିଶ୍ୱ ପରକାରେ ଜଟା ପରିହରି
ବୁଲୁଥାନ୍ତି ସବୁ ତଡ଼ି।

ଶୁଣୁଥିବା ଯେବେ ଅନ୍ତର କଥାକୁ
ନିଜର ମନରେ ଧରି
ହାତ ବଢ଼ାଇବେ ପ୍ରଭୁ ଲୋକନାଥ
ସବୁ ଦୁଃଖ ପରିହରି।

+ଭୂତସରସିଙ୍ଗି, ଗଂଜାମ

# ଦାରିଦ୍ର୍ୟ ଆକଳନର ନୂଆ ମାନଦଣ୍ଡ




**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା କମିଛି କିନ୍ତୁ ସେମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବାସଗୃହ ଭଳି ଆବଶ୍ୟକୀୟ ସୁବିଧା ମିଳିପାରିଛି କି ? କ'ଣ ସରକାର ଗରୀବ ଲୋକଙ୍କ ସମୀକ୍ଷା ବା ସର୍ବେକ୍ଷଣ କଲାବେଳେ ଏ ସବୁ କଥାକୁ ମାନଦଣ୍ଡ ଭାବେ ସାମିଲ କରିଛନ୍ତି ନା କେବଳ ସେମାନଙ୍କ ଆୟ ବା ରୋଜଗାରର ବୃଦ୍ଧି କାରଣରୁ ସେମାନେ ଦାରିଦ୍ର୍ୟସୀମାର ଉପରକୁ ଉଠିଗଲେ ବୋଲି କହୁଛନ୍ତି ? ଦେଶରେ ୧୯୪୭ରେ ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଏବେ ସରକାର କହୁଛନ୍ତି ଯେ ଏହି ସଂଖ୍ୟା କମି ୨୨ ପ୍ରତିଶତ ପହଞ୍ଚିଛି । ୧୯୪୭ରେ ଦେଶର ଜନସଂଖ୍ୟା ଥିଲା ୩୫ କୋଟି ଏବେ ଏହା ୧୩୬ କୋଟି ଟପିସାରିଲାଣି । ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ଆୟ ବୃଦ୍ଧି ସହିତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରୋତ୍ସାହନ ଯୋଜନାର ସଫଳତା କାରଣରୁ ଦେଶରେ ଗରୀବ ଲୋକଙ୍କ ସଂଖ୍ୟା କମିଛି । ସରକାରଙ୍କ ବିଭିନ୍ନ ଯୋଜନା ସବୁ ଡିଜିଟାଲ ମାଧ୍ୟମରେ କରାଯାଉଥିବା ଏହା ପଛର ମୁଖ୍ୟ କାରଣ ବୋଲି କୁହାଯାଇପାରେ । କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜନ-ଧନ ଯୋଜନା ଏ ସନ୍ଦର୍ଭରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଯୋଜନାରେ ପାଖାପାଖି ୪୧ କୋଟି ଲୋକ ବିଭିନ୍ନ ବିଭିନ୍ନ ବ୍ୟାଙ୍କରେ ଖାତା (ଆକାଉଣ୍ଟ) ଖୋଲିଥିଲେ । ବିଶେଷ କରି ୨୨ କୋଟି ମହିଳା ବ୍ୟାଙ୍କରେ ଖାତା ଖୋଲିଛନ୍ତି ବୋଲି ସରକାର କହୁଛନ୍ତି । ଏ ସବୁ ଜନ-ଧନ ଖାତାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସବ୍‌ସିଡି ବାବଦ ଅର୍ଥ ସିଧାସଳଖ ହସ୍ତାନ୍ତରିତ କରାଯାଉଛି । ଏହାଫଳରେ ବାଟମାରଣା କମିଛି ଓ ହିତାଧିକାରୀଙ୍କର ଲାଭ ହୋଇଛି ।୧୯୬୦ ମସିହାଠାରୁ ଭାରତ ଏବଂ ବିଶ୍ୱବ୍ୟାଙ୍କ ମଧ୍ୟରେ ଦେଶରୁ ଦାରିଦ୍ର୍ୟ ହଟାଇବା ପାଇଁ ଉଦ୍ୟମ ଜାରି ରହିଛି । ଭାରତରେ ଦାରିଦ୍ର୍ୟ ସୀମାରେଖାକୁ ଯେଭଳି ପରିଭାଷିତ କରାଯାଇଥିଲା । ତାକୁ ଦୃଷ୍ଟିରେ ରଖି ଗୋଟିଏ ଡଲାର ପ୍ରତିଦିନ ଆୟ କରୁଥିବା ବ୍ୟକ୍ତି ଗରୀବ ନୁହେଁ ବୋଲି ବିଶ୍ୱବ୍ୟାଙ୍କ କହିଥିଲା । କିନ୍ତୁ ବିଶ୍ୱବ୍ୟାଙ୍କ ଏବେ ଏହି ସୀମାକୁ ଦୁଇଡଲାର ପର୍ଯ୍ୟନ୍ତ ବୃଦ୍ଧି କରିଛି । ବିଶ୍ୱ ବ୍ୟାଙ୍କ ସମୟ ସମୟରେ ଦାରିଦ୍ର୍ୟ ସୀମାରେଖାର ପରିଭାଷାକୁ ସୁଧାରିଛି ପ୍ରତିବ୍ୟକ୍ତି କେତେ କ୍ୟାଲୋଜ ପାଇଁ କେଉଁ ସବୁ ଖାଦ୍ୟ ସାମଗ୍ରୀର ଉପଭୋଗ କରିବ ଏବଂ ସେ ସବୁ ଖାଦ୍ୟ ସାମଗ୍ରୀକୁ କିଣିବାପାଇଁ ବ୍ୟକ୍ତିର ଆୟ କେତେ ହେବା ଆବଶ୍ୟକ ତାକୁ ଦାରିଦ୍ର୍ୟ ସୀମାରେଖା ବୋଲି ଭାରତରେ ପ୍ରାରମ୍ଭରେ ଗ୍ରହଣ କରାଯାଇଥିଲା । ସେ ସମୟରେ ଚିନ୍ତା କରାଯାଇଥିବା ଯେହେତୁ ହସ୍ପିଟାଲ ଏବଂ ସ୍କୁଲ କଥା ସରକାର ବୁଝୁଛନ୍ତି ତେଣୁ ପିଲାଙ୍କ ପାଠପଢ଼ା ଓ ଚିକିତ୍ସା ପାଇଁ ଗରୀବ ଲୋକଙ୍କୁ କିଛି ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଏଣୁ ଉପଭୋକ୍ତା ବସ୍ତୁ ତାଲିକାରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବାବଦ ଖର୍ଚ୍ଚକୁ ସାମିଲ କରାଯାଇନଥିଲା । ଏବେ କିନ୍ତୁ ୧୯୬୦ର ଅବସ୍ଥା ନାହିଁ । ଆଜିର ସ୍ଥିତିରେ ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରିତ କରିବା ବେଳେ ଖାଦ୍ୟସାମଗ୍ରୀ ଓ ଉପଭୋକ୍ତା ବସ୍ତୁ ବ୍ୟତୀତ ଅନ୍ୟ ବିନ୍ଦୁମାନଙ୍କ ଉପରେ ମଧ୍ୟ ଧ୍ୟାନ ଦିଆଯିବା ଉଚିତ । ଅର୍ଥାତ ଦେଶରେ ଶିକ୍ଷାର ସ୍ତର କେମିତି, ଏହି ସୁବିଧ କେମିତି ଉପଲବ୍ଧ ଏପରିକି ଶିକ୍ଷା ବ୍ୟବସ୍ଥାର କେତେ ବିକାଶ ହୋଇଛି ସେ ସକଥାକୁ ଧ୍ୟାନ ଦିଆଯିବା ଉଚିତ । ଅନ୍ୟପକ୍ଷରେ ଦେଶରେ ସ୍ୱାସ୍ଥ୍ୟ ସୁବିଧାର ସ୍ଥିତି କ'ଣ ରହିଛି ଏବଂ ଏହି ସୁବିଧା ସମସ୍ତ ନାଗରିକଙ୍କୁ ସହଜରେ ମିଳିପାରୁଛି କି ନାହିଁ ତାକୁ ମଧ୍ୟ ଦେଖିବା ଉଚିତ । ତୃତୀୟତଃ ସବୁ ଲୋକଙ୍କର ବାସଗୃହ ଅଛି ନା ନାହିଁ ? ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଥିବା ବ୍ୟକ୍ତି ବା ଲୋକଙ୍କୁ ଯଦି ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ମିଳୁନାହିଁ ବା ସେମାନଙ୍କର ବାସଗୃହ ନାହିଁ ତେବେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବାସଗୃହ ମଧ୍ୟ ଉପଭୋକ୍ତା ବସ୍ତୁ ତାଲିକାରେ ସାମିଲ କରାଯିବା ଉଚିତ । ଏହା କରାଯାଇପାରିଲେ ଦେଶରେ ଥିବା ଗରୀବ ଲୋକମାନେ ଉପକୃତ ହୋଇପାରିବେ ଓ ପ୍ରକୃତପକ୍ଷେ ସେମାନେ ଦାରିଦ୍ର୍ୟ ସୀମାରେଖାର ଉପରେ ବୋଲି କୁହାଯାଇପାରିବ । ଏଣୁ ସରକାର ସର୍ବେକ୍ଷଣ ବା ଆକଳନ କରିବାର ପ୍ରକ୍ରିୟାକୁ ବଦଳାଇବାର ସମୟ ଆସିଯାଇଛି । ବିଶ୍ୱ ସ୍ତରରେ ଦାରିଦ୍ର୍ୟ ସୀମାରେଖାର ନିର୍ଦ୍ଧାରଣ ସାମାନ୍ୟତଃ କମ୍ ଆୟ ଆଧାରିତ ଦେଶକୁ ଧ୍ୟାନରେ ରଖି କରାଯାଇଥାଏ ଯେଉଁଠି ଆବଶ୍ୟକ ଉପଭୋଗ୍ୟ ବସ୍ତୁ ତୁଳନାତ୍ମକ ଭାବରେ ଶସ୍ତା ଦରରେ ଉପଲବ୍ଧ ହୋଇଥାଏ । ଏହି ପ୍ରକାରର ସୀମାରେଖା ମଧ୍ୟ କମ୍ ଆୟ ସହ ଯୋଡ଼ି ହୋଇଥାଏ । କିନ୍ତୁ ମଧ୍ୟମ ଆୟ ଶ୍ରେଣୀର ଦେଶରେ ଏତିକି ଆୟରେ ବା କମ୍ ଆୟରେ ଆବଶ୍ୟକ ଉପଭୋଗ୍ୟ ବସ୍ତୁ ଉପଲବ୍ଧ ହୋଇପାରିନଥାଏ । ଭାରତ ପ୍ରାରମ୍ଭରେ କମ୍ ଆୟ ଶ୍ରେଣୀର ଦେଶମାନଙ୍କର ତାଲିକାରେ ଥିଲା । କିନ୍ତୁ ଏବେ ମଧ୍ୟମ ଆୟ ଶ୍ରେଣୀର ଦେଶମାନଙ୍କ ମଧ୍ୟରେ ସାମିଲ ହୋଇଛି । ବିଶ୍ୱସ୍ତରରେ ଏବେ ଚର୍ଚ୍ଚା ଚାଲିଲାଣି ଯେ ୪ ଡଲାରରୁ କମ୍ ଆୟ କରୁଥିବା ବ୍ୟକ୍ତିଙ୍କୁ ଦରିଦ୍ର ବା ଗରୀବ ଶ୍ରେଣୀଭୁକ୍ତ କରାଯିବ । କିନ୍ତୁ ଏହି ପରିଭାଷା କମ୍ ଆୟବାଲା ଦେଶଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ବିଶ୍ୱର ଅନେକ ଦେଶ ସେମାନଙ୍କ ଦେଶର ପ୍ରତିବ୍ୟକ୍ତିର ଦୈନନ୍ଦିନର ଆୟକୁ ଏତେ ଉଚ୍ଚସ୍ତରକୁ ନେଇପାରିବେ ନାହିଁ । ଏଣୁ ଏ ସବୁ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ, ଯଦି ସବୁ ଦେଶ ଗୋଟିଏ ପରିଭାଷାକୁ ଲାଗୁ କରୁନଥାନ୍ତେ ତେବେ ବିଭିନ୍ନ ଦେଶରେ ଏଭଳି ଲୋକଙ୍କ ସଂଖ୍ୟା ସଠିକ ଭାବେ ଜଣାପଡ଼ନ୍ତା ନାହିଁ କି ଗୋଟିଏ ଦେଶକୁ ଅନ୍ୟ ଦେଶ ସହ ତୁଳନା କରିବା କଷ୍ଟକର ହୋଇପଡ଼ନ୍ତା । ଏଠାରେ ଆଉ ଗୋଟିଏ କଥାର ବିଚାର କରାଯାଇପାରେ । କ'ଣ ବିଶ୍ୱବ୍ୟାଙ୍କ ଏବଂ ବିଭିନ୍ନ ଦେଶମାନଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଉଥିବା ଦାରିଦ୍ର୍ୟ ସୀମାରେଖା ଅଲଗା ଅଲଗା ହୋଇପାରିବ ନାହିଁ ? ବିଭିନ୍ନ ଦେଶ କାହିଁକି ଗୋଟିଏ ଦେଶର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅଲଗା ଅଲଗା ଖର୍ଚ୍ଚ ଏବଂ ଆୟର ସ୍ତର ମଧ୍ୟ ଅଲଗା ରହିଛି । ଏଥିସହିତ କେନ୍ଦ୍ରସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପ୍ରଭାବ ମଧ୍ୟ ଦେଶରେ ଥିବା ଗରୀବ ଲୋକଙ୍କ ଉପରେ ପଡୁଛି । ଯଦି ଗ୍ରାମାଞ୍ଚଳଗୁଡ଼ିକ ପାଇଁ ଅଧିକ ଯୋଜନା କରାଯାଇପାରନ୍ତା ବା କାର୍ଯ୍ୟକାରୀ ହେଉଥିବା ଯୋଜନା କେମିତି ଅଧିକ ଭାବେ ଗରୀବ ଲୋକଙ୍କ ପାଖରେ ପହଞ୍ଚିବ ସେ ବାବଦରେ ଠୋସ ବ୍ୟବସ୍ଥା କରାଯାଇପାରନ୍ତା । ତେବେ ଗ୍ରାମାଞ୍ଚଳରେ ଗରୀବଙ୍କ ସଂଖ୍ୟା କମିପାରନ୍ତା ନିଶ୍ଚୟ । ଏବେ ସରକାରଙ୍କ ଉଦ୍ୟମ କାରଣରୁ ଗ୍ରାମାଞ୍ଚଳରେ ସାର୍ବଜନୈକ ବିତରଣ ପ୍ରଣାଳୀ ମଜଭୁତ ହୋଇଛି ଓ ଲୋକଙ୍କୁ ଶସ୍ତାଦରରେ ଖାଦ୍ୟସାମଗ୍ରୀ ମିଳୁଛି । ଏହି କାରଣରୁ ସରକାର କହୁଛନ୍ତି ଯେ ଦେଶରେ ଗରୀବଙ୍କ ସଂଖ୍ୟା କମିଛି । କିନ୍ତୁ ଗ୍ରାମାଞ୍ଚଳରେ ଶିକ୍ଷା କ୍ଷେତ୍ର ସୁଧୁରି ପାରିନାହିଁ କି ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ସୁଧୁରିନାହିଁ । ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା କମିଛି କିନ୍ତୁ ତାହା ଆଶାନୁରୂପ ନୁହେଁ । ଭାରତର ୩ଟି ଜିନିଷ ବା ୩ଟି କଥା ଅନ୍ୟ ଦେଶମାନଙ୍କ ତୁଳନାରେ ଭିନ୍ନ । ଗୋଟିଏ ହେଉଛି ଭାରତର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ । ଦ୍ୱିତୀୟତଃ କୃଷି ଉପରେ ନିର୍ଭରଶୀଳ ଲୋକଙ୍କ ସଂଖ୍ୟା ମଧ୍ୟ ଅଧିକ । ତୃତୀୟତଃ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ, ଯେଉଁଠି କାର୍ଯ୍ୟରତ ଲୋକଙ୍କ ଆୟ ନିୟମିତ ନୁହେଁ । କୃଷିକ୍ଷେତ୍ରର ଆୟ ମଧ୍ୟ ବଦଳୁଛି । ଏଥିପାଇଁ ଠିକ୍ ଭାବରେ ଅନ୍ୟ ଦେଶମାନଙ୍କ ସହ ତୁଳନା କରାଯାଇପାରୁନାହିଁ । ଆୟକୁ ସମସ୍ତ ଘରୋଇ ଉତ୍ପାଦରେ ବୃଦ୍ଧିରୁ ଆକଳନ କରାଯାଇପାରେ । ରୋଜଗାର ବଢ଼ିଲେ ବ୍ୟକ୍ତିର ଆୟ ବଢ଼ିବ କିନ୍ତୁ ଅନ୍ୟ ସୁବିଧା ଯଥା ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବାସଗୃହ ଆଦି କେଉଁ ସ୍ତରରେ ଉପଲବ୍ଧ ସେ କଥା ମଧ୍ୟ ଦେଖିବାକୁ ପଡ଼ିବ । ଏହି ଆକଳନ ବେଳେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ଦେଖାଯିବା ଆବଶ୍ୟକ । ଏ ସବୁକୁ ଗରୀବଙ୍କ ଆକଳନ ବେଳେ ଗ୍ରହଣ କରାଯାଉଥିବା ମାନଦଣ୍ଡରେ ସାମିଲ କରାଯାଇ ଦାରିଦ୍ର୍ୟ ସୀମାରେଖାର ପରିଭାଷାକୁ ବଦଳାଯାଇପାରିଲେ ହିଁ ପ୍ରକୃତପକ୍ଷେ ସଠିକ ଆକଳନ ହୋଇପାରିବ । ସରକାର ମଧ୍ୟ ପରିବର୍ତ୍ତିତ ପରିଭାଷା ଅନୁସାରେ ଯୋଜନା ପ୍ରଣୟନ କରି ଦେଶରୁ ଦାରିଦ୍ର୍ୟ ଦୂର କରିବା ଦିଗରେ ପଦକ୍ଷେପ ନେବେ ।

# ଟ୍ରେଣ୍ଡରେ ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି

ଫ୍ଲୋରାଲ ଶାଢ଼ିର ଫ୍ୟାଶନ ପୁଣି ଥରେ ଫେରିଆସିଛି । ବଲିଉଡ ଡିଭାମାନଙ୍କୁ ଆଜିକାଲି ବିଭିନ୍ନ ପାର୍ଟିରେ ଫ୍ଲୋରାଲ ପ୍ରିଣ୍ଟ ଶାଢ଼ିରେ ଦେଖିବାକୁ ମିଳୁଛି । ଯଦି ଆପଣଙ୍କ ଆଲମାରିର କେଉଁ କୋଣରେ ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ଦୃଷ୍ଟି ଆଢୁଆଳରେ ରହିଯାଇଥାଏ, ତେବେ ତାହାକୁ ବାହର କରିଆପଣାନ୍ତୁ । କାରଣ ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ଏବେ ପୁଣି ଥରେ ଟ୍ରେଣ୍ଡକୁ ଫେରିଛି । ଫ୍ଲୋରାଲ ଶାଢ଼ିରେ ବି ଆପଣ ପାଇପାରିବେ ଷ୍ଟାଇଲିଶ୍ ଲୁକ୍ ଯଦି ଆପଣ ଏହାକୁ ଠିକ୍ ଭାବେ କ୍ୟାରି କରିପାରିବେ । ଆସନ୍ତୁ ଜାଣିବା କିଛି ଟିପସ ।



ଟିକେ ଫିକା ରଙ୍ଗର ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ସହିତ ସେହି ସମାନ ପ୍ରିଣ୍ଟର ଫୁଲ୍ ସ୍ଲିଭ୍ ବ୍ଲାଉଜ ପେୟାର ଅପ୍ କରନ୍ତୁ । ଆଞ୍ଚଳକୁ ସର୍ଟ ପ୍ଲିଟ୍ କରି ଅଣ୍ଟାରେ ଫ୍ଲୋରାଲ ପ୍ରିଣ୍ଟର ବେଲ୍ଟ ବାନ୍ଧନ୍ତୁ । ଏମିତି ଗେଟଅପରେ ଆପଣ ବିଲକୁଲ ଡିଭା ଲାଗିବେ । ଆପଣଙ୍କ ପାଖରେ ଯଦି ଅରଗାଞ୍ଜା ସିଲ୍କର ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ଅଛି ତା ହେଲେ ଆପଣ ଏହାକୁ ନିଜ ପସନ୍ଦ ଅନୁସାରେ କ୍ୟାରି କରିପାରିବେ । ତେବେ ଏହି ଶାଢ଼ି ସହିତ ହଲଟର ନେକ୍, ବୋଟ୍ ନେକ୍ ତଥା ସ୍ଲିଭ ଲେସ୍ ବ୍ଲାଉଜ ଅଧିକ ଭଲ ମାନିଥାଏ । ପ୍ଲିଟ୍ ନକରି ଆଞ୍ଚଳ ଖୋଲା ଛାଡ଼ି ଦିଅନ୍ତୁ ।

ଆଜିକାଲି ଡିଜିଟାଲ ଫ୍ଲୋରାଲ ପ୍ରିଣ୍ଟର ଶାଢ଼ି ସବୁ ବଜେଟରେ ଉପଲବ୍ଧ । ଏହି ଶାଢ଼ି ସହିତ ସଲିଡ୍ କଲରର ବ୍ଲାଉଜ ପେୟାର ଅପ୍ କରନ୍ତୁ । ଅଧିକ ସୁନ୍ଦର ଲାଗିବ । ଏଭଳି ଶାଢ଼ିକୁ ଆପଣ ବେଶ୍ ଆତ୍ମବିଶ୍ୱାସର ସହିତ କ୍ୟାରି କରିପାରିବେ । ଗୋଲାପି, କମଳା, ଗାଢ଼ ହଳଦିଆ ରଙ୍ଗର ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ଏହି ଖରାଦିନେ କୁଲ ଲୁକ୍ ଦେଇଥାଏ । ଆଞ୍ଚଳ ପିଲଟ୍ କରି ଫିକା ରଙ୍ଗର ଲେଦର କି ରେକ୍ସିନର ବେଲ୍ଟ ବାନ୍ଧନ୍ତୁ । ସମାନ ପ୍ରିଣ୍ଟର ବ୍ଲାଉଜ ପେୟାର ଅପ କରନ୍ତୁ ।



କଳା ରଙ୍ଗଟିକୁ ବାଦ ଦେବେ ବୋଲି ଭାବିଛନ୍ତି କି ? ଆଦୌ ସେମିତି ଭାବନ୍ତୁ ନାହିଁ । ବଲିଉଡ ଡିଭାମାନେ ଏହି ରଙ୍ଗର ଫ୍ଲୋରାଲ ପ୍ରିଣ୍ଟ ଶାଢ଼ିରେ ଆଜିକାଲି ପାର୍ଟିର ପରିବେଶ ବଦଳାଇ ଦେଉଛନ୍ତି । ଆପର କାହିଁକି ବାଦ ପଡ଼ିବେ । ସାନ୍ଧ୍ୟକାଳୀନ ଅଫିସ ପାର୍ଟିରେ କଳା ରଙ୍ଗର ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ସହିତ ମୁକ୍ତା ଅଳଙ୍କାର ଟିମ ଅପ୍ କରନ୍ତୁ ।

କାଜୁଆଲ ଆଉଟିଂ ବା ଖରାବେଳେ କୁଆଡ଼େ ବାହାରିବା ବେଳେ ଯଦି ଶାଢ଼ି ପିନ୍ଧିବାକୁ ପସନ୍ଦ, ତେବେ ଫ୍ରେଞ୍ଚ ସିଫନର ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ବାଛନ୍ତୁ । ଏହା ପିନ୍ଧିବାକୁ ଆରାମ ଦାୟକ, ଦେଖିବାକୁ ଷ୍ଟାଇଲିଶ୍ ।

ଜର୍ଜେଟ୍ ମେଟେରିଆଲର ଫ୍ଲୋରାଲ ସିଫନ ଏବେ ବଜାରରେ ଅଧିକ ମିଳୁଛି । ଏହିଭଳି ଶାଢ଼ି ସହିତ ବ୍ୟାକଲେସ ବ୍ଲାଉଜ ଟିମ ଅପ କଲେ ଆପଣ ଅନ୍ୟମାନଙ୍କ ତୁଳନାରେ ନିଶ୍ଚିତ ଭାବେ ଅଧିକ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ ।

# ମା'ର ଅବସାଦ ପିଲାର ମସ୍ତିଷ୍କ ବିକାଶରେ ବାଧକ

ଗର୍ଭାବସ୍ଥା କିମ୍ବା ତାପରେ ମହିଳାଙ୍କଠାରେ ଅବସାଦ ଲକ୍ଷଣ ରହିଲେ, ଶିଶୁର ମସ୍ତିଷ୍କ ବିକାଶ ବାଧାପ୍ରାପ୍ତ ହୁଏ । ମା'ଠାରେ ଏହି ଲକ୍ଷଣ ଥିଲେ, ପିଲାର ମସ୍ତିଷ୍କର ବାହ୍ୟ ପରସ୍ତର ଘନତ୍ୱ ହ୍ରାସ ପାଏ ବୋଲି ଅଧ୍ୟୟନରୁ ଜଣାପଡ଼ିଛି । ଗବେଷଣାରେ ଉଭୟ ଗର୍ଭାବସ୍ଥା ଓ ମାତୃତ୍ୱ ପରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା କାନାଡ଼ାର ଆଲବର୍ଟା ସ୍ଥିତ କାଲଗାରୀ ୟୁନିଭର୍ସିଟିର ମୁଖ୍ୟ ଗବେଷକ କ୍ୟାଥେରିନ ଲେବେଲ କହିଛନ୍ତି । ଜୀବନର ଜଟି ସୋପାନରେ ପିଲାର ମସ୍ତିଷ୍କ ବିକାଶ ଉପରେ ମାର ମୁଡ୍ ପ୍ରଭାବ ପକାଇପାରେ । ଗର୍ଭାବସ୍ଥା ଓ ମାତୃତ୍ୱ ସମୟରେ ୧୮ ପ୍ରତିଶତ ମହିଳା ଅବସାଦର ଶିକାର ହୋଇଥାନ୍ତି, ଯାହା ସେମାନଙ୍କ ପିଲାର ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ । ଅଧ୍ୟୟନ ପାଇଁ ଗବେଷକମାନେ ୫୨ ମହିଳାଙ୍କ ଗର୍ଭାବସ୍ଥା ଓ ମାତୃତ୍ୱ ପରର ଅବସାଦ ଲକ୍ଷଣ ଯାଞ୍ଚ କରିଥିଲେ ।



# ମନ୍ତ୍ରଜପର ମାହାତ୍ମ୍ୟ

ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଟି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ଭଗବାନଙ୍କର ଆରାଧନା ସମୟରେ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ଲୀଳା ଚିନ୍ତନରେ ବୁଡ଼ି ରହିବାକୁ ପ୍ରେରଣା ଦିଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ୍ୟ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।

# ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ



ନବଜାତ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଜରୁରୀ ନୁହେଁ, ବରଂ ପ୍ରମୁଖ ଆବଶ୍ୟକତା ବୋଲି ବିଶେଷଜ୍ଞଙ୍କ ମତ । ଜନ୍ମଠାରୁ ଅତିକମ୍‌ରେ ୫-୬ ମାସ ପର୍ଯ୍ୟନ୍ତ ପିଲା ମା ଖିର ଖାଇବା ତା ଦେହ ପାଇଁ ଭଲ । ଏହା ପରେ ପିଲାକୁ ଡାକ୍ତରଙ୍କ ପରାମର୍ଶରେ ଅନ୍ୟ ଖାଦ୍ୟ ଧୀରେ ଧୀରେ ଦେବା ଉଚିତ ।

ପିଲା କ'ଣ ଖାଇଲେ ଦାନ୍ତ ଶକ୍ତ ହେବ, ଅବା ସେ କେଉଁ ସମୟରେ ଚୋବାଇ ଖାଇପାରିବ, ଏ ବାବଦରେ ଜାଣିବା ଆବଶ୍ୟକ ।

କୁନି ଶିଶୁ କେଉଁ ପ୍ରକାର ଖାଦ୍ୟ ଖାଇଲେ ତାହା ହଜମ କରିପାରିବ, ତାହା ଭଲଭାବେ ତର୍ଜମା କରନ୍ତୁ । ତରବରରେ କୌଣସି ପ୍ୟାକେଟ୍ ଖାଦ୍ୟ ଅବା ଅନ୍ୟ ଖାଦ୍ୟର ଆରମ୍ଭ କରିବା ଶିଶୁର ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ।

ପିଲାଙ୍କୁ ସବୁବେଳେ କୋଳରେ ରଖିବା ଭଲ ଅଭ୍ୟାସ ନୁହେଁ। ଏପରି କରିବା ଦ୍ୱାରା ସେମାନଙ୍କ ଶାରୀରିକ ବିକାଶ ଭଲଭାବେ ହୋଇପାରେ ନାହିଁ । ବୋଲି ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି।

ଛୋଟ ପିଲା ହେଲେ ମଧ୍ୟ ନିୟମିତ ଭାବେ ସେମାନଙ୍କୁ ସକାଳ ବେଳା ସୂର୍ଯ୍ୟକିରଣରେ ବୁଲାଇବା ଉଚିତ ।

# ଘରର୍ ଆଭ୍ୟନ୍ତରୀଣ ସାଜସଜ୍ଜା



**ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ମହିଳା, ଘର ସାଜସଜ୍ଜା ପ୍ରତି ସେମାନଙ୍କର ଅହେତୁକ ଦୁର୍ବଳତା ରହିଥାଏ । କେଉଁଠାରେ ଜିନିଷ କିଭଳି ରହିବ, କାନ୍ଥର ରଙ୍ଗ କ'ଣ ରଖାଯିବ, କେଉଁ ଡିଜାଇନର ଆସବାପତ୍ର ଅଣାଯିବ ଇତ୍ୟାଦିଇତ୍ୟାଦି । ଘର ସାଜସଜ୍ଜା କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ଯେପରି:**

♦ଘରର ପ୍ରତ୍ୟେକ କକ୍ଷର ରଙ୍ଗକୁ ସମାନ ନ ରଖି କିଛିଟା ପରିବର୍ତ୍ତନ କରିବା ଉଚିତ । ଯେପରି ପିଲାଙ୍କ କକ୍ଷରୁ ଭିନ୍ନ ଡାଇନିଂ ହଲ, ବୈଠକ ଖାନା ସବୁର ରଙ୍ଗର ଅଲଗା ରହିବା ଭଲ । ଏହା ଘରେ ସକାରାତ୍ମକ ଶକ୍ତି ଉତ୍ପନ୍ନ କରିବା ସହ ଘରର ଅଭ୍ୟନ୍ତରକୁ ମଧ୍ୟ ଭିନ୍ନ ରୂପ ଦେଇଥାଏ ।

♦କୌଣସି ଏକ କକ୍ଷରେ ୱାଲପେପର ଲଗାନ୍ତୁ । ଆଜିକାଲି ବଜାରରେ ବିଭିନ୍ନ ଡିଜାଇନର ଓ ଆକୃତିର ୱାଲପେପର ଉପଲବ୍ଧ । ଏଣୁ ନିଜ ପସନ୍ଦ ମୁତାବକ କିଣି ଏହା ଲଗାନ୍ତୁ ।

♦ପ୍ରତ୍ୟେକ କକ୍ଷରେ ହାଲକା ରଙ୍ଗର ପରଦା ଲଗାଇବା ସହ ନିୟମିତ ଭାବେ ତାହାକୁ ସଫା କରିବା ଉଚିତ । ଆଜିକାଲି କେବଳ ସୂତା କପଡ଼ାର ପରଦା ନୁହେଁ, ବରଂ ଟିସୁ ସିଲ୍କ, କ୍ରଶ୍, ବ୍ରାସୋ ଟାଇଗରର ପରଦା ବଜାରରେ ମିଳୁଛି ।

♦ବୈଠକଖାନାରେ କାଠର ପୁରୁଣା ଡିଜାଇନର ସୋଫା କିଣି ରଖନ୍ତୁ । ଏହା ଘରର ଆଭ୍ୟନ୍ତରକୁ ଏକ ସୁନ୍ଦର ରୂପ ଦେଇଥାଏ । ଏଥିରେ ଛୋଟ ଛୋଟ ସୁନ୍ଦର ତକିଆ ରଖି ସଜାଇ ପାରିବେ । ଅନ ଲାଇନରେ ମଧ୍ୟ ବିଭିନ୍ନ ପ୍ରକାରର ଛୋଟ ତକିଆ ମିଳୁଛି ।



♦ଘରର ବିଭିନ୍ନ କୋଣରେ ଛୋଟ ଛୋଟ 'ଡେକୋରେଟିଭ ଆଇଟମ' ରଖିପାରିବେ । ଏସବୁକୁ ନିୟମିତ ବ୍ୟବଧାନରେ ପରିଷ୍କାର କରିବା ଉଚିତ । ମଳି ଜମିଲେ ତାହା ଅପରିଷ୍କାର ଦେଖାଯାଇଥାଏ ।





## ପୁସ୍ତକ ଉନ୍ମୋଚନ ସମାରୋହ

ନୂଆପଡା,୧୫।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଖଡିଆଳ ସ୍ଥିତ ପବ୍ଲିକ ସ୍କୁଲ ପରିସର ମଧ୍ୟରେ 'ଅନୁପ ସାହିତ୍ୟ' ଏକ ତାତ୍ତ୍ୱିକ ଆଲୋଚନା ସମୀକ୍ଷା ପୁସ୍ତକ ଲୋକାର୍ପଣ ହୋଇଯାଇଛି । ଅନୁପ ସାହିତ୍ୟରେ ଦିବ୍ୟ ପ୍ରେମ, ସମାଜ ସଂସ୍କାର ତଥା ଅନ୍ୟାନ୍ୟ ଅନୀତି ବିରୋଧରେ ଶାଣିତ ସ୍ୱର ପରିଲକ୍ଷିତ । ଏହି ସମୀକ୍ଷା ପୁସ୍ତକ ଓଡିଆ ସମାଲୋଚନା ସାହିତ୍ୟ ପାଇଁ ଏକ ଅମୂଲ୍ୟ ଅବଦାନ ବୋଲି ସମାରୋହରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସଭାରେ ଇନକମ ଟ୍ୟାକ୍ସ ବିଭାଗର ଅବସରପ୍ରାପ୍ତ କମିଶନର ଶ୍ରୀକାନ୍ତ ଚଟର୍ଜି ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ କବି ନୀଳଲୋହିତ ସିଂଦେବ, ସମୀକ୍ଷକ ଭାବରେ ଧର୍ମଗଡ କଲେଜର ଅଧ୍ୟାପକ ଲିଙ୍ଗରାଜ ପାତ୍ର ଯୋଗଦାନ କରିଥିଲେ । ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡଃ ସୁଶାନ୍ତ କୁମାର ବିଶି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଲୋହିତାକ୍ଷ ଯୋଷୀ ସମ୍ପାଦକୀୟ ବିବରଣୀ ପାଠ ଓ ଅଧ୍ୟାପକ ସାମୁଏଲ ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ପରିବା ବ୍ୟବସାୟୀଙ୍କୁ ସୁବିଧା ଯୋଗାଇବାକୁ ଚାଷୀ ଶ୍ରମିକ ସଂଘର ଦାବି

କେନ୍ଦ୍ରାପଡ଼ା,୧୫।୧୨ (ନି.ପ୍ର): କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଯମଧର ସ୍ଥିତ ଏହାର କାର୍ଯ୍ୟାଳୟ ପରିସର ରେ ଖୋଲାଯାଇ ଥିବା ଜାତୀୟ କୃଷି ବଜାର ମଧ୍ୟରେ ଉଠା ଦୋକାନୀ ଓ ପରିବା ଦୋକାନୀଙ୍କୁ ସ୍ଥାନଦେବା ପାଇଁ ଦାବି କରାଯାଇଛି । ଏନେଇ ଛତାସ୍ଥିତ ଚାଷି ଶ୍ରମିକ ସଂଘ ପକ୍ଷରୁ ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ରାସ୍ତା କଡରେ ଛୋଟମୋଟ ବ୍ୟବସାୟ କରି ଚଳୁଥିବା ଦୋକାନୀ ମାନଙ୍କୁ ଜାତୀୟ କୃଷି ବଜାରରେ ସାମିଲ କରିବା ପାଇଁ ରାସ୍ତା କଡର ଗହଳି, ଅସୁରକ୍ଷିତ ବ୍ୟବସାୟ ବାଣିଜ୍ୟ କୁ ଦୂର କରିବା ସହ ଯାନବାହନ ଚଳାଚଳ ରେ ଟ୍ରାଫିକ ସମସ୍ୟାକୁ ସମାଧାନ କରାଯାଇ ପାରିବ ବୋଲି ସଭାପତି ଶରତ ମିଶ୍ର, ଅଞ୍ଜନ ପଲାଇ, କମଳାକାନ୍ତ ମହାନ୍ତି, ଶରତ ମଲିକ ଓ ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସହରରେ ମାତିଛନ୍ତି ପଲସର ଲୁଟେରା

## ମହିଳାଙ୍କ ବେକକୁ କରୁଛନ୍ତି ଟାରଗେଟ

ରାଉରକେଲା ,୧୫।୧୨ (ନି.ପ୍ର): ରାଉରକେଲା ସହରରେ ଗତ କିଛି ଦିନ ଧରି ପୁଣି କଳା ରଂଗର ପଲ୍ସର ଗାଡିରେ ଲୁଟେରା ମାନେ ସକ୍ରୀୟ ହେବା ସହ ସେମାନେ ସକାଳୁ ସଂଧ୍ୟା ଯାଏ ବୟସ୍କ ମହିଳା ମାନଙ୍କ ବେକକୁ ଟାରଗେଟ କରି ସେମାନଙ୍କ ବେକରେ ଥିବା ସୁନା ହାର ,ଚେନ ,କାମଫୁଲ,ମୁଦୀ ଆଦି ଲୁଟୁଥିବା ଜଣା ପଡିଛି । ଆଜି ଜଣେ ମହିଳା ରାଉରକେଲା ବାସନ୍ତୀ କଲୋନୀ ଓଭର ବ୍ରିଜ ପାଖରେ ?ଯାଉଥିବା ବେଳେ ୨ ଜଣ ଯୁବକ ପଲ୍ସର ଗାଡିରେ ଆସି ତାଙ୍କ ବେକରୁ ଏକ ସୁନା ଚେନ ଲୁଟିଥିବା ଜଣା ପଡିଛି । ତାଙ୍କ ନାମ ସ୍ନିଗ୍ଧାଂଜଳି ନନ୍ଦ । ସେ କୌଣସି କାମରେ ବାହାରକୁ ଆସିଥିବା ବେଳେ ତାଙ୍କ ସହ ପୁଣି ଦିନ ସମୟରେ ଏହା ଘଟିଛି । ଖାଲି ଏହି ଘଟଣା ନୁହେଁ,ସହର ର ଛେଣ୍ଡ,ସେକ୍ଟର ଆଦି ଅଂଚଳରେ ଏହି ଭଳି ସକାଳୁ ସଂଧ୍ୟା ଯାଏ ଲୁଟେରା ମାନେ ମହିଳା ମାନଙ୍କୁ ଟାରଗେଟ କରିଚାଲିଛନ୍ତି । ଲୋକେ ଘରେ ନରହିବା ସମୟରେ ଘର ତାଲା ଭାଙ୍ଗି ଘରେ ବକଳା କନା ବୁଲାଉଥିବା ଜଣା ପଡିଛି । ନିକଟରେ ଜଣେ ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଭୁବନେଶ୍ୱର ଯାଇଥିବା ବେଳେ ତାଙ୍କ ଘରେ ପଶି ଲୁଟେରା କଳାକନା ବୁଲାଇଦେଲେ ,ଆଲମିରାକୁ ୧ କିମି ଯାଏ ଟେକି ନେଇ ସେଥିରେ ଥିବା ଜିନିଷ ଲୁଟିନେଲେ । ହେଲେ ଆଜିଯାଏ କିଛି କାହାକୁ ଜଣା ପଡିଲା ନାହିଁ । ସହରରେ ପିସିଆର ମୋବାଇଲ ବୁଲୁଛି ,ହେଲେ ସେ ପିସିଆର କଣ କାମ କରୁଛି ତାକୁ ଦେଖି ବାକୁ କେହି ନାହିଁ । ସେ ଗାଡି ଗୁଡିକ ବଜାର ଘାଟ ଅଂଚଳରେ ଠିଆ ହୋଇ ରହୁଥିବା ବେଳେ କର୍ମଚାରୀ ମାନେ ଏଣେ ତେଣେ ବୁଲୁଥିବାର ଦେଖାଯାଉଛି । ଏହାର ଦାୟିତ୍ୱରେ ଥିବା ଡିଏସପି ଙ୍କୁ ଗୁରୁତ୍ୱ ପୁର୍ଣ ଥାନା ଅଂଚଳ କଥା ବୁଝିବାକୁ ଦିଆଯାଇଛି,ସେ ସେଥିରେ ବ୍ୟସ୍ତ ରହୁଥିବାରୁ ପିସିଆର ଗାଡି କୁଆଡେ ଗଲା କଣ କଲା,ତାକୁ କେହି ଦେଖିବାର ନାହିଁ,ସେପଟେ ସହରର ଭିତର ଅଂଚଳକୁ ପୁଲିସ ଗାଡି ଯିବାର ଦେଖାଯାଉନାହିଁ ,ତେଣୁ ଏଭଳି ଲୁଟେରା ପୁଲିସର ଗତିବିଧିକୁ ନଜର ରଖି ତାଙ୍କ କାମ ଆରମ୍ଭ କରିଥିବା କୁହାଯାଉଛି । ସମୟ ଥିଲା ପୁଲିସ ପେଟ୍ରୋଲିଂ ଲାଗି ଗାଡି ଓ ତେଲ ନଥିଲା,ଏବେ ଏସବୁ ପର୍ଯାପ୍ତ ପରିମାଣରେ ସରକାର ଯୋଗାଇ ଦେଇଛନ୍ତି ହେଲେ ଅପରାଧର ପରିମାନ ବଢୁଛି ସିନା କମିବାର ନାଁ ନେଉନି । ରାଜ୍ୟ ବାହାରର ଲୁଟେରା ମାନେ ଆସି ବିଭିନ୍ନ ବସ୍ତିରେ ରହି ଏଭଳି ଅପରାଧିକ କାମ ଚଳାଇଥିବା ବେଳେ ଆମ ରାଜନୀତିଆ ବାବୁ ମାନେ ସେ ସବୁ ବସ୍ତିକୁ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ଦେଇଏକପ୍ରକାର ଲୋକଙ୍କ ଧନ ସଂପତି ଲୁଟିବାରେ ସହେଯାଗ କରୁଛନ୍ତି ବୋଲି କୁହାଯାଉଛି ।

## ୩ ପୁଲିସ ଜିଲ୍ଲାର ୩୨ ଅଫିସର ନେଉଛନ୍ତି ଅତ୍ୟାଧୁନିକ ସାଇବର ତାଲିମ

ରାଉରକେଲା ,୧୫।୧୨ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲାରେ ୩ ଟି ପୁଲିସ ଜିଲ୍ଲାର ୩୨ ଜଣ ମହିଳା ପୁରୁଷ ପୁଲିସ ଅଫିସରଙ୍କୁ ଆଜି ଠାରୁ ୫ ଦିନ ବ୍ୟାପି ଅତ୍ୟାଧୁନିକ ସାଇବର ତାଲିମ ଦିଆଯିବା ଲାଗି ବ୍ୟବସ୍ଥା ହେବା ସହ ତାଲିମ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ରାଉରକେଲା ,ଦେବଗଡ ଓ କେଉଁଝର ଜିଲ୍ଲାର ପୁଲିସ ଏସଆଇ,ଇନ୍ସପେକ୍ଟରଙ୍କ ସମେତ ଡିଏସପି ମାନେ ଏହି ତାଲିମ ନେବାକୁ ରାଉରକେଲା ଆସିବା ସହ ରାଉରକେଲା ଡିଏଭି ଠାରେ ଏହି ତାଲିମ ନେବା ଆରମ୍ଭ କରିଛନ୍ତି । ରାଜ୍ୟ ପୁଲିସ ପକ୍ଷରୁ କରାଯାଉଥିବା ଏହି ତାଲିମ ବ୍ୟବସ୍ଥାରେ ଶିକ୍ଷକ ଭାବେ ହାଇଦ୍ରାବାଦର ଏକ ଘରୋଇ ଅନୁଷ୍ଠାନ ଏନ ଡି ସି ଆର ଟି ସ ନାମକ ସଂସ୍ଥାର ଅଧିକାରୀ ମାନେ ଦାୟିତ୍ୱ ନେଇଛନ୍ତି । ରାଜ୍ୟରେ ଦିନକୁ ଦିନ ସାଇବର ଅପରାଧ ବଢିବା ସହ ଏହାର ମାତ୍ରା ରାଜ୍ୟ ପୁଲିସର ମୁଣ୍ଡ ବିନ୍ଧାର କାରଣ ମଧ ହୋଇଛି । ରାଜ୍ୟ ପୁଲିସ ଏନେଇ ବିଭିନ୍ନ ଯାଗାରେ ସାଇବର ଥାନା ମଧ ଖୋଲିଛି । ତେବେ ଅପରାଧର କୌଶଳ ଆଜିକାଲି ଏତେ ଉନ୍ନତ ମାନର ହୋଇଛି ଯେ ଏଥିଲାଗି ଏଭଳି ତାଲିମର ଆବଶ୍ୟକତା ମଧ ରହିଛି । ତେଣୁ ଏଭଳି ତାଲିମ ନିଶ୍ଚୟ ରାଜ୍ୟ ପୁଲିସ ଲାଗି ସହାୟତାର କାରଣ ହେବ ବୋଲି କୁହାଯାଉଛି ।

## ବେକାରୀ ସମସ୍ୟାକୁ ନେଇ ଯୁବକଙ୍କ ପଦଯାତ୍ରା

ହରିଚନ୍ଦନପୁର,୧୫।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀପାଳ ନିକଟସ୍ଥ ଜନିଦାପାଳ ଗ୍ରାମରେ ବେକାରୀ ସମସ୍ୟାକୁ ନେଇ ଓଡ଼ିଶା ଡେଭ୍ଲମେଂଟ ଆସୋସିଏସନ୍ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଯାଇଛି । ଏହି କାର୍ଯ୍ୟକ୍ରମରେ ଦୀପକ କୁମାର ରାଉତ, ବାପି ମହାରଣା, ମିଳନ ମହାରଣା, କଳାକାର ମହାନ୍ତ, ସବ୍ୟସାଚୀ ମହାନ୍ତ, ସୁବ୍ରତ ସ୍ୱାଇଁ ପ୍ରମୁଖଙ୍କ ଦ୍ୱାରା ୫୦ରୁ ଉର୍ଦ୍ଧ୍ୱ ଯୁବକଙ୍କୁ ନେଇ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା । ଦୈତାରୀ ଓଏମସିର ଲୁହାପଥର ଖଣି ଓ ବ୍ରାହ୍ମଣୀପାଳ ଠାରେ ଥିବା ଟାଟାଷ୍ଟିଲ ପ୍ଲାଂଟ ଏହି ଅଂଚଳରୁ ପ୍ରତ୍ୟେକ ଦିନ କୋଟିକୋଟି ଟଙ୍କା ଲାଭ ପାଉଥିବା ବେଳେ କର୍ତ୍ତୃପକ୍ଷ ସ୍ଥାନୀୟ ଜନସାଧାରଣଙ୍କ କଥା ବୁଝୁନାହାନ୍ତି । ଏଠାକାର ଆଦିବାସୀ ଶ୍ରେଣୀର ଲୋକଙ୍କ ପରିବାର ପ୍ଲାଂଟ ଓ ଖଣିର ଧୂଳିଧୂଆଁରେ ଅସ୍ତବ୍ୟସ୍ତ ହେଉଥିବା ସହ ଅନେକ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏଥିସହ ଏଅଂଚଳର ଶିକ୍ଷିତ ଯୁବକ ଯୁବତୀମାନେ କାମଧନ୍ଦା ନପାଇ ବେକାର ହୋଇ ଘୁରି ବୁଲୁଥିବା ସହ ଏହି ସଂସ୍ଥାମାନଙ୍କ ନିଯୁକ୍ତି ପାଇଁ ବାରମ୍ବାର ଦୌଡି ନିରାଶ ହେଉଛନ୍ତି । ଏ ଅଂଚଳର ଅନେକ ଆଦିବାସୀ ଶ୍ରେଣୀର ଯୁବକ ଯୁବତୀମାନେ କାମ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଇଥିବା ବେଳେ ଅନେକ କାମଧନ୍ଦାରୁ ବଂଚିତ ହୋଇ ଘରେ ବସି ରହିଛନ୍ତି । ଉକ୍ତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦାବି ନେଇ ଆଜି ୫୦ରୁ ଉର୍ଦ୍ଧ୍ୱ ଯୁବକ ଏକତ୍ରିତ ହୋଇ ଷ୍ଟିଲ ପ୍ଲାଣ୍ଟର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅଧିକାରୀଙ୍କ ସୂଚନା ଅନୁଯାୟୀ ୩୦ଦିନ ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିବା ଜଣାପଡିଛି । ନଚେତ୍ ଆଗାମୀ ଦିନରେ ଏଅଂଚଳର ସମସ୍ତ ବେକାରୀ ଶିକ୍ଷିତ ଯୁବକ ଯୁବତୀ ଏକତ୍ରିତ ହୋଇ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନର ପନ୍ଥା ଆପଣାଇବାକୁ ଚେତାବନୀ ଦେଇଛନ୍ତି ।

## ଗ୍ରାମାଂଚଳର ପିଲା ଶିଖିବେ ଉଚ୍ଚସ୍ତରୀୟ କ୍ରିକେଟ

ମାଲକାନଗିରି ,୧୫।୧୨ (ନି.ପ୍ର): ମାଲକାନ ଗିରି ଜିଲ୍ଲା ରେ ବିଭିନ୍ନ କ୍ରୀଡାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଗାଁ ଠାରୁସହର ସବୁଠି କ୍ରିକେଟ ର ବିଶେଷ ଆଦୃତ ଦେଖିବାକୁ ମିଳିଥାଏ। ଏଥିପାଇଁ କ୍ରିକେଟ ଖେଳର ପ୍ରଚାର ପ୍ରସାର ଓ ଗ୍ରାମାଂଚଳରୁ ଉଚ୍ଚସ୍ତରୀୟ ଖେଳାଳୀ ଖୋଜିବା ପାଇଁ ଚଳିତ ବର୍ଷ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷ୍ୟରୁ ତୃଣମୂଳ ସ୍ତରରୁ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିବା ଦେଖିବାକୁ ମିଳିଛି। ଜିଲ୍ଲା କ୍ରିକେଟ ଆସୋସିଏସନ ସହ ପଡିଆ ଫ୍ରେଣ୍ଡସ୍ କ୍ରିକେଟ କ୍ଲବ ମିଳିତ ଆନୁକୁଲ୍ୟରେ ଆଜି ପଡିଆ ଆଂଚଳିକ ମହାବିଦ୍ୟାଳୟ ପରିସରରେ ଥିବା ଖେଳ ପଡିଆରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ପ୍ରାୟ ୪୦ ରୁ ଉର୍ଦ୍ଧ ଖେଳାଳୀଙ୍କୁ ପ୍ରଶିକ୍ଷଣ ଦେବାପାଇଁ ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମ ଜିଲ୍ଲା କ୍ରିକେଟ ଆସୋସିଏସନ୍ ତଥା ଫ୍ରେଣ୍ଡସ୍ କ୍ରିକେଟ୍ କ୍ଲବ୍ ର ସଭାପତି ଏମ୍ ଡି ଫାରୁକ୍, କୋଷାଧକ୍ଷ ସତବୀର ସିଂ (ପପୁ), ପଡିଆ ଚେୟାରମ୍ୟାନ ଦେବା ମାଡକାମି, ଫ୍ରେଣ୍ଡସ୍ କ୍ରିକେଟ୍ କ୍ଲବର ଆବାହକ ଏନ୍ ରାଘବ ରାଓ, ନାକା ନୁକାଲ ରାଜୁ, ପି ଭେଙ୍କେଟେଶ୍ୱର ରାଓ, ଉପସଭାପତି ଟୋକାଲ ଷ୍ଟିଭେନ୍, ପରେଶ ମଲ୍ଲ, ଏସ୍ ସୁରୀ ବାବୁ ଓ ଟୋକାଲ ବିଚେମ ଙ୍କ ଉପସ୍ଥିତିରେ ଉଦଘାଟନ କରାଯାଇଛି। ଆଗାମୀ ଦିନରେ ଜିଲ୍ଲାର ସମସ୍ତ ବ୍ଲକ୍ ରେ ଏଭଳି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ଭୁବନେଶ୍ୱର ରୁ କ୍ରିକେଟ୍ କୋଚ୍ ବ୍ରହ୍ମାନନ୍ଦ ବେହେରା ଆସିଥିବା ଜଣାପଡିଛି। ଗ୍ରାମାଂଚଳରୁ ଉତମ କ୍ରିକେଟର ଙ୍କ ଆବିଷ୍କାର ପାଇଁ ଜିଲ୍ଲା କ୍ରିକେଟ୍ ଆସୋସିଏସନ ର ଏଭଳି ପଦକ୍ଷେପ କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ମନରେଗା ଯୋଜନା ଅନ୍ତର୍ଗତ ଜମି ମରାମତି ଟଙ୍କା ୫୦ ହଜାର ଟଙ୍କା ରଖାଯାଉ

ନୂଆପଡା,୧୫।୧୨ (ନି.ପ୍ର): ନୂଆପଡା ଜିଲ୍ଲାର ଚାଷୀ ମାନେ ମନରେଗା ଯୋଜନା ଅନ୍ତର୍ଗତ ଜମି ମରାମତୀ ଟଙ୍କା ବୃଦ୍ଧି କରିବାକୁ ଦାବୀ କରିଛନ୍ତି । ମନରେଗା ଯୋଜନା ଅନ୍ତର୍ଗତ ଜମି ମରାମତୀ ସକାଶେ ନୂଆପଡା ଜିଲ୍ଲାରେ ୩୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ହେଲେ ପଡୋଶି ବଲାଙ୍ଗିର, କଳାହାଣ୍ଡି ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲା ମାନଙ୍କରେ ରହି ରାଶି ୫୦ ଟଙ୍କା ରହିଥିବା ବେଳେ ନୂଆପଡା ଜିଲ୍ଲାରେ ୩୦ ହଜାର ଟଙ୍କା ରଖାଯିବା ପରିତାପର ବିଷୟ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି । ଏହି ୩୦ ହଜାର ଟଙ୍କାରେ ବୋର୍ଡ, ରୋୟାଲଟି ସହ ଅନ୍ୟାନ୍ୟ ଟ୍ୟାକ୍ସ ଖଞ୍ଜି ଦିଆଯାଉଥିବାରୁ ପ୍ରାୟ ଜମି ମରାମତୀ କରିଥିବା ଚାଷୀ ମାନଙ୍କୁ ୨୫ ହଜାର ଟଙ୍କା ଭିତରେ ପ୍ରଦାନ କରାଯାଉଛି । ଚାଷୀ ମାନଙ୍କୁ ଜମି ମରାମତୀ ସକାଶେ ଥରେ ମାତ୍ର ସୁଯୋଗ ପ୍ରଦାନ କରାଯାଉଥିବା ବେଳେ ଏତେ କମ ପରିମାଣର ଟଙ୍କାରେ ଜମିର ଉନ୍ନୟନ କିପରି କରି ହେବ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ନୂଆପଡା ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ ଜମି ମରାମତୀ ଅର୍ଥ ବୃଦ୍ଧି କରିବାକୁ ଚାଷୀ ମହଲରେ ଦାବୀ ହେଉଛି ।

## ଫୁଲବାଣୀରେ କୃଷକ ମାନଙ୍କ ଗଣଧାରଣାକୁ ସମର୍ଥନ ଜଣାଇଲା ଜିଲ୍ଲା କଂଗ୍ରେସ୍

କନ୍ଧମାଳ,୧୫।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କର ଦ୍ୱାରା ଅଣାଯାଇଥିବା ନୂଆ କୃଷକ ଆଇନକୁ ବିରୋଧ କରି ନୂଆ ଦିଲ୍ଲିରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି କନ୍ଧମାଳ ଜିଲ୍ଲା ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଫୁଲବାଣୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନବନିର୍ମାଣ କୃଷକ ସଂଗଠନର ସଂଯୋଜକ ଚାଣକ୍ୟ କହଁରଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣ ଧାରଣାରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା କୃଷକ ମାନଙ୍କ ସହିତ ଜିଲ୍ଲା କଂଗ୍ରେସ ଏବଂ ଯୁବ କଂଗ୍ରେସ ସମର୍ଥନ ଜଣାଇଛି । ଏହି ଧାରଣା ଓ ବିକ୍ଷୋଭରେ ସଭାପତି ଅନାମ ନାୟକଙ୍କ ସମେତ ଭାରତୀୟ ଜାତୀୟ ମଜଦୁର କଂଗ୍ରେସ କନ୍ଧମାଳ ସଭାପତି ଘନକୁମାର ଶବର,ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀ,ବରିଷ୍ଠ କଂଗ୍ରେସ ନେତା ହେମନ୍ତ କର,ବଳଦେବ ବେହେରା,ଶିବଶଙ୍କର ବେହେରା, ଗୌରଚରଣ ବେହେରା ଏବଂ ଅନ୍ୟାନ୍ୟ କଂଗ୍ରେସ କର୍ମୀ ମାନେ ଯୋଗ ଦେଇଥିଲେ । ସଭାରେ କୃଷକ ନେତା ଚାଣକ୍ୟ କହଁର କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା କଳା ଆଇନ ଦ୍ୱାରା କୃଷକ ସମାଜର ସର୍ବନାଶ ହେବ । ଏହି ବିଲ ବଳରେ କୃଷକ ମାନେ କର୍ପୋରେଟର ମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱୀତା କରିବା ସହିତ ଶେଷରେ ହାର ମାନି କୃଷି ଛାଡିବା ସହିତ ଦିନ ମଜୁରିଆ ଭାବରେ ଜୀବନ ବିତାଇବାକୁ ବାଧ୍ୟ ହେବେ । କୃଷକ ମାନେ ଝାଳବୁହାଇ ଉତ୍ପାଦନ କରୁଥିବା ଫସଲକୁ ସରକାର ଅମ୍ବାନି ଆଦାନିଙ୍କ ଭଳି ପୁଞ୍ଜିପତିଙ୍କ ହାତକୁ ଟେକି ଦେବାକୁ ମସୁଧା କରୁଛନ୍ତି । ଦେଶରେ ଚାଷି ତାର ଉତ୍ପାଦନର ଉଚିତ ସହାୟକ ମୁଲ୍ୟ ପାଉନ ଥିବାବେଳେ ଆଳୁ ପିଆଜ ଏବଂ ଅନ୍ୟାନ୍ୟ କୃଷି ଜାତ ଦ୍ରବ୍ୟର ଦରଦାମ ହୁହୁ ହୋଇ ବଢିବାରେ ଲାଗିଛି ଅପର ପକ୍ଷରେ କମ୍ପାନୀ ଗୁଡିକ ମାଲାମାଲ ହେବାରେ ଲାଗିଛନ୍ତି ବୋଲି କହିଥିଲେ । ଏହି ଆଇନ ଲାଗୁ ହେଲେ ରାଜ୍ୟ ସମେତ ଜିଲ୍ଲାର ହଳଦୀ ଅଦା ଚାଷିଙ୍କ ସମେତ ଅନ୍ୟାନ୍ୟ ଚାଷିମାନଙ୍କର ଦାନାପାଣି ବୁଡି ଯିବ ବୋଲି କହିଥିଲେ ସଂଯୋଜକ ଅଚ୍ୟୁତ ଜାନୀ । କନ୍ଧମାଳ ଜିଲ୍ଲାରେ ଅଧିକାଂଶ ଚାଷ ଜମିରେ ଜଳ ସେଚନ ଓ ଜଳ ନିଷ୍କାସନର ଉଚିତ ସୁବିଧା ନଥିବାରୁ ଚାଷି ଅନେକ ଚାଷି ସେମାନଙ୍କ ଜମିକୁ ପାଣି ନପାଇ ଜଳ କର ଦେବାକୁ ବାଧ୍ୟ ହୋଇଛନ୍ତି । କୃଷକ ଦେଶର ପ୍ରକୃତ ମାଲିକ ହୋଇଥିବାବେଳେ ତାଙ୍କୁ ସରକାର ଅଣଦେଖା କରୁଛନ୍ତି ଯାହାର ପରିଣାମ ଭୟାବହ ହେବ ବୋଲକି ସେଠାରେ ଆଲୋଚନା ହୋଇଥିଲା । ସରକାର ଏହି ଆଇକୁ ପ୍ରତ୍ୟାହାର ନ କଲେ ଏହି ଆନ୍ଦୋଳନ ଆହୁରୀ ତୀବ୍ର ହେବ ବୋଲି କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଅଶୋକ କୁମାର ପରିଡାଙ୍କ ସମେତ ଭାବିନ୍ଦ୍ର କହଁର,ସଦାନନ୍ଦ କର,ଜଳନ୍ଧର କହଁର, ତ୍ରିଲୋଚନ ପ୍ରଧାନ,ନିଳାମ୍ବର କହଁର,ଗୀତାଞ୍ଜଳି ବେହେରା,ଲାବନ୍ୟ ଦିଗାଲ,ଇସିମତୀ କହଁର, ଛବିରାଣି କହଁର, ବସନ୍ତ କହଁର ଏବଂ ଅଙ୍ଗଦ ପ୍ରଧାନଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଶତାଧରକ ଚାଷିମାନେ ଯୋଗ ଦେଇଥିଲେ ।

## ପୁନର୍ବାସ ପକ୍ଷରୁ ୱେବିନାର

କେନ୍ଦ୍ରାପଡ଼ା,୧୫।୧୨ (ନି.ପ୍ର): ଭିନ୍ନକ୍ଷମଙ୍କ ଅଧିକାର ସଚେତନତା, ସାମାଜିକ ପୁନଃପ୍ରତିଷ୍ଠା ପାଇଁ ଜିଲ୍ଲାରେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । "ଭିନ୍ନକ୍ଷମଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ଆଣିବାର ଅନ୍ତରାୟ"ଉକ୍ତ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ଜିଲ୍ଲାରେ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଜାତୀୟଯୁବ ପ୍ରକଳ୍ପର ରାଜ୍ୟସଂଯୋଜକ ତିରୁପତି ରେଡ୍ଡି, ପିଏନ୍ଏସ୍ କଲେଜର ଅଧାପକ ସୌଦାଗର ବେହେରା, ପୁନର୍ବାସର ସଭାପତି ଶ୍ୟାମାଶ୍ରୀ ମହାନ୍ତି,ଦୀପକ ଚୌଧୁରୀ, ଧନଞ୍ଜୟ ସାହୁ,ବିରଜା ପ୍ରସାଦ ପତି, କାର୍ଯ୍ୟକ୍ରମର ସଂଯୋଜକ ସତ୍ୟବ୍ରତ ପ୍ରଧାନ, ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡଃ ବିରଜା ରାଉତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଜଳିଗଲା ଦୋକାନ ଓ ବାସଗୃହ : ନିଆଁରେ ଯୁବକ ଆହତ

ଭଦ୍ରକ, ୧୫ ଡିସେମ୍ବର (ହି.ସ.) - ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ ନିକଟ ଦେଓପତା ଗ୍ରାମର ମୋରଡା ଛକରେ ଆଜି ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଚାରି ବଖରା ବାସଗୃହ ସମେତ ଦୋକାନ ଗୃହ ଜଳିଯିବା ସହ ଜଣେ ଯୁବକ ନିଆଁରେ ପୋଡିହୋଇ ଆହତ ହୋଇଥିବା ଜଣାଯାଇଛି । ଉଦୟନାଥ ଖଣ୍ଡେଇଙ୍କ ବାସଗୃହ ସଂଲଗ୍ନ ଦୋକାନରେ ବିଦ୍ୟୁତ ସର୍ଟସର୍କିଟରୁ ନିଆଁ ଲାଗିଥିଲା । ଏହାସହ ବାସଗୃହ ମଧ ଜଳିଯାଇଥିଲା । ଖବରପାଇ ଭଣ୍ଡାରିପୋଖରୀରୁ ଦମକଳ ଆସି ଅଗ୍ନିକୁ ଆୟତ କରିଥିଲା । ହେଲେ ଅଗ୍ନି ସଂସ୍ପର୍ଶରେ ଆସି ଉଦୟଙ୍କ ପୁଅ ଉତମ(୨୪) ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଉତମକୁ ମଞ୍ଜୁରୀରୋଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ପଠାଇ ଦିଆଯାଇଛି । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡିଯାଇଛି ।

## ୭ଦଫା ଦାବି ପୂରଣ ନହେଲେ ୨୮ରେ ଅନଶନରେ ବସିବେ ସରପଂଚ

କେନ୍ଦ୍ରାପଡ଼ା,୧୫।୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ସରପଂଚ ସଂଘ ପକ୍ଷରୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି । ସୋମବାର ସଂଘର ଏକ ଜରୁରୀ ବୈଠକ କପାଳେଶ୍ୱର ପଂଚାୟତ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା । କୋଭିଡ କଟକଣା ଓ ତାର ପରବର୍ତୀ ପ୍ରଶାସନିକ ସମସ୍ୟାକୁ ନେଇ ସଭ୍ୟମାନେ ଆଲୋଚନା କରିଥିଲେ । ଗ୍ରାମାଂଚଳରେ ହୋଇଥିବା ୨୦୧୮ ମସିହା ଶିଶୁ ଦିବସ ପାଳନରେ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା । ଓ ପଂଚାୟତରାଜ ଦିବସ ପାଳନରେ ୪ ହଜାର ଟଙ୍କା ଖର୍ଚ୍ଚ କରାଯାଇ ଥିଲେ ମଧ ପଂଚାୟତକୁ ପଇସାଟିଏ ଦିଆଯାଇ ନାହିଁ । ପ୍ରତ୍ୟେକ ପଂଚାୟତରେ ଅଣ୍ଟିଜେନ ଟେଷ୍ଟ କ୍ୟାମ୍ପକୁ ଦିଆଯାଇ ଥିବା ୪ ହଜାର ଟଙ୍କା ଖର୍ଚ୍ଚସୀମାକୁ ହଟାଯାଇ ପ୍ରକୃତ ଖର୍ଚ୍ଚକୁ ସାମିଲ କରାଯିବାକୁ ଦାବି କରାଯାଇଛି । ଏମଜି ନରେଗା ଦ୍ୱାରା କରାଯାଇଥିବା ଗ୍ରାମ ପଂଚାୟତ ଭବନ ନିର୍ମାଣ କୁ ସେହି ପଂଚାୟତ ଦ୍ୱାରା ସଂପୂର୍ଣ୍ଣ କରାଯିବା ଓ ବ୍ଲକ ପ୍ରଶାସନ ଦ୍ୱାରା ପ୍ରଦାନ କରାଯାଇ ଥିବା ବିଭିନ୍ନ ପ୍ରକାର ଭତା ହିତାଧିକାରୀ ମାନଙ୍କୁ ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକା ଗ୍ରାମ ପଂଚାୟତର ଅନୁମୋଦନ କ୍ରମେ ହିତାଧିକାରୀ ତାଲିକା ପ୍ରକାଶ କରାଯିବା , କୋଭିଟ -୧୯ର ଟି ଏମ ସି ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କ ଖାଦ୍ୟ ବାବଦ ଖର୍ଚ୍ଚ ତୁରନ୍ତ ପ୍ରଦାନ କରାଯିବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏଥିସହିତ ଟି ଏମ ସି କେନ୍ଦ୍ର ଗୁଡିକର ଖର୍ଚ୍ଚକୁ ଚଳିତ ମାସ ୨୭ ତାରିଖ ସୁଦ୍ଧା ପୈଠ କରାନଗଲେ ୨୮ ତାରିଖରେ ସଂଘ ତରଫରୁ ଧାରଣା ଦିଆଯିବ ବୋଲି ନିଷ୍ପତି ନିଆଯାଇଛି । ସଭାପତି ନରହରି ପାଣି, ପ୍ରଦ୍ୟୁମ୍ନ କୁମାର ଜେନା, ନିରୁପମା ପ୍ରଧାନ, ସୁଶିଳା ରାଉତ, ଭାରତୀ ମଲିକ, ଜିନତ୍ ପ୍ରିୟଦର୍ଶନୀ ରାଉତ, ଗାୟତ୍ରୀ ମହାନ୍ତି, ଗଗନ ବିହାରୀ ସାହୁ, ରୀନା ମଲିକ, ପୁଷ୍ପଲତା ସେନାପତି, ସୁଷମା ଦାସ, ତପୋଇ ମଲିକ, କମଳା ଗିରି, କାଦମ୍ବିନି ମହାପାତ୍ର , ରମେଶ ଚନ୍ଦ୍ର ସାହାଣି ପ୍ରମୁଖ ଦାବିତ୍ର ସମୟରେ ଉପସ୍ଥିତ ଥିଲେ ।

# ସରକାରଙ୍କ ଏମଓୟୁକୁ ମାନିଲା ନାହିଁ କମ୍ପାନୀ

## ବନ୍ଦ ହେବ ଏସଆର୍ ଆଇଟିଆଇ ଆନ୍ଦୋଳନକୁ ଓହ୍ଲାଇବ ବିଜେପି

କେନ୍ଦୁଝର,୧୫।୧୨ (ନି.ପ୍ର): ପ୍ରତ୍ୟେକ ବ୍ଲକରେ ଗୋଟିଏ ଗୋଟିଏ ଆଇ. ଟି. ଆଇ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତି ନେଇଥିଲେ । ଏଥିପାଇଁ ସରକାରଙ୍କ ପକ୍ଷରୁ ଗୋଟିଏ ଗୋଟିଏ କମ୍ପାନୀ ସହ ଚୁକ୍ତି କରାଯାଇଥିବା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଏକ ଆଇଟିଆଇ ଖୋଲିବା ପାଇଁ ସରକାରଙ୍କ ସହ ଏସାର ଷ୍ଟିଲ ଓଡିଶା ଲିଃ ଙ୍କର ଚୁକ୍ତି ହୋଇଥିଲା । ବୈଷୟିକ ଶିକ୍ଷା ଗ୍ରାମାଚଂଳରେ ଅପହଂଚ ଥିବା କାରଣରୁ ୨୦୧୦ ମସିହାରେ ପ୍ରତ୍ୟେକ ବ୍ଲକରେ ଆଇଟିଆଇ ଖୋଲିବା ପାଇଁ ସରକାର ଯୋଜନା କରିଥିଲେ । ଯୋଡା ବ୍ଲକ ଦୁବୁନାଠାରେ ଏସାର କମ୍ପାନୀ ଏକ ବେନିଫିକେସନ ପ୍ଲାଂଟ ପ୍ରତିଷ୍ଠା ଏବଂ ପାରାଦୀପ ଠାରେ ୧୨ ମିଲିୟନ ଟନ ସମନ୍ବିତ ଷ୍ଟିଲ ପ୍ଲାଂଟ ପ୍ରତିଷ୍ଠା ହୋଇଥିଲା । କାରଖାନା ପ୍ରତିଷ୍ଠା ପରେ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ କମ୍ପାନୀ ସହ ଏକ ଆଇଟିଆଇ ପାଇଁ ଏମଓୟୁ କରିଥିଲା । ଏମଓୟୁ ପରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟରେ ୦୯ ଜୁଲାଇ ୨୦୧୦ରେ ଏକ ଏସାର ପ୍ରାଇଭେଟ ଲିଃ ଇଲେକ୍ଟ୍ରିକାଲ ଟ୍ରେଡର ୪୨ଜଣ ଛାତ୍ରଛାତ୍ରୀ ୨ ବର୍ଷିୟା ତାଲିମ ନେଉଥିଲେ । ଷ୍ଟେଟ କାଉନସିଲ ଫର ଟେକନିକାଲ ଏଜୁକେଶନ ଏଣ୍ଡ ଭୋକେସନାଲ ଟ୍ରେନିଂ ପକ୍ଷରୁ ୨୦୧୨ ମସିହା ଡିସେମ୍ବର ୧୧ ତାରିଖରେ ଏହି ଆଇଟିଆଇ କୁ ଆଫିଲେସନ ମିଳିଥିଲା । ଏହାପରେ ଛାତ୍ରଙ୍କ ଟ୍ରେନିଂ ପାଇଁ ସମସ୍ତ ଭିତିଭୂମି ପ୍ରସ୍ତୁତ କରାଯାଇଥିଲା । ଏହି ଆଇଟିଆଇରେ କମ୍ପାନୀର ବିସ୍ଥାପିତ ଲୋକଙ୍କ ପୁଅ/ ଝିଅମାନେ ମାଗଣାରେ ଆଇଟିଆଇ ଟ୍ରେନିଂ ନେଉଥିବା ବେଳେ ତେଲକୋଇ ବ୍ଲକ ଅଂଚଳର ଛାତ୍ର ଛାତ୍ରୀମାନେ ମଧ୍ୟ ଖୁବ୍ କମ୍ ଅର୍ଥରେ ବୈଷୟିକ ଶିକ୍ଷା ଗ୍ରହଣ କରୁଥିଲେ । ଏପରିକି ଏହି ଛାତ୍ରଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ମଧ୍ୟ ରହିଥିଲା । ପ୍ରତ୍ୟେକ ବର୍ଷ କୃତୀତ୍ୱ ସହ ଉତୀର୍ଣ୍ଣ ଛାତ୍ର ଏସାର ଷ୍ଟିଲ ସମେତ ବିଭିନ୍ନ କମ୍ପାନୀରେ ନିଯୁକ୍ତି ମଧ୍ୟ ମିଳୁଥିଲା । ଆଦିବାସୀ ଅଧ୍ୟୁଷିତ ତେଲକୋଇ ବ୍ଲକରେ ଏହି ବୈଷୟିକ ତାଲିମ କେନ୍ଦ୍ର ଅନେକ ଛାତ୍ରଛାତ୍ରୀଙ୍କ ଆଶାର ଆଲୋକ ପାଲଟିଥିଲା । ମାତ୍ର ଏସାର ଷ୍ଟିଲ ଓଡିଶା ଷ୍ଟିଲକୁ ଆର୍ସେଲର ମିତଲ-ନିପନ ଷ୍ଟିଲ ଅଧିଗ୍ରହଣ କରିବା ପରେ ଏହି ଆଇଟିଆଇକୁ ବନ୍ଦ କରିବାକୁ କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି । ଦୀର୍ଘ ୮ ବର୍ଷ ଧରି ସରକାରଙ୍କ ଏମ୍ଓୟୁ ଅନୁସାରେ ଚାଲିଥିବା ବୈଷୟିକ ଶିକ୍ଷାନୁଷ୍ଠାନ (ଆଇଟିଆଇ) ହଠାତ୍ ବନ୍ଦ କରିବା ନିଷ୍ପତି ପରେ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଆଇଟିଆଇ ବନ୍ଦ ହେବାକୁ ଯାଉଥିବାରୁ ଆସନ୍ତା ବର୍ଷଠାରୁ ଆଡମିଶନ ମଧ୍ୟ କରାଯିବ ନାହିଁ । ଶିଳ୍ପ ଆରମ୍ଭ ପୂର୍ବରୁ ଏମଓୟୁ କରୁଛନ୍ତି ଏବଂ ଏବେ ଶିଳ୍ପ ହେବାର କିଛି ବର୍ଷ ପରେ ଏମଓୟୁ କୁ ନ ମାନି ଆଇଟିଆଇ ବନ୍ଦ କରି ଦେଉଛନ୍ତି । ଏହା ଫଳରେ କେନ୍ଦୁଝର ଜିଲ୍ଲାରେ ସ୍ୱଭଭାବିକ ଭାବେ ଶିଳ୍ପ ବିରୋଧି ମନୋଭାବ ବଢିବାରେ ଲାଗିଛି । ଏବେ ଏହି ଆଇଟିଆଇରେ ବନ୍ଦ ପରେ ସ୍ଥାନୀୟ ଲୋକ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ତଥା ତେଲକୋଇ ବିଧାୟକ ଇଂ ପ୍ରେମାନନ୍ଦ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏବଂ ଆସନ୍ତା ଶିକ୍ଷାବର୍ଷଠାରୁ ଆଇଟିଆଇ ବନ୍ଦ ପାଇଁ କମ୍ପାନୀ ନିଷ୍ପତି ନେଇଥିବାରୁ ଏହାକୁ ବନ୍ଦ ନ କରିବାକୁ ସେମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହି ବୈଷୟିକ ଶିକ୍ଷାନୁଷ୍ଠାନରେ ଉନ୍ନତମାନର ଶିକ୍ଷାଦାନ ସହ ହଷ୍ଟେଲ ବ୍ୟବସ୍ଥା ରହିଥିଲା । ଚଳିତ ବର୍ଷ ୨୧ଜଣ ଛାତ୍ରଛାତ୍ରୀ ଆଇଟିଆଇ ରେ ତାଲିମ ନେଉଛନ୍ତି । ଆସନ୍ତା ବର୍ଷଠାରୁ ବୈଷୟିକ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ କମ୍ପାନୀ ନିଷ୍ପତି ନେଉଥିବା କାରଣରୁ ଆସନ୍ତା ବର୍ଷରୁ ବେକାର ଯୁବକ/ ଯୁବତୀ ଆଇଟିଆଇ ଟ୍ରେନିଂରୁ ବଂଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ସହ ହୋଇଥିବା ଏମ୍ଓୟୁ ଅନୁସାରେ ଆଇଟିଆଇକୁ ପ୍ରଶାସନ ପକ୍ଷରୁ ଜମି ଯୋଗାଇ ଦିଆଯିବା ବ୍ୟବସ୍ଥା ରହିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ତେଲକୋଇ ତହସିଲର ଜଗମୋହନପୁର ଠାରେ ୨.୫ ଏକର ଜମି ଯୋଗାଇ ଦିଆଯାଇଥିଲା । କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଏଠାରେ ସ୍ଥାୟୀ ଭାବେ ଆଇଟିଆଇ କରିବାକୁ ଆଗ୍ରହ ନ ଦେଖାଇ ଭଡା ଘରେ ଚାଲିଥିବା ଆଇଟିଆଇକୁ ବନ୍ଦ କରୁଛି । ଏମଓୟୁ ସମୟରେ ରହିଥିବା ସର୍ତାନୁଶାରେ ଆଇଟିଆଇ ପାଇଁ ଆବଶ୍ୟକ ଭିତିଭୂମି ଅର୍ଥାତ ଜମି, ରାସ୍ତା, ବିଦ୍ୟୁତ୍ ଓ ଜଳର ବ୍ୟବସ୍ଥା ରାଜ୍ୟ ସରକାର ଯୋଗାଇ ଦେବେ । ତଦ୍ନୁଯାୟୀ ଏସାର କମ୍ପାନୀ ଆଇଟିଆଇ କରିବା ପାଇଁ ରାଜ୍ୟ ସରକାରଙ୍କ ଏମଓୟୁ ପରେ ଷ୍ଟେଟ କାଉନସିଲ ଫର ଟେକନିକାଲ ଏଜୁକେସନ ଏଣ୍ଡ ଭୋକେସନାଲ ଟ୍ରେନିଂ ଠାରୁ ମଞ୍ଜୁର ପାଇଥିଲା । ଅତିକମରେ ୨ଟି ଟ୍ରେଡ ଖୋଲାଯାଇ ନଥିବାରୁ ନ୍ୟାସନାଲ କାଉନସିଲ ଅଫ ଭୋକେସନାଲ ଟ୍ରେନିଂ (ଏନସିଭିଟି) ମଞ୍ଜୁର ମିଳିନଥିଲା । ଏଥିପାଇଁ ଏସାର କମ୍ପାନୀ ମଧ ଆଗ୍ରହ ଦେଖାଇନଥିଲା । ଏବେ ଏହି ତାଲିମ କେନ୍ଦ୍ରକୁ ବନ୍ଦ କରିବାକୁ କମ୍ପାନୀ ନିଷ୍ପତି ନେଇଛି । ଅନ୍ୟ ପକ୍ଷରେ ତାଲିମ ଦେବା ପାଇଁ ଯେଉଁ ସରକାରୀ ଅନୁମୋଦନ ଆବଶ୍ୟକ ହୋଇଥାଏ ତାହା ୨୦୨୦ ରେ ସଂପୂର୍ଣ୍ଣ ହୋଇଯାଉଛି । ଏହା ପରେ ପୁନଃ ଆବେଦନ କରାଯାଇ ନାହିଁ । ଛାତ୍ରଛାତ୍ରୀଙ୍କୁ ତାଲିମ ଦେବା ପାଇଁ ଜୁଲାଇ ଓ ଅଗଷ୍ଟ ମାସରେ ଆଡମିଶନ ଗ୍ରହଣ କରାଯାଉଥିବା ବେଳେ ଏ ବର୍ଷ ନୂତନ ଆଡମିଶନ ମଧ ବନ୍ଦ ରହିଛି । ଆଜି ପର୍ଯ୍ୟନ୍ତ ଏହି ତାଲିମ କେନ୍ଦ୍ରରୁ ୧୪୭ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉର୍ତୀର୍ଣ୍ଣ ହୋଇଛନ୍ତି । ଏହି ଆଇଟିଆଇରେ ବର୍ତମାନ ୨ ଜଣ ଇଲେକ୍ଟ୍ରିକାଲ ଇନଷ୍ଟ୍ରକଟର, ଜଣେ ଡ୍ରଇଁ ଇନଷ୍ଟ୍ରକଟର, ୨ଜଣ ସିକ୍ୟୁରିଟି ଗାର୍ଡ, ଜଣେ କିରାଣୀ କାର୍ଯ୍ୟରତ ଅଛନ୍ତି । ଦୀର୍ଘ ବର୍ଷ କାମ କରିବା ପରେ ଏବେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧକୁ ଠେଲି ହୋଇଯାଇଛି । ଆଦିବାସୀ ଅଧ୍ୟୁଷିତ ତେଲକୋଇ ବ୍ଲକରେ ପ୍ରତିଷ୍ଠା ହୋଇଥିବା ଆଇଟିଆଇ ବନ୍ଦ କରାଗଲେ ବିଜେପି ଦଳ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଚେତାବନୀ ଦେଇଛନ୍ତି ।

# କଳା କୃଷି ଆଇନ ପ୍ରତ୍ୟାହାର ଦାବି : ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାରିପଦାରେ ଶୋଭାଯାତ୍ରା ଓ ବିକ୍ଷୋଭ




ବାରିପଦା, ୧୫।୧୨ (ନି.ପ୍ର): କେନ୍ଦ୍ର ସରକାର ଆଣିଥିବା ନୂତନ କୃଷି ଆଇନ ବିରୋଧରେ ସାରା ଦେଶରେ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ଆଜି ଦିଲ୍ଲିରେ ଚାଷୀ ମାନେ ଉପବାସ ରହି ଆନ୍ଦୋଳନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀ ମାନେ ଏକ ବିରାଟ ଶୋଭା ଯାତ୍ରାରେ ବାରିପଦା ମଧୁବନ ପଡିଆରୁ ବାହାରି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାର ଆଣିଥିବା ନୂତନ କୃଷି ଆଇନ ଚାଷୀ ମାନଙ୍କ ହିତରେ ନହୋଇ ଏହା ପୁଞ୍ଜିପତି ମାନଙ୍କ ସ୍ୱାର୍ଥ ସାଧନ ପାଇଁ କରାଯାଇଥିବା କହିବା ସହିତ ଏହି ଆଇନ ଲାଗୁହେଲେ କୃଷକ ମାନେ ନିଜ ଜମିରେ ଶ୍ରମିକ ପାଲଟିଯିବେ ବୋଲି ଅଭିଯୋଗ କରିଛନ୍ତି । ତୁରନ୍ତ କେନ୍ଦ୍ର ସରକାର ଏହି କଳା କୃଷି ଆଇନକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କ ଠାରେ ଦାବୀ କରିବା ସହିତ ସରକାର ଯଦି ଚାଷୀଙ୍କ କଥା ନଶୁଣନ୍ତି ତେବେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି କୃଷକ ନେତା ମାନେ କହିଛନ୍ତି । ଏହା ସହିତ ସେମାନେ ଆଂଚଳିକ ସମସ୍ୟା ଭାବରେ ଠିକ ସମୟରେ ମଣ୍ଡି ଖୋଲି ଠିକ ସମୟରେ ଧାନ ଉଠାଇବା, ମଣ୍ଡିରେ କଟନି ଛଟନି ବନ୍ଦ କରିବା ଆଦି ଦାବୀ ମଧ କରିଛନ୍ତି । ନବ ନିର୍ମାଣ କୃଷକ ସଂଗଠନର ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଦିନେଶ ଦାସଙ୍କ ଆହ୍ୱାନ କ୍ରମେ ଜିଲ୍ଲା ସଂଗଠନର କର୍ମକର୍ତ୍ତା ମାନଙ୍କ ନେତୃତ୍ୱରେ ଶହଶହ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଚାଷୀ ମାନଙ୍କର ଏହି ଆନ୍ଦୋଳନକୁ କଂଗ୍ରେସ, ସିପିଆଇ, ସିପିଏମ ଆଦି ବହୁ ଦଳ ମଧ ସମର୍ଥନ ଦେଇଥିବାର ଜଣା ଯାଇଛି ।

## ରାଜ୍ୟରେ ଆଉ ୪ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୮୧୫ ହେଲା

ଭୁବନେଶ୍ୱର,୧୫।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୧୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ୨ ଜଣ ଥିବା ବେଳେ ଜଗତସିଂହପୁର ଓ ସମ୍ବଲପୁର ଜିଲ୍ଲାର ଜଣେ ଜଣେ ଅଛନ୍ତି । ଜଗତସିଂହପୁର ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ମୟୂରଭଞ୍ଜ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ କ୍ରନିକ କିଡନି ରୋଗ ଓ ଅନ୍ୟ ରୋଗରେ ପୀଡିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୁଖ୍ୟମନ୍ତ୍ରୀଙ୍କୁ ....

ଏହି ମନ୍ଦିର ଗୁଡ଼ିକ କେବଳ ଲକ୍ଷାଧିକ ଶ୍ରଦ୍ଧାଳୁ ଏବଂ ରାଜ୍ୟର ରାଜସ୍ୱ ସଂଗ୍ରହ ପାଇଁ ନୁହେଁ ବରଂ ନାଗରିକଙ୍କ ଦୈନିନ୍ଦିନ ଜୀବନ ସହ ଜଡ଼ିତ । ଓଡ଼ିଶାର ଚାରିଟି ମନ୍ଦିରର ଶାସନ ଏବଂ ପରିଚାଳନାରେ ସଂସ୍କାର ଆଣିବା ପାଇଁ ପ୍ରସ୍ତୁତ ଏବଂ ଦୀର୍ଘ ସମୟର ଆବଶ୍ୟକତାକୁ ଧ୍ୟାନରେ ରଖି ଓଡିଶା ବିଧାନସଭା ଗାଇଡଲାଇନ ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୫ ଏବଂ ଶ୍ରୀଲିଙ୍ଗରାଜ ମନ୍ଦିର ଅଧିନିୟମ, ୨୦୨୦ ଅନୁସାରେ ଦୈନିନ୍ଦିନ ମନ୍ଦିରର ପରିଚାଳନା, ସେବା ପାଇଁ ସଠିକ୍ ପରିଚାଳନା, ପୂଜା, ନୀତି କାନ୍ତି ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ତମ ସୁବିଧା ଓ ମନ୍ଦିରର ଉନ୍ନତିକରଣ ଏବଂ ବିକାଶ ପାଇଁ ଏକ ସଶକ୍ତ କମିଟି ଗଠନ କରିବାକୁ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ଆଇନର ବ୍ୟବସ୍ଥା ହେବା ଦ୍ୱାରା ମନ୍ଦିର ଗୁଡ଼ିକରେ ଉଚ୍ଚଧରଣ ସୁପରିଚାଳନା ହେବା ସହ ଉତରଦାୟିତ୍ୱ ବଢ଼ିବ । ଏହାସହ ଉପଯୁକ୍ତ ବଜେଟ୍ ବ୍ୟବସ୍ଥା, ଯୋଜନା ଓ ଆନୁଷଙ୍ଗିକ ବ୍ୟବସ୍ଥା ଇତ୍ୟାଦି ପାଇଁ ସହାୟକ ହେବ । ଏହାବ୍ୟତିତ ଦୀର୍ଘ ସମୟ ପର୍ଯ୍ୟନ୍ତ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କୁ ଇଚ୍ଛାନୁସାରେ ସବୁ ସୁବିଧା ମିଳିପାରିବ । ଉପରୋକ୍ତ ମନ୍ଦିର ପାଇଁ ଏହି ଆଇନ ପ୍ରଣୟନ ହେଲେ ଏହା ଲମ୍ବା ସମୟ ଧରି ଉକ୍ତ ଜିଲ୍ଲାର ଧାର୍ମିକ ପର୍ଯ୍ୟଟନ ସ୍ଥଳିକୁ ପ୍ରୋତ୍ସାହନ ଦେବା ସହିତ ମଜବୁତ୍ କରିବ । ରାଜ୍ୟ ଏବଂ ରାଜ୍ୟ ବାହାରର ଓ ଅନ୍ତର୍ଜାତୀୟ ପର୍ଯ୍ୟଟକ ମାନଙ୍କ ସଂଖ୍ୟା ବଢ଼ିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

## ବିଭିନ୍ନ ଜୀବିକା ଯୋଜନାର ....

ହିତାକାରୀମାନେ ଯେଭଳି ଠିକ୍ ସମୟରେ ସେମାନଙ୍କ ମଜୁରୀ ପାଇପାରିବେ, ତା ଉପରେ ଗୁରୁତ୍ୱ ଦେବା ସହିତ ମୋ ସରକାର ପ୍ଲାଟଫର୍ମ ଜରିଆରେ ହିତାଧିକାରୀ ମାନଙ୍କୁ ନିୟମିତ ଫୋନ୍ କରି ମଜୁରୀ ବିଷୟ ତଦାରଖ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଗାମୀ ଜାନୁଆରୀ ପହିଲାରୁ ପ୍ରତି ଜିଲ୍ଲାରେ ଏହି ରୋଜଗାର ଯୋଜନା ସଂପର୍କରେ ଫିଡବ୍ୟାକ୍ ପାଇଁ ସ୍ୱତନ୍ତ୍ର ଭାବରେ ମୋ ସରକାର ସେଲ୍ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏମଜିନରେଗା ଲକ୍ଷ୍ୟ ପୂରଣ ଦିଗରେ ଯାଜପୁର, କୋରାପୁଟ ସୋନପୁର ଜିଲ୍ଲା ବହୁତ ଭଲ କାମ କରିଥିବାରୁ ମୁଖ୍ୟମନ୍ତ୍ରୀ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯେଉଁ ଜିଲ୍ଲା ଗୁଡିକରେ ଲୋକମାନେ ଅନ୍ୟ ରାଜ୍ୟକୁ କାମ ପାଇଁ ଯାଉଛନ୍ତି, ସେହିସବୁ ଜିଲ୍ଲା ଉପରେ ସ୍ୱତନ୍ତ୍ର ଫୋକସ୍ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହିସବୁ ଜିଲ୍ଲାରେ ପରିବାର ପିଛା ଅଧିକ ୧୦୦ ଦିନ ଓ ଅତିରିକ୍ତ ମଜୁରୀ ଦିଆଯିବା ବିଷୟ ସଂପର୍କରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେହିପରି ଆଗାମୀ ମାର୍ଚ୍ଚ ପୂର୍ବରୁ ୧୦୦୦ ମିଶନ ଶକ୍ତି ଗୃହ ଏବଂ ଜାନୁଆରୀ ଶେଷ ସୁଦ୍ଧା ଗୋଟିଏ ଲେଖାଏ ପରିଚୟ ଗୃହର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଜିଲ୍ଲାରେ ଅଧିକ ମା ମାନଙ୍କୁ ଓ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କୁ ରୋଜଗାର ଯୋଜନା ତଦାରଖରେ ନିୟୋଜିତ କରାଯିବ, ସେହି ଜିଲ୍ଲା ମାନଙ୍କୁ ଉତ୍ସାହିତ କରାଯିବ। ସେହିପରି ସହରାଂଚଳ ରୋଜଗାର ଯୋଜନାରେ ଦିଆଯାଇଥିବା ଅର୍ଥକୁ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସଂପୂର୍ଣ୍ଣ ଭାବେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ କହିଲେ ଯେ ରାଜ୍ୟରେ ୨୦ କୋଟି ମାନବ ଦିବସ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପ୍ରଶାସନ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଗ୍ରାମାଂଚଳରେ ୫୦ ଲକ୍ଷ ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ଶ୍ରମିକ ମାନଙ୍କ ପାଇଁ ଅଧିକ ଜୀବିକା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ସଂପର୍କରେ ଉପସ୍ଥାପନା ରଖି ପଂଚାୟତିରାଜ ବିଭାଗର ପ୍ରମୁଖ ସଚିବ ଶ୍ରୀ ଦେଓରଂଜନ କୁମାର ସିଂହ କହିଲେ ଯେ ଏହି କାର୍ଯ୍ୟକ୍ରମରେ ଗତବର୍ଷ ମାତ୍ର ୨.୯୬ ଲକ୍ଷ୍ୟ ଜବ୍ କାର୍ଡ ଦିଆଯାଇଥିବା ବେଳେ ଚଳିତ ବର୍ଷ ୭.୨୬ ଲକ୍ଷ ଜବ୍ କାର୍ଡ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୪.୫୦ କୋଟି ମାନବ ଦିବସ ସୃଷ୍ଟି କରାଯାଇସାରିଛି। ୩୧ ଲକ୍ଷ ପରିବାର ଓ ୫୧ ଲକ୍ଷ ଲୋକଙ୍କୁ ରୋଜଗାର ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ଦୈନିକ ହାରାହାରି ୧୦.୨୩ ଲକ୍ଷ ଲୋକଙ୍କୁ ଶ୍ରମଭିତିକ ରୋଜଗାର ଯୋଗାଇ ଦିଆଯାଉଛି ବୋଲି ସେ ସୂଚନା ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କହିଲେ ଯେ ମିଶନ ଶକ୍ତିର ମା ମାନଙ୍କୁ ତଦାରଖ କାର୍ଯ୍ୟରେ ସକ୍ରିୟ ଭାବରେ ନିୟୋଜିତ କରାଯିବା ସହିତ ସେମାନଙ୍କ ତଦାରଖ ପ୍ରାପ୍ୟ ଅବିଳମ୍ବେ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଥିଲେ।

## ୧ମ ପର୍ଯ୍ୟାୟରେ ୩ ଲକ୍ଷ ୨୦ ହଜାର ....

ପ୍ରତି ଟିକାକରଣ କେନ୍ଦ୍ରରେ ୫ ଜଣଙ୍କୁ ନିୟୋଜିତ କରାଯିବ । ପ୍ରତି କେନ୍ଦ୍ରରେ ଜଣେ ଭ୍ୟାକ୍ସିନେଟର,ଜଣେ ଭ୍ୟାକ୍ସିନେସନ୍ ଅଧିକାରୀ, ଜଣେ ଭେରିଫାୟର ଓ ୨ ଜଣ ସୁପରଭାଇଜର ରହିବେ । ୩ଟି କୋଠରୀକୁ ନେଇ ଗଠନ ହେବ ଟିକାକରଣ କେନ୍ଦ୍ର । କେନ୍ଦ୍ରରେ ପ୍ରତୀକ୍ଷାଳୟ, ନିରୀକ୍ଷଣ କୋଠରୀ ଓ ଟିକାକରଣ କୋଠରୀ ରହିବ । ଟିକାକରଣ ସରିବା ପରେ ୩୦ ମିନିଟ ସେମାନଙ୍କୁ ନିରୀକ୍ଷଣରେ ରଖାଯିବ ଏବଂ ଟିକାକରଣ ପରେ ସାର୍ଟିଫିକେଟ ଦିଆଯିବ ବୋଲି ସୂଚନା ରହିଛି । ଟିକାକରଣ ପାଇଁ କେନ୍ଦ୍ର ସରକାର ଗାଇଡଲାଇନ ଜାରି କରିବା ପରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଛି। ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ରାଜ୍ୟରେ କୋଭିଡ ନିୟନ୍ତ୍ରଣରେ ଅଛି ।ପୃଥିବୀର କିଛି ଦେଶରେ ଦ୍ୱିତୀୟ ଲହରୀ ଦେଖାଯାଇଛି ସବୁ ଦେଶରେ ନୁହେଁ। କିଛି ସ୍ଥାନରେ ନିୟମ ନମାନିବାରୁ ଦ୍ୱିତୀୟ ଲହରୀ ଦେଖାଯାଇଛି।ନିୟନ୍ତ୍ରଣ ହୋଇଛି ଭାବି କୋହଳ ହେବା ଉଚିତ୍ ନୁହେଁ। ଯାହା ନିୟମ ରହିଛି ମାନିବା ଜରୁରୀ। ସବୁ ଡିଜିଜ ତିନିଟି ଷ୍ଟେଜ ଦେଇ ଯାଇଥାଏ। ଏପିଡେମିକ ,ଏଣ୍ଡେମିକ,ସ୍ପୋରାଡିକ ହୁଏ। ଏପିଡେମିକ ଥିବା ବେଳେ କିଛି ଦିନ ପରେ ଏଣ୍ଡେମିକକୁ ଆସିବ ବୋଲି ଆଶା କରିବା ।

## ଏସ୍ ମୁରଲୀଧର ....

ଏହାପରେ ସେ ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ସୁପ୍ରିମକୋର୍ଟ ଆଇନସେବା କମିଟି ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରିଥିଲେ। ଭୋପାଳ ଗ୍ୟାସ୍ ଘଟଣାର ପୀଡିତ ଓ ନର୍ମଦା ଡ୍ୟାମ୍ ବିସ୍ଥାପିତଙ୍କ ସମସ୍ୟା ସଂପର୍କିତ ମାମଲାର ପରିଚାଳନା କରିଥିଲେ ସେ । ଡିସେମ୍ବର ୨୦୦୨ରୁ ୨୦୦୬ ମେ ପର୍ଯ୍ୟନ୍ତ ଲ' କମିସନରେ ସେ ଅସ୍ଥାୟୀ ସଦସ୍ୟ ଥିଲେ। ୨୦୦୬, ମେ ୨୯ରେ ସେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ଏହାପରେ ପଞ୍ଜାବ ଓ ହରିୟାନା ହାଇକୋର୍ଟକୁ ତାଙ୍କର ବଦଳି ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ...

ସେ ଏହି ପତ୍ରରେ ଲେଖିଛନ୍ତି ଯେ କରୋନା ମହାମାରି ବେଳେ ଯେଉଁ ନର୍ସିଙ୍ଗ ସ୍ୱାସ୍ଥ୍ୟ କର୍ମୀମାନେ ନିଜ ଜିବନକୁ ବାଜି ପକାଇ ସ୍ୱାସ୍ଥ୍ୟସେବା ସମ୍ଭାଳୁଥିଲେ ସେମାନେ ଆଜି ରାଜରାସ୍ତାରେ ବସିଛନ୍ତି । ସରକାର ସେମାନଙ୍କ ଦାବିକୁ ଶୁଣୁନାହାନ୍ତି । ଏବେବି କରୋନା ମହାମାରିରୁ ବିଶ୍ୱ ମୁକ୍ତ ହୋଇନାହିଁ । ଏପରି ସ୍ଥିତିରେ ରାଜରାସ୍ତାରେ ନର୍ସିଙ୍ଗ ସ୍ୱାସ୍ଥ୍ୟକର୍ମୀମାନେ ବସିବା ଚିନ୍ତାଜନକ । ଆଗକୁ ଭ୍ୟାକିନେସନ କରାଯିବ । ସେତେବେଳେ ଏହି ଭ୍ୟାକିନେସନ କରାଇବାରେ ଏହିମାନେ ତ ସେବା ପ୍ରଦାନ କରିବେ । ସେ କହିଛନ୍ତି ଯେ ରାଜ୍ୟରେ ସରକାରୀ ଡାକ୍ତରଖାନା ମାନଙ୍କରେ ପ୍ରାୟ ଅଧା ନର୍ସିଙ୍ଗ ପଦବୀ ଖାଲି ପଡିଛି । ସରକାର ତାହାକୁ ତୁରନ୍ତ ପୁରଣ କରନ୍ତୁ । ସେହି ସମୟରେ ଯେଉଁମାନେ କରୋନା ମୁକାବିଲାରେ ଯୋଦ୍ଧା ସାଜି ଓଡିଶାବାସୀଙ୍କ ଜୀବନ ରକ୍ଷା କରିଥିଲେ ସେମାନଙ୍କୁ ଆଗ୍ରାଧୀକାର ଦିଆଯାଇ ସେମାନଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରାଯାଉ ବୋଲି ସେ କହିଛନ୍ତି । ସେ ଲେଖିଛନ୍ତି ଯେ ଯେହେତୁ ବିଗତ ୧୦ ବର୍ଷ ହେଲାଣି ରାଜ୍ୟରେ ଏଏନଏମ ପଦବୀରେ ନୁଆ ନିଯୁକ୍ତି ହୋଇନାହିଁ, ସେଥିପାଇଁ ସର୍ବାଧୀକ ବୟସ ସୀମାକୁ ୩୨ ବଦଳରେ ୪୨ ବର୍ଷ ବୟସ କରାଯାଉ । ଇଣ୍ଡିଆନ ପବ୍ଲିକ ହେଲ୍ଥ ଷ୍ଟାଣ୍ଡାର୍ଡ ୨୦୧୨ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ୨୦୧୩ ଅନୁଯାୟୀ ରାଜ୍ୟରେ ଆବଶ୍ୟକୀୟ ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ନର୍ସିଙ୍ଗ ପଦବୀକୁ ପୁରଣ କରାଯାଉ ବୋଲି ସେ ଦାବି କରିଛନ୍ତି ।

# ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତ୍ୟାହାର କରିବାକୁ ସମାଜବାଦୀ ପାର୍ଟିର ଦାବି




ଭୁବନେଶ୍ୱର, ୧୫।୧୨ (ନି.ପ୍ର): ଡ଼ିସେମ୍ବର ୧ ତାରିଖ ଦିନ ରନ୍ଧନ ଗ୍ୟାସ୍ ୧୪.୨ କେଜିରେ ୫୦ ଟଙ୍କା ଦର ବୃଦ୍ଧି ଘଟିଥିଲା ବେଳେ ଆଜି ପୁନଶ୍ଚ ତୈଳକମ୍ପାନୀମାନେ ଆହୁରି ୫୦ ଟଙ୍କା ଦର ବଢାଇଛନ୍ତି। ଫଳରେ ୬୨୦ ଟଙ୍କାରେ ମିଳୁଥିବା ଜାଳେଣୀ ଗ୍ୟାସ୍ ଗତ ୧ ମାସ ମଧ୍ୟରେ ଆସି ୭୨୦ ଟଙ୍କାରେ ପହଂଚିଛି। ସେହିଭଳି ୫ କେଜି ସିଲିଣ୍ଡର ଗ୍ୟାସ୍ ଦରରେ ମଧ୍ୟରେ ୧୮ ଟଙ୍କା ବୃଦ୍ଧି ଘଟିଛି। ଏହା ମଧ୍ୟବିତ ଓ ନିମ୍ନ ମଧ୍ୟବିତ ପରିବାରକୁ ବିଶେଷ ବାଧିବ। ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା କହିଛନ୍ତି ଯେ, ଯେତେବେଳେ ପେଟ୍ରୋଲ ଓ ଡ଼ିଜେଲ ଦର ଯଥାକ୍ରମେ ୮୪ ଟଙ୍କା ଓ ୮୦ ଟଙ୍କାରେ ପହଂଚିଛି, ଖାଇବା ତେଲ ୧୩୫ ଟଙ୍କାରୁ ୧୫୦ ଟଙ୍କାରେ ପହଂଚିଛି, ଡ଼ାଲି, ଚାଉଳ ଓ ଅନ୍ୟାନ୍ୟା ଖାଦ୍ୟ ସାମଗ୍ରୀର ଦର ବଜାରରେ ବଢି ଚାଲିଛି। ସେହି ସମୟରେ ଗ୍ୟାସ୍‌ର ଦରବୃଦ୍ଧି ଯୋଗୁ ସାଧାରଣ ଖାଉଟି ଆହୁରି ଦରଦାମ୍ ବୃଦ୍ଧିର ସମ୍ମୁଖୀନ ହେବେ। ତେଣୁ ଗ୍ୟାସ୍ ଦର ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ଦରଦାମ୍‌କୁ ନିୟନ୍ତ୍ରଣ କିରବାକୁ ଶ୍ରୀ ବେହେରା ଦାବି କରିଛନ୍ତି। କୃଷି ବିଲ୍ ଉଚ୍ଛେଦ ଦାବୀରେ ବିଭିନ୍ନ ଦଳ ଓ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରାୟଗଡ଼ା - ଦିଲ୍ଲୀରେ କୃଷକ ଆନ୍ଦୋଳକୁ ସମର୍ଥନ ଜଣାଇ ଦେଶବ୍ୟାପି ଚାଷି ଆନ୍ଦୋଳନ ହେଉଥିବା ବେଳେ ଆଜି ରାୟଗଡା ଜିଲ୍ଲାରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି । କୃଷକ ସଂଗଠନ ସମେତ ବିଭିନ୍ନ ରାଜନୈତିକ ଦଳ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଯୁବ କଂଗ୍ରେସ କମିଟି,ସିପିଆଇ(ଏମ୍ଏଲ୍),ସିଟୁ ସମେତ ବିଭିନ୍ନ ଶ୍ରମିକ ସଂଗଠନ ଆଜି ରାୟଗଡା ସହରର ପିଡବୁଡ଼ି ଛକରୁ ଏକ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ଚାଷି ମାରଣନିତୀକୁ ବିରୋଧ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି । ଦେଶରେ କେନ୍ଦ୍ରର ମୋଦି ସରକାର ଆଣିଥିବା କୃଷି ବିଲ୍ କୁ ତୁରନ୍ତ ଉଛେଦ କରିବା ସହ ଦିଲ୍ଲୀରେ ମୃତ୍ୟୁବରଣ କରିଥିବା ୪ ଜଣ ଚାଷିଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ।

## ଧାରଣାରେ ବସିଥିବା ଦୁଇ ଏଏନଏମଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର,୧୫।୧୨ (ନି.ପ୍ର): ଧାରଣାରେ ବସିଥିବା ଦୁଇ ଜଣ ଏଏନଏମ ମଙ୍ଗଳବାର ଦିନ ଆତ୍ମାହୁତି ଉଦ୍ୟମ କରିଛନ୍ତି । । ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ନିକଟ ଧାରଣା ସ୍ଥଳରେ କିରାସିନି ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରୁଥିବା ଏମାନଙ୍କୁ ଉଦ୍ଧାର କରାଯାଇଛି। ଏହି ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଂଚିଥିବା ସୂଚନା ମିଳିଛି। ମହିଳା ସ୍ୱାସ୍ଥ୍ୟକର୍ମୀ ମାନେ ସେମାନଙ୍କର ଦାବି ପୂରଣ ନ ହେବାରୁ ଏପରି ପଦକ୍ଷେପ ନେବା ବିଷୟରେ କହିଛନ୍ତି । ସ୍ଥାୟୀ ନିଯୁକ୍ତି ଦାବିରେ ଆଜିକୁ ଦୀର୍ଘ ୮ ଦିନ ହେଲାଣି ଏମିତି ଅହୋରାତ୍ର ଆନ୍ଦୋଳନ କରୁଛନ୍ତି। କରୋନା ସଂକ୍ରମଣରେ ଯେତେବେଳେ ସମଗ୍ର ରାଜ୍ୟ କଲବଲ ହେଉଥିଲା, ସେହି ସମୟରେ ସରକାରଙ୍କ ଆହ୍ୱାନରେ ସେବା ପାଇଁ ଆଗେଇ ଆସିଥିଲେ।

## ୩ଟି ବେଆଇନ୍ ବାଲି ଟ୍ରାକ୍ଟର ଜବତ୍



ଜଳେଶ୍ୱର,୧୫।୧୨ (ନି.ପ୍ର): ଆଜି ସକାଳେ ୩ଟି ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ୍ କରାଯାଇ ଜଳେଶ୍ୱର ଥାନା ପରିସରରେ ରଖାଯାଇଛି। ଗୋଟିଏ ଟ୍ରାକ୍ଟରର ନମ୍ବର ଓଡି୦୧ଜି-୯୪୦୨, ଅନ୍ୟ ଦୁଇଟି ଟ୍ରାକ୍ଟରର ନମ୍ବର ବିହୀନ ଥିଲା । ସୂଚନାଯୋଗ୍ୟ ଯେ ପ୍ରତ୍ୟେକଦିନ ରାତିରେ ସହରମଧ୍ୟ ଦେଇ ଶହ ଶହ ଟ୍ରାକ୍ଟର ବେଆଇନ୍‌ଭାବେ ବାଲି ପରିବହନ କରୁଥିବା ବେଳେ ସେଥିପ୍ରତି ନା ରାଜସ୍ୱ ବିଭାଗ ନା ପୋଲିସ୍ କେହି ଦୃଷ୍ଟି ଦେଉ ନାହାନ୍ତି । ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ଘଟୁଛି ।

# ସଂଗ୍ରାମୀ ମାୟାଧରଙ୍କ ୨୯ତମ ଶ୍ରାଦ୍ଧୋତ୍ସବ




ଭଦ୍ରକ,୧୫।୧୨ (ନି.ପ୍ର): କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସଂଗ୍ରାମୀ ଚକ୍ରଧର ବେହେରାଙ୍କ ଅଙ୍ଗରକ୍ଷୀ ଏକାନ୍ତ ଆନୁଗତ୍ୟ ତଥା ସହଯୋଗୀ ଥିବା ସଂଗ୍ରାମୀ ମାୟାଧର ଦାସଙ୍କ ୨୯ତମ ଶ୍ରାଦ୍ଧୋତ୍ସବ ଆଜି ଅପରାହ୍ନରେ ଶହିଦ ସ୍ମୃତି ଭବନ ଟାଉନ ହଲଠାରେ କୋବିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଇଂ ଅଭୟ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫେକରର ପୂର୍ବତନ ଡିଜିଏମ୍ ଗଙ୍ଗାଧର ମଲ୍ଲିକ ଯୋଗ ଦେଇ ପ୍ରଦିପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଭଦ୍ରକର ଯେଉଁ ସଂଗ୍ରାମୀମାନେ ଇତିହାସକୁ ଋଦ୍ଧିମନ୍ତ କରିଛନ୍ତି ସଂଗ୍ରାମୀ ମାୟାଧର ସେମାନଙ୍କ ମଧ୍ୟରେ ଅନ୍ୟତମ । କନିକା ପ୍ରଜା ଆନ୍ଦୋଳନରେ ରାଜାଙ୍କ ଅମାନୁଷିକ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରି ସେ ଜନପ୍ରିୟ ହୋଇ ପାରିଥିଲେ ବୋଲି କହିଥିଲେ । ମୁଖ୍ୟ ବକ୍ତା ଅଧିବକ୍ତା ତଥା ପ୍ରଗତିଶୀଳ ସାହିତ୍ୟ ସଂଗଠନର ଅଧକ୍ଷ ଗିରିଧାରୀ ନାଥ ତାଙ୍କ ବକ୍ତବ୍ୟରେ କନିକା ଅଞ୍ଚଳ ମାୟାଧର ଦାସଙ୍କୁ ଏବେ ବି ଝୁରୁଛି, ତାଙ୍କ ଭଳି ଯୁଗଜନ୍ମା ପୁରୁଷ ପୁଣିଥରେ ଏ ମାଟିରେ ଜନ୍ମଲାଭ କରନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ପୂର୍ବତନ ଜିଲ୍ଲା ଶିକ୍ଷା ମଣ୍ଡଳାଧୀଶ ରାମଚନ୍ଦ୍ର ବେହେରା, ପୂର୍ବତନ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ବିନ୍ଧାଣୀ, ଅଧିବକ୍ତା ଅଗଣି ଚରଣ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥି ରାମଚନ୍ଦ୍ର ବେହେରା, ଲକ୍ଷ୍ମଣ କୁମାର ବିନ୍ଧାଣୀ, ଅବସରପ୍ରାପ୍ତ ଶିକ୍ଷକ ଜିତେନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୀତଳ ବେହେରା, ସମାଜସେବୀ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ତଥା ମାୟାଧରଙ୍କ ସୁପୁତ୍ର ବଂଶୀଧର ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାୟାଧର ଦାସ ସ୍ମୃତି କମିଟି ଘଣ୍ଟେଶ୍ୱର ଦ୍ୱାରା ଆୟୋଜିତ ଏହି ଉତ୍ସବରେ ମନମୋହନ ସଂଗୀତ ପରିଷଦର କଳାକାର ମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ। ଧନ୍ୟବାଦ ଦେଇଥିଲେ ଶିକ୍ଷକ ପ୍ରଭାକର ପରିଡା।

## କୋଠସାହି ସ୍କୁଲ ମିଶ୍ରଣର ପୁନଃ ବିଚାର ପାଇଁ ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡା,୧୫।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅଧିନ ପାଇକସାହି କୋଠସାହି ଗ୍ରାମର ବାସିନ୍ଦା ମାନେ ତାଙ୍କ ଗ୍ରାମରେ ଥିବା ସ୍କୁଲକୁ ଅନ୍ୟ ସ୍କୁଲ ସହିତ ମିଶ୍ରଣକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ୧୯୫୬ ମସିହାରୁ ଏହି ସ୍କୁଲରେ ବର୍ତ୍ତମାନ ପିଲାଙ୍କ ସଂଖ୍ୟା ୩୫ ଅଛି । ଆହୁରି ଅନେକ ପିଲା ନାମ ଲେଖାଇବା ପାଇଁ ଅପେକ୍ଷାରେ ଅଛନ୍ତି । ସ୍କୁଲକୁ ଅନ୍ୟଏକ ଗ୍ରାମର ସ୍କୁଲ ସହିତ ମିଶ୍ରଣ କରାଯାଉ ଥିବାରୁ ଛାତ୍ରଛାତ୍ରୀ ମାନେ ନାନା ଅସୁବିଧାରେ ସମ୍ମୁଖୀନ ହେବେ । ଏହି ମିଶ୍ରଣକୁ ବନ୍ଦ କରିବା ପାଇଁ ଗ୍ରାମର ଧରଣୀଧର ମଲିକ, ଧନୁଞ୍ଜୟ ମଲିକ, ସତ୍ୟଜିତ୍ ମଲିକ, ବଟକୃଷ୍ଣ ମଲିକ ପ୍ରମୁଖ ଦାବି କରିଛନ୍ତି ।

# ଜମ୍ବୀରାଇ ଗ୍ରାମରୁ ନିଖୋଜ ନାବାଳିକାର ମୃତ ଦେହ ଉଦ୍ଧାର

## ଦିଅର-ଭାଉଜଙ୍କ ଅବୈଧ ସର୍ମ୍ପକ ଦେଖିନେବାରୁ ହତ୍ୟା

ବାଲିଆପାଳ,୧୫।୧୨ (ନି.ପ୍ର): ଗତ ୧୧ ତାରିଖ ଶୁକ୍ରବାର ଠାରୁ ବାଲିଆପାଳ ଥାନା ଜମ୍ବୀରାଇ ଗ୍ରାମରୁ ନିଖୋଜ ଥିବା ନାବାଳିକା ବିଷ୍ଣୁପ୍ରିୟାର ମୃତ ଦେହ ଆଜି ତା ମାମୁଁ ଘର ପାଖରେ ଥିବା ଏକ ପରିତ୍ୟକ୍ତ ହଦରୁ ଉଦ୍ଧାର କରାଯାଇଛି । ବିଷ୍ଣୁପ୍ରିୟା ଶୁକ୍ରବାର ଦିନ ଟିଉସନ ସାରି ଦିନ ୯ ଟାରେ ମାମୁଁ ଘର ଜମ୍ବୀରାଇକୁ ଆସିଥିଲା । କିନ୍ତୁ ସେ ସଂନ୍ଧ୍ୟା ସୁଦ୍ଧା ଘରକୁ ଫେରିନଥିଲା । ପରିବାର ଲୋକେ ସାଙ୍ଗ ସାଥୀ ଓ ବନ୍ଧୁବାନ୍ଧବଙ୍କ ଘରେ ଖୋଜା ଖୋଜି କରି ମଧ୍ୟ ତାର କୌଣସି ସନ୍ଧାନ ପାଇନଥିଲେ । ଶନିବାର ଦିନ ସରପଂଚଙ୍କୁ କହି ନିକଟବର୍ତ୍ତୀ ୬ ଟି ପଂଚାୟତରେ ବିଷ୍ଣୁପ୍ରିୟା ନିଖୋଜ ଥରବା ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବା ସହ ତାର ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା । ତଥାପି ତାର କୌଣସି ଠିକଣା ମିଳିନଥିଲା । ରବିବାର ତାର ବାପା ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଗ୍ରାମକୁ ତଦନ୍ତରେ ଯାଇ ସନ୍ଦେହରେ ସେହି ଗ୍ରାମର ଦୀପକ ସାହୁ ଓରଫ ନଟକୁ ଥାନାକୁ ଧରି ଆଣିଥିଲେ । ରାତିରେ ନଟ ପୁଲିସ ଆଗରେ ସର୍ମ୍ପକୀୟ ଭାଣିଜି ବିଷ୍ଣୁପ୍ରିୟାକୁ ହତ୍ୟା କରିଥିବା ମାନିଯାଇଥିଲା । ନଟର କହିବା ଅନୁସାରେ ତାର ସେହି ଗ୍ରାମର ସର୍ମ୍ପକୀୟ ଭାଉଜ ତଥା ବିଷ୍ଣୁପ୍ରିୟାର ମାଇଁ ବସୁମତୀ ସହିତ ଅନୈତିକ ସର୍ମ୍ପକ ରହିଥିଲା । ଶୁକ୍ରବାର ଦିନ ବିଷ୍ଣୁପ୍ରିୟା ଏହା ଦେଖିନେଇଥିଲା । ପୂର୍ବରୁ ମଧ୍ୟ କେତେଥର ବିଷ୍ଣୁପ୍ରିୟା ଏହା ଦେଖିଥିବାରୁ କାଳେ ସେ ଏହି ଘଟଣା ବାହାରେ ପ୍ରଘଟ କରି ଦେବ ସେଥିପାଇଁ ଦିଅର-ଭାଉଜ ତାକୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ । ଦୀପକ ତାକୁ ସେହି ପରିତ୍ୟକ୍ତ ହଦ ନିକଟକୁ ଏକ କ୍ରିକେଟ ବ୍ୟାଟ ବନେଇଦେବ କହି ଡାକି ନେଇଥିଲେ । ସେଠାରେ ଦୀପକ ଏବଂ ବସୁମତୀ ମିଶି ଏକ ଧାରୁଆ ଅସ୍ତ୍ରରେ ତାର ତଂଟି କାଟି ହତ୍ୟା କରି ବୁଦବୁଦିଆ ଗଛ ମୂଳେ କାଦୁଅରେ ପୋତି ଦେଇଥିଲେ । ଆଜି ସକାଳେ ବାଲିଆପାଳ ଆଇ.ଆଇ.ସି ବିମଳ କୁମାର ନାୟକ, ବସ୍ତା ଏସଡିପିଓ ଜଲନ୍ଧର ଜାଲି ଦୀପକକୁ ଘଟଣାସ୍ଥଳକୁ ନେଇଥିଲେ । ସେ ବିଷ୍ଣୁପ୍ରିୟାର ମୃତ ଦେହ ପୋତା ଯାଇଥିବା ସ୍ଥାନ ପୁଲିସକୁ ଦେଖାଇଥିଲେ । ପୁଲିସ ସେଠାରୁ ମୃତ ଦେହ ଉଦ୍ଧାର କରିଥିଲା । ଏହି ଘଟଣାକୁ ନେଇ ଗ୍ରାମାରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗ୍ରାମରେ ଦୁଇ ପ୍ଲାଟୁନ ପୁଲିସ ମୁତୟନ କରାଯାଇଛି । ବାଲିଆପାଳରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଛି । ଅଭିଯୁକ୍ତ ଦୀପକ ଓ ବସୁମତୀକୁ ପୁଲିସ ଗିରଫ କରିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାର ପର୍ଦାଫାସ ବାଲିଆପାଳ ପୁଲିସ ମାତ୍ର ୩ ଦିନରେ କରିପାରିଥିବାରୁ ସ୍ଥାନୀୟ ଅଂଚଳରେ ପ୍ରଶଂସାର ପାତ୍ର ହୋଇ ପାରିଛି । ଅଭିଯୁକ୍ତ ମାନଙ୍କୁ ଏହି ଅମାନବୀୟ ଓ ନୃଶଂସ ହତ୍ୟାକାଣ୍ଡ ପାଇଁ କଠୋରରୁ କଠୋର ଦଣ୍ଡ ଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି ।

# ୨୦୧୯ ମସିହା ସାରସ୍ୱତ ସମ୍ମାନ, ୨୦୧୫, ୨୦୧୬ ମସିହା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ

ଭୁବନେଶ୍ୱର,୧୫।୧୨ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ମଙ୍ଗଳବାର ଅପରାହ୍ନରେ ରବିନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟଠାରେ୨୦୧୯ ମସିହା ପାଇଁ ୧୫ ଜଣ ସାରସ୍ୱତ ପ୍ରତିଭାମାନଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଏକାଡେମୀ ପୁରସ୍କାର ରାଶିଗୁଡ଼ିକୁ ବୃଦ୍ଧି କରି ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ଓ ଭାଷା ସାହିତ୍ୟର ଉନ୍ନତି ପାଇଁ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ଏଥି ସହିତ ୨୦୨୧ ମସିହା ମାର୍ଚ୍ଚ ସୁଦ୍ଧା ବାକିଥିବା ସମସ୍ତ ପୁରସ୍କାରପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ । ଆସନ୍ତା ବର୍ଷଠାରୁ ପ୍ରତିବର୍ଷ ପୁରସ୍କାର ପ୍ରଦାନ ପାଇଁ ବ୍ୟବସ୍ଥା କରିବାକୁ ସେ ବିଭାଗକୁ ପଦକ୍ଷେପ ନେବାକୁ କହିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଉଲ୍ଲେଖ କରିଥିଲେ। ୨୦୧୯ ମସିହା ପାଇଁ ବରିଷ୍ଠ ସାହିତ୍ୟିକ ମୀନକେତନ ପୁରୋହିତ, ଗୌରହରି ପଣ୍ଡା, ପଦ୍ମନାଭ ସାହୁ, ବିଭୂତି ଭୂଷଣ ପଟ୍ଟନାୟକ, ଇନ୍ଦୁଲତା ମହାନ୍ତି, ଶୈଳେନ୍ଦ୍ର କୁମାର ମହାପାତ୍ର, ନିରଞ୍ଜନ ପାଢ଼ୀ, ଶ୍ରୀକାନ୍ତ ଚରଣ ପାତ୍ର, କବିବର ପରିଡ଼ା, ତ୍ରିନାଥ ନାୟକ, ମନିନ୍ଦ୍ର ମହାନ୍ତି, ରବି ମହାପାତ୍ର, ଶରତ ଚନ୍ଦ୍ର କର, ବ୍ରଜ ଦାସ, ଅଖିଳାନନ୍ଦ ବେବର୍ତା ସମ୍ବର୍ଦ୍ଧିତ ହୋଇଥିବାବେଳେ ସାହିତ୍ୟର ବିଭିନ୍ନ ବିଭାଗରେ ନିତ୍ୟାନନ୍ଦ ପଣ୍ଡା, ପବିତ୍ର ପାଣିଗ୍ରାହୀ, ବୀଣାପାଣି ପଣ୍ଡା, ସଂଜୟ ହାତୀ, ନବୀନ କୁମାର ପରିଡ଼ା, ପଂଚାନନ ମିଶ୍ର, ସ୍ୱର୍ଗତ ଧରଣୀଧର ପାଣିଗ୍ରାହୀ, ବିଜୟ କୁମାର ମହାନ୍ତି, ସ୍ୱର୍ଗତ ରବିନ୍ଦ୍ର କୁମାର ବିଶ୍ୱାଳ, ମନୋଜ ମହାନ୍ତିଙ୍କୁ ୨୦୧୫ ମସିହା ପାଇଁ ଏବଂ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଦେବଦାସ ଛୋଟରାୟ, ଭଗବାନ ଜୟସିଂ, ଫକୀର ସିଂହ, ପ୍ରସନ୍ନ କୁମାର ସ୍ୱାଇଁ, ସୁରେନ୍ଦ୍ର କୁମାର ମହାରଣା, ପ୍ରଦୋଷ ପଟ୍ଟନାୟକ, ଶାରଦା ରଥ, ଦେବେନ୍ଦ୍ର ଚୌଧୁରୀ ଓ ମିଶ୍ର ସତ୍ୟନାରାୟଣଙ୍କୁ ୨୦୧୬ ମସିହା ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। କରୋନା ମହାମାରୀ ପାଇଁ ବନ୍ଦ ହୋଇ ପଡ଼ିଥିବା ରବିନ୍ଦ୍ର ମଣ୍ଡପକୁ ସୁସଜ୍ଜିତ କରି ଏକ ବର୍ଣ୍ଣାଢ଼୍ୟ ପରିବେଶରେ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନଙ୍କୁ ତାମ୍ର ପ୍ରଶସ୍ତି ପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ସହିତ ଏକ ଲକ୍ଷ ଟଙ୍କାର ଅର୍ଥରାଶି ଓ ସାହିତ୍ୟ ଏକାଡେମୀ ପୁରସ୍କାର ବାବଦରେ ତାମ୍ର ପ୍ରଶସ୍ତି ପତ୍ର, ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ୨ ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

ବୁଧବାର, ୧୬ ଡିସେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ପୁରୀରେ ପ୍ରସ୍ତାବିତ ମେଡିକାଲ କଲେଜ ପାଇଁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ପୁରୀ ବିଧାୟକ

ଭୁବନେଶ୍ୱର,୧୫।୧୨ (ନି.ପ୍ର): ଗତକାଲି ରାଜ୍ୟ କ୍ୟାବିନେଟରେ ପୁରୀଠାରେ ୬୫୦ ଶଯ୍ୟାବିଶିଷ୍ଟ ମେଡିକାଲ କଲେଜ ନିର୍ମାଣ ହେବା ନିଷ୍ପତିକୁ ଅନୁମୋଦନ ମିଳିଛି। ଏହି ମେଡିକାଲ କଲେଜ ନିର୍ମାଣ ପାଇଁ ୨୨୪ କୋଟି ୫୫ଲକ୍ଷ ୬୯ହଜାର ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି । ଏହା ମଧ୍ୟରୁ କେନ୍ଦ୍ର ସରକାର ୬୦ ଭାଗ ଅର୍ଥ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ । ପୁରୀଠାରେ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ୨୦୨୨ ସୁଦ୍ଧା ଶେଷ କରି ପୁରୀବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାର କାର୍ଯ୍ୟ କରିବାକୁ ଶ୍ରୀ ଷଡଙ୍ଗୀ ଅନୁରୋଧ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର, ବାରିପଦା, ବଲାଙ୍ଗୀର, କୋରାପୁଟ ଏବଂ ପୁରୀରେ ମେଡିକାଲ କଲେଜ ନିର୍ମାଣ ପାଇଁ ନିର୍ଦ୍ଧାରିତ ଖର୍ଚ୍ଚ ୯୪୫ କୋଟି ରୁ ୫୬୭ କୋଟି ଟଙ୍କା କେନ୍ଦ୍ରସରକାର ରାଜ୍ୟକୁ ଦେଇସାରିଛନ୍ତି । ପୁରୀରେ ଯେଉଁ ମେଡିକାଲ କଲେଜ ନିର୍ମାଣ ହେବ ତାହାର ମୂଲ୍ୟ ହେଉଛି ୧୮୯ କୋଟି ଟଙ୍କା । ସମୁଦାୟ ଖର୍ଚ୍ଚରୁ ୧୧୩ କୋଟି ଟଙ୍କା କେନ୍ଦ୍ର ସରକାର ପଠାଇ ସାରିଛନ୍ତି ଏବଂ ୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ ହେବାକୁ ନିର୍ଦ୍ଦେଶ ଅଛି । କିନ୍ତୁ ରାଜ୍ୟସରକାର ପୁରୀ ମେଡିକାଲ କଲେଜ ପାଇଁ ସମୁଦାୟ ଖର୍ଚ୍ଚ ୨୨୪ କୋଟି ଟଙ୍କା ଏବଂ ଏହା ଶେଷ କରିବା ପାଇଁ ୩ ବର୍ଷ ଲାଗିବ କହି ପୁରୀବାସୀଙ୍କୁ ଭ୍ରମିତ କରୁଛନ୍ତି । ରାଜ୍ୟର ସାଢେ ୪ କୋଟି ଲୋକଙ୍କର ସ୍ୱାସ୍ଥ୍ୟ ସେବାକୁ ମୋଦି ସରକାର ଗୁରୁତ୍ୱ ଦେଇ ବାଲେଶ୍ୱର ଠାରେ ଏମ୍ସ ମେଡିକାଲ ସ୍ଥାପନା କରିଛନ୍ତି । ସେହିପରି ଜିଲ୍ଲାରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମଧ୍ୟ କେନ୍ଦ୍ର ସରକାର ଅର୍ଥ ପ୍ରଦାନ କରନ୍ତି ବୋଲି ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ କହିଛନ୍ତି ।

# ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ମନ୍ତ୍ରୀଙ୍କ ସି.ଆର୍.ଏସ୍.ଆର୍ ପରିଦର୍ଶନ

ଭଦ୍ରକ,୧୫।୧୨ (ନି.ପ୍ର): ବିଜ୍ଞାନ ଓ ପ୍ରଯୁକ୍ତି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା ଆଜି ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର୍.ଏସ୍.ଆର୍) ପରିଦର୍ଶନ କରିଥିଲେ। ଏହି ଅବସରରେ କେନ୍ଦ୍ରରେ ଥିବା ସ୍ୱଳ୍ପ ଦୃଷ୍ଟିବାଧିତ ପରୀକ୍ଷା ବିଭାଗ, ଫିଜିଓଥେରାପି, ଅକୁପେସନାଲଥେରାପି, କୃତ୍ରିମ ଅଙ୍ଗ ବିଭାଗ (ପି ଏଣ୍ଡ ଓ), ଶ୍ରବଣ ଓ ବାକ୍‌ଶକ୍ତି ପରୀକ୍ଷା ବିଭାଗ ପରିଦର୍ଶନ କରିବା ସହିତ ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ଅନ୍ତେବାସୀ ପିଲାମାନଙ୍କୁ ଫଳ ବଣ୍ଟନ କରିଥିଲେ। ପରିଶେଷରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପଣ୍ଡା ଟ୍ରାଇସାଇକେଲ, ଘୂର୍ଣ୍ଣନଚୌକି, ଶ୍ରବଣଯନ୍ତ୍ର, କୃତ୍ରିମ ଅଙ୍ଗ, ଆଶାବାଡ଼ି,ସିପି ଚେୟାର, ସ୍ମାର୍ଟଫୋନ ଇତ୍ୟାଦି ବଣ୍ଟନ କରିଥିଲେ। ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପଣ୍ଡାଙ୍କ ଏହି ପରିଦର୍ଶନ ସମୟରେ ଭଦ୍ରକ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଅନୁପମା ଘୋଷ ଉପସ୍ଥିତ ଥିଲେ । ସି.ଆର.ଏସ.ଆର. ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଭଗବାନ ପରିଡ଼ା, ମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତଥା ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କୁ ସ୍ୱାଗତ ଜଣାଇ ଥିଲେ।



## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୧ ଗିରଫ

ଭୁବନେଶ୍ୱର,୧୫।୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ୩ଟି ମାମଲା ରୁଜୁ କରା ଯାଇ ୨୧ ଜଣଙ୍କୁ ଗିରଫ କରିଥିବା ବେଳେ ୬୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୮୯,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ମନୋଜ ଦାସଙ୍କୁ ଉନ୍ନତ ଚିକିତ୍ସା ସେବା ପ୍ରଦାନ ଦାବି



ବାଲେଶ୍ୱର,୧୫।୧୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧିର ଅନ୍ୟତମ ବିନ୍ଧାଣୀ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡକ୍ଟର ମନୋଜ ଦାସଙ୍କ ଅସୁସ୍ଥତାକୁ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲେ ବି ତାଙ୍କର ଉନ୍ନତ ଚକିତ୍ସା ଦିଗରେ ଉଚିତ ପଦକ୍ଷେପ ନିଆଯାଉନଥିବା ଆରୋପ ଉଠାଇଛନ୍ତି ଡାକ୍ତର ପ୍ରଳୟ ନାୟକ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନୋଜ ଦାସଙ୍କୁ ଭଲ ପାଉଥିବା ଓଡ଼ିଶାର ଅଗଣିତ ପାଠକଙ୍କୁ ନିବେଦନ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବାରେ ବ୍ୟାସକବିଙ୍କ ପରେ ମନୋଜ ଦାସ ହିଁ ଅନ୍ୟତମ ସାରସ୍ୱତ ସାଧକ। ମାତ୍ର ତାଙ୍କର ଏଭଳି ଅବସ୍ଥାରେ ତାଙ୍କୁ ଉନ୍ନତ ଚିକିତ୍ସା ପ୍ରଦାନରେ ଆମର କର୍ତ୍ତବ୍ୟକୁ ଆମେ ଭୁଲି ଯାଉଛୁ। ତାଙ୍କୁ ପଣ୍ଡିଚେରୀରୁ ଆଣି ଭୁବନେଶ୍ୱର କିମ୍ବା ଦିଲ୍ଲୀ ଏମ୍ସ ହସପିଟାଲରେ ଭର୍ତ୍ତି କରିବାକୁ ଡାକ୍ତର ନାୟକ ସମସ୍ତଙ୍କୁ ନିବେଦନ କରିଛନ୍ତି। ଓଡ଼ିଶା ପାଇଁ ଗୌରବ ଆଣିଥିବା ଏହି ବ୍ୟକ୍ତିତ୍ୱଙ୍କ ପ୍ରତି ରାଜ୍ୟ ସରକାର ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ସେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦତ୍ତାତ୍ରୋୟ ଦାଶ ଓ ରାଜେଶ ରାଉତ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପୁଣି ଅଲୋଡା ହେଲା ଶିଶୁକନ୍ୟା : ବାରୁଣି ଶ୍ମଶାନ ଘାଟ ନିକଟରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ବାରିପଦା,୧୫।୧୨ (ନି.ପ୍ର): ଏବେବି ଅଲୋଡା ହୋଇ ପଡୁଛି ଶିଶୁକନ୍ୟା । କନ୍ୟାଭୃଣ ହତ୍ୟା ଏକ ସାମାଜିକ ବ୍ୟାଧି ପାଲଟିଥିବା ବେଳେ ସରକାର ବିଭିନ୍ନ ଆଇନ ଆଣି କନ୍ୟା ଭୃଣହତ୍ୟା ରୋକିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ସାମାଜିକ ସଚେତନତା ଅଭାବରୁ ସମାଜରେ ଶିକ୍ଷିତ ବୋଲାଉଥିବା ଲୋକେ କନ୍ୟା ଭୃଣହତ୍ୟା କରୁଥିବା ବିଭିନ୍ନ ସମୟରେ ଦେଖାଯାଉଛି । ତେବେ ନବଜାତ ଶିଶୁକନ୍ୟା ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଆଜି ବାରିପଦାର ବାରୁଣି ଶ୍ମଶାନ ଘାଟ ନିକଟରେ ସକାଳ ପ୍ରାୟ ୯ଟା ସମୟରେ ଏକ ନବଜାତ ଶିଶୁକନ୍ୟା ପରିତ୍ୟକ୍ତ ଅବସ୍ଥାରେ ପଡିଥିବାର ଦେଖି କିଛି ସ୍ଥାନୀୟ ଲୋକ ଚାଇଲ୍ଡ ଲାଇନ ଓ ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ଓ ଚାଇଲ୍ଡ ଲାଇନର କର୍ମକର୍ତ୍ତା ମାନେ ପହଂଚି ନବଜାତ ଶିଶୁ ଟିକୁ ଉଦ୍ଧାର କରିବା ସହିତ ତାର ଚିକିତ୍ସା ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲର ଏସଏନସିୟୁରେ ଭର୍ତ୍ତି କରିଥିବାର ଜଣାଯାଇଛି । ତେବେ ଏସଏନସିୟୁରେ ପିଲାଟି ବର୍ତ୍ତମାନ ସୁସ୍ଥ ଥିବାର ଜଣାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବା ବେଳେ ପିଲାଟିର କେହି ଦାବୀଦାର ନଆସିଲେ ନିୟମ ମୁତାବକ ପିଲାଟି ଶିଶୁଯତ୍ନ କେନ୍ଦ୍ରରେ ରହିବ ବୋଲି ଜଣାଯାଇଛି। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଲାଗିରହିଛି ।



## ରେଳ ଷ୍ଟେସନ ପରିସରରେ ଥିବା ଅସହାୟଙ୍କୁ କମ୍ବଳ ବଣ୍ଟନ



ଜଳେଶ୍ୱର, ୧୫/୧୨ (ନିପ୍ର) : ବାଲିଆପାଳ କଟିସାହି ବି ଠାକୁର ଅନୁକୂଳଚନ୍ଦ୍ର ସେବାଶ୍ରମ ତରଫରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କରଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗରିବ ଦୁଃଖ ନିଃସହାୟଙ୍କୁ ସୋମବାର ସଂଧ୍ୟାରେ ୧୩ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏହି ବଣ୍ଟନ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଡ. ଅଜିତ୍ କୁମାର ମହାନ୍ତି, ଗଜେନ୍ଦ୍ର ଭଞ୍ଜ, ବିଶ୍ୱନାଥ ଦାସ, ରାଧାନାଥ ସି, ରବିନ୍ଦ୍ର ସେନାପତି, ସତ୍ୟବ୍ରତ ସୋମ, ସମ୍ଭୁନାଥ ଗୁପ୍ତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଧାନ କିଣାରେ ଖିଲାପ ଅଭିଯୋଗ : ସମିତି ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ୍

ବାଲେଶ୍ୱର,୧୫।୧୨ (ନି.ପ୍ର): ଧାନ କିଣାରେ ଖିଲାପ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ଚଣ୍ଡିଘର ପ୍ରାଥମିକ କୃଷି ସମବାୟ ସମିତି ଲିଃ.ର ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଗତ ଡିସେମ୍ବର ୨ ତାରିଖରୁ ଧାନ କ୍ରୟ ଆରମ୍ଭ କରିବା ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତି ନିଆଯାଇଥିଲା । ତେବେ ଚାଷୀମାନଙ୍କର ଟୋକନ ଥିଲେ ମଧ୍ୟ ଚଣ୍ଡିଘର କୃଷି ସମବାୟ ସମିତି ପକ୍ଷରୁ ଧାନ କିଣା ହୋଇପାରି ନ ଥିବା ଜଣାପଡିଛି । ଡିସେମ୍ବର ୨, ୪, ୭, ୯ ଓ ୧୧ତାରିଖ ଦିନ ଧାନ ବିକ୍ରି ପାଇଁ ଯେଉଁ ଚାଷୀମାନଙ୍କୁ ଟୋକନ ମିଳିଥିଲା ସେମାନଙ୍କ ପାଖରୁ ଧାନ କିଣା ହୋଇ ପାରି ନାହିଁ । ଫଳରେ ୯୫ଜଣ ଚାଷୀ ନିର୍ଦ୍ଧାରିତ ଦିନରେ ସେମାନଙ୍କ ଧାନ ବିକ୍ରି କରିବାରୁ ବଂଚିତ ହୋଇଛନ୍ତି । ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କଠାରୁ ରିପୋର୍ଟ ପାଇବା ପରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସମିତି ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବାଲେଶ୍ୱର ଡି.ଆର.ସି.ଏସ. (ସମବାୟ ସମିତି ଉପନିବନ୍ଧକ) ପି.କେ.ମହାନ୍ତି ଚଣ୍ଡିଘର ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ରବିନାରୟଣ ବାରିକଙ୍କୁ ୨୪ ଘଂଟା ମଧ୍ୟରେ କାରଣ ଦର୍ଶାଇବା ପାଇଁ ନୋଟିସ୍ ପ୍ରଦାନ କରିଛନ୍ତି । ଏଥିରେ ଖିଲାପ କଲେ ତାଙ୍କ ବରୋଧରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି । ଏଥି ସହିତ ସରକାରୀ ନୀତି ନିୟମ ଅନୁଯାୟୀ ଧାନ ମଣ୍ଡି ଖୋଲା ରଖିବା ଓ ନିର୍ଦ୍ଧାରିତ ଦିନରେ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ଜିଲ୍ଲାର ସମସ୍ତ ପ୍ରାଥମିକ କୃଷି–ସମବାୟ ସମିତିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

# ହେଲ୍ପ ଫର ୟୁ ଫାଉଣ୍ଡେସନ ଉଦ୍‌ଘାଟିତ




ଜଳେଶ୍ୱର, ୧୫/୧୨ (ନିପ୍ର) : ଜଳେଶ୍ୱର ବ୍ଲକ ଶରସୀଦାଠାରେ ଥିବା ଆନନ୍ଦାୟନ କନ୍ୟାଶ୍ରମରେ ହେଲ୍ପ ଫର ୟୁ ଫାଉଣ୍ଡେସନ ଉଦ୍‌ଘାଟିତ ହୋଇଯାଇଛି । ଅଧୁନା ସମାଜରେ ଅବହେଳିତ ରାସ୍ତାରେ ବୁଲୁଥିବା ବୃଦ୍ଧ/ବୃଦ୍ଧା ସାହାଯ୍ୟ କରିବା ପାଇଁ ଜଳେଶ୍ୱର ଅଂଚଳରେ ସେବାଶ୍ରମ ଆବଶ୍ୟକ ଥିଲା । ସମାଜସେବୀ ତଥା ଫାଉଣ୍ଡେସନର ସଭାପତି ମାନସ ଧଳଙ୍କ ଅକ୍ଳାନ୍ତ ଚେଷ୍ଟାରେ ଆଜି ତାର ଶୁଦ୍‌ଘାଟନରେ ଉଦ୍‌ଘାଟକ ଜଳେଶ୍ୱର ଥାନା ଆଇଆଇସି ମାନସ ଦେଓ, ସମାଜସେବୀ ମମି ପଣ୍ଡା, ଅତିଥି କାଂଚନବାଳା ପରିଡା, ରାମଚନ୍ଦ୍ର ସିଂ, ଶ୍ରୀକାନ୍ତ ଜେନା, ଗଦାଧର ପରିଡା ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଅନୁଷ୍ଠାନର କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ସତ୍ୟବ୍ରତ ପରିଡା (ମୁନା) ଆଗାମୀ ଦିନରେ ବୃଦ୍ଧାଶ୍ରମ ପାଇଁ ଜାଗାଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଆଗାମୀ ଦିନରେ ଭୋକିଲା ପେଟକୁ ଦାନା, ରାଜରାସ୍ତାରେ ବୁଲୁଥିବା ଅସହାୟ ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ, ବିବାହ ଭୋଜି ଅବସରରେ ବଳକୁ ଖାଦ୍ୟକୁ ଆଣି ଗରିବ ଦୁଃଖିଙ୍କୁ ବଣ୍ଟନ । ବୃଦ୍ଧବୃଦ୍ଧାଙ୍କୁ ଆଶ୍ରମରେ ରଖି ସେବା ପ୍ରଦାନ ପ୍ରଭୃତି କାର୍ଯ୍ୟକ୍ରମ ସଂପର୍କରେ ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି ସଭାରେ ଉପସଭାପତି ସୁଜିତ କାମିଲା, ସଂପାଦକ ଶୁଭାଷିଶ ମାନସ ରଂଜନ ରାଉଳ, ପ୍ରଶାନ୍ତ ବେହେରା, ଗତିକୃଷ୍ଣ ପ୍ରଧାନ ପ୍ରମୁଖ ବହୁ ସଦସ୍ୟ/ସଦସ୍ୟା ଉପସ୍ଥିତ ରହି ପରିଚାଳନା କରିଥିଲେ । ଉପଦେଷ୍ଟା ହେମନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ, ଶିଶୁ ମାନଙ୍କୁ ପାଠ୍ୟପୋକରଣ ଏବଂ ଖାଦ୍ୟ ବଣ୍ଟନ କରାଯାଇଥିଲା ।

# ଶିମିଳିପାଳରେ କୁଟୁରା ଶିକାର କରୁଥିବା ବେଳେ ୨ପୋଲିସ କର୍ମଚାରୀ ଗିରଫ

ବାରିପଦା,୧୫।୧୨ (ନି.ପ୍ର): ସୁରକ୍ଷା ପାଇଁ ଚାକିରି କରି ଥିବା ପୋଲିସ କର୍ମଚାରୀ ଶେଷରେ ବେଆଇନ ଶିକାର କରି ଗିରଫ ହୋଇଥିବାର ଖବର ମିଳିଛି । ଏମିତି ଏକ ଅବାବନୀୟ ଘଟଣା ଘଟିଛି ଶିମିଳିପାଳ ଅଭୟାରଣ୍ୟ ଅଂଚଳରେ। ସୋମବାର ଦୁଇ ଜଣ ପୋଲିସ କର୍ମଚାରୀ ମାଇ କୁଟୁରା ଶିକାର କରୁଥିବା ବେଳେ ଶିମିଳିପାଳ ବନ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବାଲେଶ୍ୱର ଜିଲ୍ଲା ସହଦେବଖୁଂଟା ପୋଲିସ ଷ୍ଟେସନରେ କାର୍ଯ୍ୟରତ ଦୁଇଜଣ ପୋଲିସ କର୍ମଚାରୀ ଅଭୟାରଣ୍ୟ ଭିତରକୁ ବୁଲିବାକୁ ଆସିଥିବା ବେଳେ, ଏକ ମାଇ କୁଟୁରା ଶିକାର କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଏବିଷୟରେ ଖବର ପାଇଥିଲେ ଶିମିଳିପାଳ ଅଭୟାରଣ୍ୟ ବନ ଅଧିକାରୀ। ଶୀକାର କରିସାରିଥିବା ବେଳେ ମୃତ କୁଟୁରା ସହିତ ବନ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇଛନ୍ତି ଏହି ଦୁଇ ଜଣ ପୋଲିସ କନଷ୍ଟେବଳ। ଗିରଫ ଦୁଇଜଣ ହେଲେ ବାଲେଶ୍ୱର ଜିଲ୍ଲା ସହଦେବଖୁଂଟା ପୋଲିସ ଷ୍ଟେସନରେ କାର୍ଯ୍ୟରତ କନଷ୍ଟେବଳ ପୂର୍ଣଚନ୍ଦ୍ର ମଢେଇ, ଅନ୍ୟଜଣେ ସେହି ଥାନାର ହେମନ୍ତ କୁମାର ମହାନ୍ତି। ଦୁଇ ପୋଲିସ କନେଷ୍ଟବଳଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ଥିବାର ବନ ବିବାଗ ତରଫରୁ ସୂଚନା ମିଳିଛି । ତେବେ ଶିମିଳିପାଳ କୋର ଏରିଆରେ ଏହିଭଳି ବିଭିନ୍ନ ସମୟରେ ବେଆଇନ ପଶୁଶୀକାର ହେଉଥିବାର ଅଭିଯୋଗ ହୋଇ ଆସୁଥିବା ବେଳେ,ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ଶିମିଳିପାଳ ବ୍ୟାଘ୍ର ସଂକ୍ଷରଣ ପ୍ରକଳ୍ପ।




# ହେମନ୍ତ ସାହୁଙ୍କ ଦ୍ୱିତୀୟ ସ୍ମୃତିଚାରଣ ଦିବସ



ବାଲେଶ୍ୱର,୧୫।୧୨ (ନି.ପ୍ର): ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସମାଜ'ର ପୂର୍ବତନ ପରିଚାଳକ ତଥା ସମାଜସେବୀ, ଦରଦୀ ମଣିଷ ସ୍ୱର୍ଗତଃ ହେମନ୍ତ ସାହୁଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ମଙ୍ଗଳବାର ସକାଳେ ସ୍ୱସ୍ତି ନଗର କଲୋନୀରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତିଚାରଣ ସଭାରେ ପ୍ରମେୟ, ବାଲେଶ୍ୱର ସଂସ୍କରଣର ମୁଖ୍ୟ ସତ୍ୟଶିବ ଦାସ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିଲେ। ବରେଣ୍ୟ ଅତିଥି ଭାବେ 'ଆମ ନ୍ୟୁଜ୍'ର ନିର୍ଦ୍ଦେଶକ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ସମାଜର ମୟୂରଭଞ୍ଜର ଜିଲା ପ୍ରତିନିଧି ଡ. ବିଜୟ ଅଗ୍ରୱାଲ, କବି ପ୍ରଶାନ୍ତ ଦାସ, ସମାଜର ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ ମଧୁସୂଦନ ଦାସ, ନେସକୋର ସାଧାରଣ ପରିଚାଳକ ସୁଶାନ୍ତ ଦାଶ, ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜର ପ୍ରିନ୍ସିପାଲ ନିକୁଞ୍ଜ ବିହାରୀ ଦାସ, ରାଜେଶ ଗିରି, କୃତ୍ତିବାସ ପଟ୍ଟନାୟକ, ବିଶିକେସନ ଦାସ ପ୍ରମୁଖଙ୍କ ସହ ପୁଅ ଏସ ଭିର ବିକ୍ରମ ଓ ଝିଅ ସୁମନା ପ୍ରମୁଖ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଥମେ ଅତିଥିମାନେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିଥିଲେ। କିଶୋରୀ କୃପା ଦାସ, ନିଲେଶ କୁମାର ରାଉତ ଓ ବବ୍‌ଲି ଶ୍ଳୋକ ଆବୃତି କରିଥିଲେ। ସ୍ମୃତିଚାରଣ ଅବସରରେ ସଭାପତିତ୍ୱ କରୁଥିବା ଶ୍ରୀ ଦାସ କହିଥିଲେ ଯେ ଏହା ଭିତରେ ଦୁଇ ବର୍ଷ ବିତିଗଲାଣି କେମିତି ଜଣାନାହିଁ। ତେବେ ସାର ଥିଲେ ନିର୍ଦ୍ଦେଶ ଦେବା ଭଳି ବ୍ୟକ୍ତିତ୍ୱର ଅଧିକାରୀ। ତାଙ୍କ ନିର୍ଦ୍ଦେଶ ହିଁ ଥିଲା ସମସ୍ତଙ୍କ ପାଇଁ ଗ୍ରହଣୀୟ। ତାଙ୍କର ବାମ ଓ ଡାହାଣ ପଟରେ ମୁଁ ଓ ମଧୁସୂଦନ ଦାସ ଦୁଇ ଜଣ ସେନାପତି ଭଳି ଥିଲୁ। ସବୁ କ୍ଷେତ୍ରରେ ଆମକୁ ଆଗ ଫୋନ କଲ ଯାଉଥିଲା। ସେ ବିଜୁଳି କାଟ ହେଉ କି ଅନ୍ୟ ସମସ୍ୟା। ତାଙ୍କରି ଯୋଗୁଁ ଏହି କଲୋନୀର ସୃଷ୍ଟି ହୋଇ ପାରିଛି। ବିପ୍ଳବ ମହାନ୍ତି କହିଥିଲେ ଯେ ସ୍ୱର୍ଗତ ସାହୁ ତାଙ୍କର ଘନିଷ୍ଠ ବନ୍ଧୁ ଥିଲେ। ସେ ଜଣେ ଦରଦୀ, ହୃଦୟବାନ ଓ ସୁ ସଂଗଠକ ଥିଲେ। କବି ପ୍ରଶାନ୍ତ ଦାସ କହିଥିଲେ ଯେ ଶ୍ରଦ୍ଧା ନଥିଲେ ସ୍ମୃତି ମୂଲ୍ୟହୀନ। ତାଙ୍କ ସହିତ ଶ୍ରଦ୍ଧା ଥିବା ଯୋଗୁଁ ସ୍ମୃତିଚାରଣ ସଭାରେ ଆମେ ଏକତ୍ରିତ ହୋଇଛେ। ଜୀବନ ଓ ମୃତ୍ୟୁ ନିର୍ଦ୍ଦିଷ୍ଟ। ହେଲେ ହେମନ୍ତଙ୍କ ଭଳି ବ୍ୟକ୍ତିତ୍ୱର ମୃତ୍ୟୁ ନାହିଁ। ଆମ ଭିତରେ ହେମନ୍ତ ସାହୁ ଓ ହେମନ୍ତଙ୍କ ଭିତରେ ଆମେ ରହିଥାଉ ବୋଲି କହିଥିଲେ। ବିଜୟ ଅଗ୍ରୱାଲ କହିଥିଲେ ଯେ ମୁଁ ଅନୁଭବ କରିପାରୁ ନାହିଁ କି ସେ ଆଜି ଆମ ଗହଣରେ ନାହାନ୍ତି। ୭୨ ବର୍ଷ ଭିତରେ ମୁଁ ତାଙ୍କ ଭଳି ବ୍ୟକ୍ତିତ୍ୱର ସଂସ୍ପର୍ଶରେ ଆସି ନାହିଁ। ସେ ସ୍ପଷ୍ଟବାଦୀ ଥିଲେ। ମଥାନତ କରିବାର ବ୍ୟକ୍ତି ସେ ନଥିଲେ। ମଧୁସୂଦନ ଦାସ କହିଥିଲେ ଯେ ସ୍ୱର୍ଗତ ହେମନ୍ତ ସାହୁ ବାଲେଶ୍ୱର ଆସିବାଠାରୁ ସ୍ୱର୍ଗଦ୍ୱାର ଯିବା ଯାଏ ସବୁବେଳେ ତାଙ୍କ ସହିତ ରହି ଆସିଛନ୍ତି। ସେ ସବୁବେଳେ ବଡ଼ ଭାଇ ବା ବାପାର ସମ୍ପର୍କ ଆମ ଉପରେ ଜାହିର କରୁଥିଲେ। ସେ କହୁଥିଲା ବେଳେ ତାଙ୍କର ସବୁ କଥା ମାନିବାକୁ ପଡ଼ିଥାଏ ଓ ପରବର୍ତ୍ତି ସମୟରେ ତାଙ୍କୁ ଠିକ ଭୁଲ କ'ଣ କହିଲେ ସେ ବୁଝି ଯାଉଥିଲେ। ଶୃଙ୍ଖଳା କ'ଣ ତାଙ୍କ ପାଖରୁ ହିଁ ଶିକ୍ଷା ମିଳିଥାଏ। ଶେଷରେ ଝିଅ ସୁମନା ବାପା କେମିତି ମୃତ୍ୟୁର କେଇ ଦିନ ପୂର୍ବ ପର୍ଯ୍ୟନ୍ତ ଆକଟ କରୁଥିଲେ ଓ ସେହି ଆକଟର ମହତ୍ତ୍ୱ ଏବେ ବୁଝୁଛି ବୋଲି କହିଥିଲେ। ବାପାଙ୍କର ଛବି ଆମ ଭାଇ ଭଉଣୀଙ୍କ ଭିତରେ ସବୁବେଳେ ପାଇବେ ବୋଲି କୋହଭରା କଣ୍ଠରେ କହିଥିଲେ।

ସ୍ମୃତିଚାରଣ ଦିବସ ଅବସରରେ ଝିଅ ସୁମନା ଓ ପୁଅ ବିକିଙ୍କ ନେତୃତ୍ୱରେ କଲୋନୀର ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସ୍ମୃତିଚାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନଗେନ୍ଦ୍ର କୁମାର ପାଢ଼ୀ, ଲଲାଟେନ୍ଦୁ ମହାପାତ୍ର, ମନୋରଞ୍ଜନ ବେହେରା, ରାମଚନ୍ଦ୍ର ସାହୁ, ଖଗେନ୍ଦ୍ର ଭାରତୀ, ରାଜେଶ ରଥଙ୍କ ସହ କଲୋନୀର ବାସିନ୍ଦାମାନେ ଉପସ୍ଥିତ ଥିଲେ। ପୁଅ ବିକି ଧନ୍ୟବାଦ ଦେଇଥିଲେ।

GOVERNMENT OF ORISSA
OFFICE OF THE EXECUTIVE ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com

Letter No. 6210/WE // Date:- 09.12.20.

"e" Procurement Notice for Building Works
Bid Identification No – RWDKNJ – 08 / 2020-21

1. Name of the work : Building Works (As per Annexure)
2. Estimated Cost : Rs. 1.33 to Rs. 4.42 Lakhs Approximately (As per Annexure).
3. Class of Contractor : 'D' & 'C' Class, (As per Annexure)
4. Period of Completion : 1 (One) Months
5. Tender Paper Cost : Rs. 600/- & Rs. 2000/- (As per Annexure)

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Technical Bid O/O E.E..R.W. Division, Karanjia. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | Building On-line N.C.B. No. RWDKNJ-08/2020-21. | Dt. 19.12.2020 at 11.00 A.M. | Dt. 30.12.2020 up to 5.00 P.M. | Dt. 29.12.2020 up to 1.00 P.M. | Dt. 31.12.2020 at 11.00 A.M. |

Further details can be seen from the website www.tendersorissa.gov.in

Sd-
Executive Engineer
R.W. Division, Karanjia

OPIR : 25086/11/0007/2021

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo